# ନାରୀ ଓ ପୁରୁଷ

ନଂ ୧୪୩
ତା 17 JUL 1959
ରାଉରକେଲା

ପ୍ରସନ୍ନ କୁମାର ମହାପାତ୍ର

ଜନସାହିତ୍ୟ ପ୍ରକାଶନ

ପ୍ରକାଶକ :
ଜନ-ସାହିତ୍ୟ ପ୍ରକାଶନୀ
ଗଙ୍ଗାମନ୍ଦିର, କଟକ—୧

ନୂତନ ମୁଦ୍ରଣ
ଫେବୃୟାରୀ—୧୯୫୮

ମୂଲ୍ୟ—ଏକଟଙ୍କା ପଚାଶ ନୂ: ପ:

ମୁଦ୍ରାକର :
କୃଷକ ପ୍ରେସ, କଟକ—୧

ଶ୍ରୀ ଉତ୍କଳ ସଂଘ ଲାଇବ୍ରେରୀ
ନଂ. 183
ତା 17 JUL 1959
ରାଉରକେଲା

ଉଗ୍ର ପଉଷର ଏକ ଗୋଧୂଳି ସଞ୍ଜ··

ଶିଶିର ସିକ୍ତ ପାଂଶୁଳା ସମୀରର ବେପଥୁ ଝଲକ ତଳେ ପ୍ରକୀର୍ଣ୍ଣ
ଙ୍କର ଶୀର୍ଣ୍ଣ ଦେହ ନଇଁ ନଇଁ ଆସୁଛି । ଧରାର ପୁଲକଭରା ଚିବୁକ
ରେ ଲୋଲୁପତାର ଚୁମ୍ବନ ପରଶ ଦେଇ ଦୂର ଚକ୍ରବାଳ ଫାଙ୍କରେ
ଖା ଦେଉଛି ସିତାଂଶୁ···। ମନୁଷ୍ୟ ଜୀବନର ସାବଲୀଳତା ଉପରେ
ଢର ଏହି ଚିତ୍ରିତ ରୂପାୟନ ବେଶ୍ ଉପଭୋଗ୍ୟ ।

ଗତ ଏକ ସପ୍ତାହ ଧରି ମୋର ଏହି ଧୂଳିମାଟିର ଦେହ ଲୋଟି ପଡ଼ିଛି
ଶଯ୍ୟା ଉପରେ । କାଶ, ଶର୍ଦ୍ଦି, ଜ୍ୱର—ଏକାବେଳକେ ତିନି ତିନୋଟି
ବ୍ୟାଧିର ଆକ୍ରମଣରେ ଭାଙ୍ଗି ପଡ଼ିଥିଲି । ଉଠି ବସିବାପାଇଁ ଶକ୍ତି
ନାହିଁ ଦେହରେ । ବିଜ୍ଞାନ ଯୁଗର ନୂତନ ଉଦ୍‌ଭାବନ 'ପେନିସିଲିନ୍'
ତେ ମୃତ୍ୟୁ ମୁଖରୁ ଟାଣି ଆଣିଛି । ସାତ ଦିନର ବାର୍ଲି, ସାଗୁ
ଟି ରୁଣ୍ଡ କାଳି ପ୍ରଥମ ହୋଇ ଦୋ'ଟି ଭାତ ଧରିଛି । ସମ୍ପୂର୍ଣ୍ଣ ବଳ ଫେରି
ନି । ଶୀତ ଦିନର ଶୁଷ୍କତା ଓ ରୋଗଜନିତ ପାଣ୍ଡୁରତା ମୋର
ଫରଫର ଗୋରା ଦେହକୁ ରକ୍ତମ୍ଳାନ କରି ଦେଇଛି । ଦେହରେ
ସ୍ ଟ୍ରୋଜର' ନ ଲଗାଇବା ପାଇଁ ଡାକ୍ତରଙ୍କ ବାରମ୍ବାର ତାଗିଦ୍ ।
ପାଇଁ ମୋ ସହର ଜୀବନର ଏକମାତ୍ର ସୁଖଦୁଃଖର ସାଥୀ ପୁଷ୍ପାଞ୍ଜି
କେ ବାରଣ କରିଛି ପଦାକୁ ଗୋଡ଼ କାଢିବା ପାଇଁ । ତଥାପି ମୁଁ କ'ଣ
ରି ? ଲଙ୍ଗଳା ଦେହ ଉପରେ ଆଭିଜାତ୍ୟର ଆବରଣ ଗ୍ୟାବାର୍ଡିନ୍
ଲଗାଇ ନେଇ ବାହାରି ଆସିଛି ବାହାରକୁ ।

ସାହିତ୍ୟ ସେବା ମୋ ଜୀବନର ଚରମ ବ୍ରତ···କଲା ଓ
ସଂସ୍କୃତିର ଉନ୍ନତି ମୋର ପ୍ରଧାନ ଲକ୍ଷ୍ୟ । ଅତି ପିଲା ବୟସରୁ ସାହିତ୍ୟ
ପ୍ରତି ପ୍ରଗାଢ଼ ଅନୁରକ୍ତି ଥିଲା । ମନ ଯେତେବେଳେ ଅବିକଶିତ ଥିଲା···
ବିବେକ ଯେତେବେଳେ ଅବଚେତନ ଥିଲା— ପ୍ରାଣ ଯେତେବେଳେ ଅସ୍ଥିର
ଥିଲା···ଆଉ ଭାଷା ଯେତେବେଳେ ଅପରିମାର୍ଜିତ ଥିଲା···ସେତିକ
ବେଳରୁ ଆମ ଓଡ଼ିଆ ସାହିତ୍ୟର ବିକାଶ ଲାଗି ମୁଁ ପାଇଛି ଏକ ଅପୂର
ପ୍ରେରଣା । ମୋର ସଂବୃତ ବ୍ୟକ୍ତିତ୍ୱ ଭିତରୁ ମୁଁ ଦେଖି ପାରିଛି ଯାତ୍ରିମାନ
ସାହିତ୍ୟର ଏକ ଉଜ୍ଜ୍ୱଳ ଆଲୋକ ଶିଖା । ସେତେବେଳେ ମୋର
ଅଭିବ୍ୟକ୍ତି ଅତି କ୍ଷୁଦ୍ର ଥିଲା । ବଳିଷ୍ଠ ଆଉ ସମୁଜ୍ଜ୍ୱଳ କରି ଗଢ଼ିବ
ଭଳି ଶକ୍ତି ପାଇ ପାରି ନ ଥିଲି । କେତେ ଲାଞ୍ଛନା କେତେ ଅବମାନନ
ଭିତରେ ସାହିତ୍ୟର ନୀରବ ସ୍ମାରକରୂପେ ମୁଁ ନିଜକୁ ଗଢ଼ି ଆଣି
ଆଜି ପର୍ଯ୍ୟନ୍ତ । ଅନାହୂତ ଭାବରେ କେତେ ସାଂସ୍କୃତିକ ଅନୁଷ୍ଠାନରେ
ଯୋଗ ଦେଇ ଉପହସିତ ହୋଇଛି । ତଥାପି ପଛେଇ ଯାଇନି । ଆ
ଆଜି ·!

ଆଜି ମୋର ବ୍ୟକ୍ତିତ୍ୱ ପୂର୍ଣ୍ଣ ବିକସିତ । ଭାବନା ଅସୀମ । ପ୍ରଜ୍ଞା
ଅଭିବୃଦ୍ଧି ସାଥିରେ ଅବଚେତନ ପ୍ରାଣ ବେଶ୍ ସଚେତ ହୋଇ ଉଠିଛି
ସାହିତ୍ୟ ସମାଜରେ ସୁନାମ ବଢ଼ି ଉଠିଛି । ଆଜି ମୁଁ ଜଣେ ଲବ୍ଧପ୍ରତି
ସାହିତ୍ୟିକ ଭାବରେ ପାଠକ ମହଲରେ ପରିଚିତ । ଟାଉନ୍‌ହଲ୍‌ରେ
ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଏକ ସଭାର ଆୟୋଜନ ହୋଇଛି । ମୁ
ସେଥିରେ ପ୍ରଧାନ ବକ୍ତା ରୂପେ ନିମନ୍ତ୍ରିତ । ପ୍ରଚୁର ପତ୍ରରେ ମୋର ନା
ପ୍ରକାଶ ପାଇଛି । କମିତିବା ଏଇ ଅଳୀକ ଦେହର ମମତା ଲାଗି ଅମ
ସାହିତ୍ୟର ସ୍ୱାଗତକୁ ଉପେକ୍ଷା କରି ଆଥାନ୍ତି ?

ନିଜ ଭିତରେ ଢେର ଚିନ୍ତା କରିଛି । ପ୍ରତ୍ୟେକ ମୁହୂର୍ତ୍ତିକେ ...
ଠୋକ୍‌କର ମୋର ଦୁର୍ବଳ ମନକୁ ସଚେତ କରାଇ ଦେଇଛି । ଧୂଳିମ
ଜୀବନ ଅପେକ୍ଷା ବାଣୀର ସ୍ଥାନ ଢେର ଉଚ୍ଚରେ । ସଂସ୍କୃତିର ସଂସ୍କାର
ଭାଷାର ଉତ୍କର୍ଷତା ମନୁଷ୍ୟର ଜୀବନ ବିକାଶର ଏକ ଶ୍ରେଷ୍ଠ ଉପ

ଥଣ୍ଟି ସାହିତ୍ୟର ବଳିଷ୍ଠତା ନାହିଁ···ଭାଷାର ଅଭିବ୍ୟକ୍ତି ନାହିଁ, ସେପରି ାନରେ ମନୁଷ୍ୟ ବଂଚି ରହିବାର ମାଧୁର୍ଯ୍ୟତା ବା କାହିଁ ? ଆଜି ଭାଷାଜ୍ଞାନ ଛୁର ଯୁଗ ନାହିଁ କି ବିବେକହୀନ ଦ୍ରାବିଡ଼ ସମାଜ ନାହିଁ । ସେ ସବୁ ଆଜି ଇତିହାସର ବସ୍ତୁ ।

ଏମିତି ଭାବନାର ଦ୍ୱନ୍ଦ୍ୱ ଭିତରେ ପାଦାଲୁ ଗୋଡ଼ କାଢ଼ିଛି । ାଉଟାରେ ଅନୁଷ୍ଠାନର କାର୍ଯ୍ୟାରମ୍ଭ । ଘଣ୍ଟାକୁ ଚାହିଁ ଦେଖିଲି ଆଉ ମାତ୍ର ଦର ମିନିଟ ବାକି । ଏତିକି ସମୟ ଜଣେ ସୁସ୍ଥ ସବଳ ଯୁବକ ପାଇଁ ଯଥେଷ୍ଟ ହେଲେବି ମୋପରି ରୁଗ୍ଣ ପାଇଁ ଢେର କମ । ନଗରୀର ରାଜ ରାସ୍ତା ପରେ ବିଜୁଳି ଆଲୋକ ଝରେଇ ପଡ଼ୁଛି । ସଞ୍ଜ ପହରର ଶୀତଳ ପବନ ପିଟୁଛି ଅଣ୍ଟ କୋରରେ । କୋର୍ଟ କଲରଟା ବାଁ ହାତରେ ଜାକି ଧରି ାଗେଇ ଚାଲିଲି ସଭା ଉଦ୍ଦେଶ୍ୟରେ ।

ଦୁର୍ବଳ ଶରୀରରେ ଦୀର୍ଘ ଏକ ଘଣ୍ଟା ଆଧୁନିକ ଓ ପୁରାତନ ସାହିତ୍ୟ ଷୟରେ ଅନର୍ଗଳ ବକ୍ତୃତା ଦେଇ ଯେତେବେଳେ ନୀରବ ହେଲି, ଉପସ୍ଥିତ ରନାରୀଙ୍କର ଘନଘନ କରତାଳି ମୋର କ୍ଲାନ୍ତିକୁ ଭୁଲାଇ ଦେଇ ପ୍ରାଣରେ ରି ଦେଇଥିଲା ନବ ଉନ୍ମେଷ । ବିଷୟବସ୍ତୁ ଚିନ୍ତା କରିବା ପାଇଁ ପୂର୍ବରୁ ଗୋଟିଏ ମୁହୂର୍ତ୍ତି ବି ସମୟ ପାଇ ପାରୁ ନଥିଲି । ତଥାପି ଅନର୍ଗଳ ଭୃତାରେ ଯେ ଉପସ୍ଥିତ ଜନତାକୁ ମୁଗ୍ଧ କରି ପାରିଛି, ସେଇଥିରେ ମୁଁ ହିଁ ଗୌରବ ଅନୁଭବ କରୁଥିଲି ।

କାର୍ଯ୍ୟକ୍ରମ ଶେଷ ହେଉ ହେଉ ଦଶଟା ହୋଇଗଲା । ହଲଟି ଧୀରେ ରେ ଜନଶୂନ୍ୟ ହୋଇ ଆସିଲା । ପ୍ରତ୍ୟେକ ଶ୍ରୋତା ମୁଣ୍ଡରେ ମୋ'ର ଂସା । ଜଣେ ସାହିତ୍ୟିକ ପକ୍ଷେ ତାହାହିଁ ଢେର ବେଶୀ । ନୀରବରେ ଙ୍କ ଅଭିମତ ଶୁଣି ଶୁଣି ଆଗେଇ ଚାଲିଲି ।

ଅଳ୍ପ ଦୂରରେ ଗୋଟିଏ ଦୋ-ଛକି ରାସ୍ତା । ବାଟ ଭାଙ୍ଗି ବାଁହାତ । ଧରିଲି । କିଏ ପାହୁଣ୍ଡେ ଯାଇଛି କି ନାହିଁ ପଛରୁ କାହାର କରୁଣ ସ୍ୱର ଭାସି ଆସିଲା—ବାବୁ !

ଚମକି ପଡ଼ି ରାସ୍ତାର ଅସ୍ପଷ୍ଟ ବିଜୁଳି ଆଲୋକରେ ଲକ୍ଷ୍ୟ କରି ଦେଖି
ଜଣେ ପ୍ରୌଢ଼ା ଓ ଆଉ ଜଣେ ଯୁବତୀ ମୋ'ରି ଆଡ଼କୁ ଆସୁଛନ୍ତି । ଆ
ପିନ୍ଧୁଲାକେ ଦୁହିଁଙ୍କୁ ଥରେ ଲେଖା ଚାହିଁ ନେଲି । ଯୁବତୀର ସଲଜ-ଚମ
ଚାହାଣୀ ଓ ବେଶଭୂଷାର ପରିପାଟୀରେ ଅନୂଢ଼ାର ସୂଚନା । ଆଉ ପ୍ରୌ
ନିଶ୍ଚୟ ବିବାହିତା । ତାଙ୍କ ବୟସ ଅତିକ୍ରମ କରି ଯାଇଥିଲେ
ସୁ-ଶ୍ରୀ ଅଙ୍ଗ ଉପରେ ବାର୍ଦ୍ଧକ୍ୟର ପରଶ ଆସିନି । କିଏ ଏମାନେ ? ସେ
ସାଥୀରେ କି ପ୍ରକାର ପରିଚୟ ? ଏକାବେଳକେ ଦୁଇଟି ପ୍ରଶ୍ନବାଚୀ ମ
ଭିତରେ ଉଙ୍କି ମାରିଛି ।

ନୀରବତାର ତନୁ ଉପରେ ମୃଦୁ କଳ-ଗୁଞ୍ଜନର ଆଘାତ ଦେ
ପ୍ରୌଢ଼ା କହିଲେ, ଚିହ୍ନି ପାରୁନ ବିଜୁ ? କେମିତି ବା ଚିହ୍ନିବ ? ବ
ଲୋକ ହେଲ, ବହୁତ ପାଠ ପଢ଼ିଲ, ବହୁତ ସଭା ସମିତିରେ ଯୋ
ଦେଲ, ଆଉ ଆମପରି ଗରିବ ମାଉସୀକୁ ମନେ ରଖିବାର ଅବସର
କାହିଁ ତୁମର ?

ଅପରିଚିତା ହେଲେ ବି ଏପରି ଗଭୀର ଆନ୍ତରିକତା ତାଙ୍କ
ଶୁଣି ମୁଁ ଅଭିଯୋଗ ସ୍ୱରରେ କହିଲି—ଛି, ମାଉସି ! ଏସବୁ ଜୀବନ
ସଂକୀର୍ଣ୍ଣତା, ମନର ବିକାର ମାତ୍ର । ବଡ଼ ଲୋକ ହେଲେ ବା ଦୁଇପଦ ବକ୍ତୃ
ଦେଇ ପାରିଲେ କେହି କଣ ଅତି ଆପଣାର ଲୋକଙ୍କୁ ପର କରି ଦେ
ପାରେ ? ହୁଏତ ଅତି ପିଲା ବୟସରେ ଆପଣଙ୍କୁ ଦେଖିଥିବି, ଫଳ
ପାଶୋରି ଦେଇଛି । ଆଉ ଥରେ ପରିଚୟ ଦେଇ ଦେଖନ୍ତୁ ନା, ଆ
ଏଣିକି ଭୁଲିବା ସମ୍ଭବ ନୁହେଁ ।

ସେ ଅମାୟିକ ହସ ହସି କହିଲେ—ହଉ, ଦେଖିବା ! ଆଚ୍ଛା,
ଘରକୁ ଯିବା !

ଦେଖନ୍ତୁ ପରିଚୟ ନଦେଇ ମତେ ଲଜ୍ଜା ଦିଅନ୍ତୁ ନା !

ପ୍ରୌଢ଼ା କହିଲେ—ଆଚ୍ଛା ବିଜୁ, ତୁମେ କେବେ ତୁମ ମା'ଙ୍କ ଭ
କମଳା ନାଁ ଶୁଣିଛ ।

ମୁଁ ଉତ୍ତେଜିତ ସ୍ୱରରେ ଛବି ନେଇ କହିଲି, ହଁ ଅତି ପୁରୁଣା ଦିନର ଥା ସେ । ପରେ ଜାଣିଲି, ଅନେକ ଥର ସେ ମୋ ଆଗରେ କମଳା ଦେବୀଙ୍କ ନାମ କହିଛନ୍ତି ।

କ'ଣ କହୁଥିଲେ କୁହ ତ !

ଏତିକିବେଳେ ମୁଁ ଟିକେ ଈର୍ଷାକ୍ତ ଦୃଷ୍ଟିରେ ତରୁଣୀଟିକୁ ଚାହିଁ ଦେଲି । ମୁଗ୍ଧ ନୟନରେ ମୋ ମୁହଁକୁ ଅନେଇ ଥାଏ । ମୁଁ କହିଲି—ମା' ହୁଥିଲେ କମଳା ଦେବୀ ତାଙ୍କ ପିଲାଦିନର ଧୂଳିଘର ସାଥୀ । ଏକା ଗାଁରେ ଦୁହେଁ ଅତି ଆପଣାର ପରି ବଡ଼ ହେବା ପର୍ଯ୍ୟନ୍ତ ଚଳି ଆସିଥିଲେ । ହିଙ୍କ ଅନ୍ତରର ବନ୍ଧନ ଥିଲା ଖୁବ୍ ନିବିଡ଼ । ଏକା ତିଥିରେ ଦୁହିଁଙ୍କର ବାହ ହୋଇଥିଲା । ବିବାହର ଦୁଇଟି ବର୍ଷ ପରେ କମଳା ଦେବୀଙ୍କ ତ ମା'ଙ୍କର ପୁଣି ଥରେ ସାକ୍ଷାତ ହୁଏ । ବାପା ଯେଉଁ ଦିନ ଟ୍ରାନ୍ସଫରରେ ଲେଶ୍ୱର ଯାଆନ୍ତି, ଠିକ୍ ସେହିଦିନ କମଳା ଦେବୀଙ୍କ ସ୍ୱାମୀଙ୍କର ମଧ୍ୟ ଳି ହୁଏ ବାଲେଶ୍ୱର । ସେତିକିବେଳେ ମୋର ଜନ୍ମ । ଦୀର୍ଘ ତିନି ବର୍ଷ ସେ ମୋର ଯେଉଁ ଯତ୍ନ ନେଇଛନ୍ତି ସେ କଥା ମା' ମଧ୍ୟ ମୁକ୍ତ କଣ୍ଠରେ ାର କରିବାକୁ କେବେ ପଛୁନ୍ତି ନି । ତାଙ୍କରି ପାଖରେ ମୋର ସବୁ ଆର୍ଦ୍ଦୋଳ । ହସି ହସି ସହି ନିଅନ୍ତି ସବୁ । ଦଣ୍ଡେ ବି କେବେ ପାଖରୁ ର କରି ଦିଅନ୍ତିନି ଠିକ ନିଜର ଜନ୍ମକଲା ପୁଅ ପରି ।···ତାପରେ ାତ୍ ତାଙ୍କର କୋରାପୁଟ ବଦଳି ହୋଇଗଲା । ବାପାଙ୍କର କଟକ ହେଲା ାହାଣ୍ଡି । ଦୁହିଁଙ୍କ ପବିତ୍ର ହୃଦୟର ତନ୍ତ୍ରୀ ବିଚ୍ଛିନ୍ନ ହୋଇଗଲା କର୍ତ୍ତବ୍ୟର ନାରେ । ଦୁହେଁ ଦୂରରେ ରହିଲେ ସତ, ମାତ୍ର ମା'ଙ୍କ ମୃତ୍ୟୁ ପର୍ଯ୍ୟନ୍ତ ବରାବର ଚିଠିପତ୍ର ଦିଆନିଆ କରୁଥିଲେ । ମୁଁ ଅନେକ ଥର ତାଙ୍କ ପଢ଼ିଛୁ । କି ଗଭୀର ସ୍ନେହଭରା ତାଙ୍କର ଲେଖା । ପ୍ରତ୍ୟେକ ପୃଷ୍ଠାରେ ଉଠିଆସେ ତାଙ୍କ ନିର୍ମଳ ହୃଦୟର ଅକପଟ ସ୍ନେହ । ମୋ ବିଷୟରେ ଅନେକ କିଛି ଲେଖନ୍ତି । କିନ୍ତୁ ଏତେ ହତଭାଗ୍ୟ ମୁଁ ଯେ, ଜୀବନର ଥରେ କେବେ ମୁ ତାଙ୍କୁ ଭେଟି ପାରିଲିନି···ଭେଟିବି ଏ ବିଶ୍ୱାସ ବି ହୁ ନାହିଁ ।

ତାଙ୍କୁ ତୁମେ ଦେଖିଲେ ଚିହ୍ନି ପାରିବ ?

କେମିତି ଚିହ୍ନିବି ? କେଉଁ ପିଲାଦିନେ ଦେଖିଥିଲି । କିନ୍ତୁ କାହିଁକି ? ଆପଣ କ'ଣ ତାଙ୍କୁ ଚିହ୍ନନ୍ତି ? ଏକାବେଳକେ ଦୁଇଟି ପ୍ରଶ୍ନ ପଚାରି ସନ୍ଦେହ ଦୃଷ୍ଟିରେ ତାଙ୍କ ମୁହଁକୁ ଚାହିଁଲି ।

ଏ କ'ଣ···ଦେହରେ ମୋର ଚମକ ଖେଳିଗଲା । ଅନ୍ତର ତଳେ ଶତ ବୃଶ୍ଚିକର ଦଂଶନ ଅନୁଭବ କଲି । ତନୁଥିବା ଆଶ୍ୱିନର ବିଚଳିତ ପ୍ରାବୃଟ ଧାରା ପରି ତାଙ୍କର ନୟନ ଯୁଗଳରୁ ଝରି ଆସୁଥାଏ ଲୋତକଧାରା । ସେ ହଠାତ୍ ମୋତେ କୋଳକୁ ଟାଣି ନେଇ ଚିରା ଗଳାରେ କାନ୍ଦି ଉଠିଲେ ।

ଏତେ ବଡ଼ ରାଜ ରାସ୍ତା ଉପରେ ଜଣେ ଅପରିଚିତା ପ୍ରୌଢ଼ାଙ୍କର ଆବେଗଭରା ବେଷ୍ଟନୀ ମୋତେ କମିତି ଭୟବିହ୍ୱଳ କରି ତୋଳୁଥିଲା । କିନ୍ତୁ କି ଆକର୍ଷଣୀୟ ମମତା ଥିଲା ତାଙ୍କର । ତୁଣ୍ଡ ଖୋଲି ବାଧା ଦେଇ ପାରିଲିନି ମୁଁ । ମାତୃସ୍ନେହଭରା ବକ୍ଷ ଉପରେ ଜଡ଼ ରହିଲି ଅବୋଧ ଶିଶୁଟି ପରି ।

କେତେବେଳେକେ ଆଁଖିରୁ ଲୁହ ପୋଛି ସେ କହିଲେ—ମୁଁ ସେହି କମଳା ଦେଈ ବାବୁ । ତୋର ମାଉସୀ । ଆଜି ପର୍ଯ୍ୟନ୍ତ ମନେ ମନେ ତତେ ଖୋଜୁଛି ଥରେ ଦେଖିବା ପାଇଁ ।

କୃତଜ୍ଞତାର ଉତ୍ସରେ ମୋର ଅନ୍ତର ଉଚ୍ଛଳି ଉଠିଥିଲା । ସେହି ଧୂଳିଧୂସରିତ ରାସ୍ତା ଉପରେ ମୁଣ୍ଡ ଲଗାଇ ପୂଜନୀୟା ମାଉସୀଙ୍କ ଚରଣ ତଳେ ଅଜାଡ଼ି ଦେଲି ମୋ ଜସ୍ତ ହୃଦୟର ପହିଲି ପ୍ରଣତି । ସେ ମୋତେ ସ୍ନେହରେ ତୋଳି ଧରିଲେ ତଳୁ । ଏପରି ଅକୃତ୍ରିମ ସ୍ନେହ ମମତାରେ ମୁଁ ଆତ୍ମବିସ୍ମୃତ ହୋଇ ପଡ଼ିଥିଲି । ମୁଁ ଭୁଲିଗଲି ମୋର ଜାତି, ବ୍ୟକ୍ତିତ୍ୱ ଓ ବୟସ । କଅଁଳିଆ ଛୁଆଟି ପରି ତାଙ୍କ ମୁହଁ ଉପରେ କରୁଣ ଛଳ ଛଳ ଦୃଷ୍ଟି ପକାଇ କହିଲି—ମା' ଯଦି ଆଜି ଜୀବିତ ଥାଆନ୍ତେ ତେବେ ଆପଣଙ୍କୁ ଭେଟିବା ପାଇଁ ମୋର ଏତେ ବିଳମ୍ବ ହୋଇ ନଥାନ୍ତା ମାଉସି ।

ତାଙ୍କର ବୈକ୍ଲବ୍ୟବିକମ୍ପିତ ଅଧରରେ କୋମଳ ବାତ୍ସଲ୍ୟର ହସ ଫୁଟି ଉଠିଲା । ସେ କହିଲେ– ଛାଡ଼ ସେ କଥା ବିଜୁ । ତୁମ ମା'ଙ୍କ ପରି ଦେବୀ ପ୍ରତିମା ଏ ପଙ୍କିଳ ଦୁନିଆରେ ବେଶୀ ଦିନ ରହି ପାରି ନଥାନ୍ତେ । ତାଙ୍କର ପବିତ୍ର ଆତ୍ମା କେଉଁ ଏକ ଅଜଣା ଦେବତାର ଅଭିସମ୍ପାତରେ ଲୁହ ଲହୁର ଧରଣୀକୁ ଆସିଥିଲା କେତୋଟି ମୁହୂର୍ତ୍ତ କଟାଇ ପୁଣି ଚାଲିଯିବା ପାଇଁ । ଯେ ଯାଇଛି ତାକୁ ଯିବାକୁ ଦିଅ । ବର୍ତ୍ତମାନର ସ୍ୱଚ୍ଛାଲୋକ ତଳେ ନଶ୍ୱର ଅତୀତ ଗୋଟାଏ ଦୁଃସ୍ୱପ୍ନ ପରି ମିଳାଇ ଯାଉ । ଅନୁଶୋଚନା ହିଁ ମଣିଷ ମନର ଜନକ ଦୁର୍ବଳତା । ହଁ, ତୁ ରହୁଛୁ କେଉଁଠି ?

ପୁଷ୍ପଘାଟ ପାଖରେ ।

ଆଉ କଏ ଅଛନ୍ତି ସାଙ୍ଗରେ ନା ଏକା ରହୁଛୁ ?

ଆଉ ବା କଏ ଅଛି ? ବାପା ବର୍ତ୍ତମାନ ମୟୂରଭଞ୍ଜରେ । ମୁଁ ଏକାଟିଆ ଖଣ୍ଡେ ଘର ଭଡ଼ା ନେଇ ଅଛି ।

ବେଶ୍' ଆମ ବସାକୁ ଆଜି ଚାଲ । ସେଠାରେ ରାତିଟା କଟାଇ ନେଇ ସକାଳୁ ଫେରିଲେ କ୍ଷତି କ'ଣ ? ଗୋଟାଏ ଯୁଗ ପରେ ସାକ୍ଷାତ ହୋଇଛି । ଦୁଃଖ ସୁଖର କାହାଣୀ ଭିତରେ ରାତିଟା ପୁହାଇ ଦେବା । ପ୍ରଶ୍ନବାଚୀ ଚାହାଣୀରେ ଚାହିଁ ମାଉସୀ କହିଲେ ।

ମନ ହେଉଥିଲେ ବି ବାଧା ଦେଇ ପାରୁ ନଥିଲି ମୁଁ । ଅଭିଯୋଗ କଣ୍ଠନଳୀ ଭେଦ ବାହାରକୁ ଆସିବା ପାଇଁ ରାହା ଖୋଜୁଥିଲା । ତାଙ୍କ ପ୍ରାଣ ପ୍ରାଚୁର୍ଯ୍ୟ ସ୍ନେହ ନିକଟରେ ମୋର ପ୍ରତିବାଦର ଅବକାଶହିଁ ନ ଥିଲା । କିନ୍ତୁ ସେ ମୋର ନୀରବ ଅନ୍ତରର ଅଭିବ୍ୟକ୍ତିକୁ ଅତି ସହଜରେ ଅନୁମାନ କରି ନେଇ କହିଲେ—ରାତିଟାରେ ଯିବାପାଇଁ ଦ୍ୱିଧା ବୋଧ କରୁଛୁ ପରା ! ବର୍ତ୍ତମାନ ତେବେ ଚାଲ ମୋ ବସାଟା ଦେଖି ଆସିବୁ । କାଲି ଭୋରରୁ ଯିବୁ ।...ମାଉସୀ ମୋ ମୁହଁକୁ ଚାହିଁଲେ ।

ସନ୍ଦେହ ଦୃଷ୍ଟି ମୋର ସେତେବେଳକୁ ଉଦ୍‌ଗତ ଯୌବନା ଯୁବତୀଟିର ଅଙ୍ଗ ଲାବଣ୍ୟ ଉପରେ ଲୁଚକାଳି ଖେଳ ଆରମ୍ଭ କରି ଦେଇଥିଲା । ମାଉସୀଙ୍କ ଆଖି ମୋ ଉପରେ ପଡ଼ିବା ମାତ୍ରେ ମୁଁ ଅପ୍ରତିଭ ହୋଇ ପଡ଼ିଲି ।

ସେ ମୋର ଏପରି ଭାବକୁ ବେଶ୍ ଲକ୍ଷ୍ୟକରି ନେଇଥିଲେ । ଉଲ୍ଲାସିତ କଣ୍ଠରେ କହିଲେ—ତୁ ଏହାଙ୍କୁ ଜାଣୁ ବନ୍ଧୁ ?

ଜଣାଇ ନ ଦେଲେ ଜାଣିବି କିପରି ?

ଆମେ ଯେଉଁ ବସାଟି ଭଡ଼ା ନେଇ ଅଛୁ, ତାର ଅଧିକାରିଣୀ ଏହି ବାଳିକା ଦୀପାଲି ସେନ୍ । ଅତି ପିଲାଟି ଦିନରୁ ପିତୃ ମାତୃହୀନା ହୋଇ ତାଙ୍କର ବୁଢ଼ୀ ଠାକୁର ମା'ଙ୍କ ସାଥିରେ ଚଳି ଆସୁଛନ୍ତି । ବଙ୍ଗୀୟ ବାଳିକା । ସୁମଧୁର ବ୍ୟବହାର ଦେଖାଇ ପରକୁ ଆପଣାର କରି ନେବାରେ ତାଙ୍କ ନିକଟରେ ଅଲୌକିକ ଶକ୍ତି ଅଛି । ତାପରେ ସେ ଜଣେ ସାହିତ୍ୟ ସେବିକା । ଓଜସ୍ୱିନୀ ତାଙ୍କର ଭାବନା । ବେଳେବେଳେ ଏତେ ଭାବପ୍ରବଣ ହୋଇ ଉଠନ୍ତି ଯେ ନିଜର ବାହ୍ୟିକ, ଦାହ୍ୟିକ ଓ ଶାରୀରିକର ବିରାଟ ଉପସ୍ଥିତିକୁ ମଧ୍ୟ ସେ ପାଶୋରି ପକାନ୍ତି । କେବଳ ବଙ୍ଗୀୟ ସାହିତ୍ୟ ନୁହେଁ, ଅନ୍ୟାନ୍ୟ ସମସ୍ତ ଭାଷାର ସାହିତ୍ୟ ପ୍ରତି ତାଙ୍କର ପ୍ରଗାଢ଼ ଅନୁରାଗ ଅଛି । ନିଜେ ଖଣ୍ଡିଏ ସ୍ୱତନ୍ତ୍ର ଲାଇବ୍ରେରୀ କରିଛନ୍ତି । ପୃଥିବୀର ସମସ୍ତ ଶ୍ରେଷ୍ଠ ସାହିତ୍ୟିକଙ୍କ ଲେଖା ତାଙ୍କ ପାଖରେ ଦେଖିବାକୁ ମିଳେ । ବଙ୍ଗଳାରେ ଥିବାବେଳେ ଦୀପାଲି ବଙ୍ଗ ସାହିତ୍ୟରେ ଏକ ଚହଲ ସୃଷ୍ଟି କରିଥିଲେ । ଓଡ଼ିଶାକୁ ଆସିବା ଦିନଠୁଁ ଆଉ ବେଶୀ ଲେଖାଲେଖି କରି ପାରୁ ନାହାନ୍ତି । ସାମୟିକ ଗଳ୍ପ, କବିତା ଲେଖି ବଙ୍ଗଳାର ପତ୍ର ପତ୍ରିକାମାନଙ୍କୁ ପଠାନ୍ତି । ବୟସ ତୁଳନାରେ ତାଙ୍କର ସାହିତ୍ୟ ଚର୍ଚ୍ଚା ଦେଖିଲେ ତୁମେ ନିଜେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯିବ ।

ଆମ୍ଭ ବନ୍ତମାନେ ଭିତରେ ଭିତରେ ଦୀପାଳି ଖୁବୁଲି ଉଠୁଥିଲା । ମାଉସୀଙ୍କ ଜରିଆରେ ପରିଚୟର ଆଦାନ ପ୍ରଦାନ ପରେ ସେ ଭଦ୍ରତା ଦୃଷ୍ଟିରୁ ଦୁଇହାତ ଟେକି ମୋତେ ନମସ୍କାର ଜଣାଇଲା ।

ପ୍ରତି ନମସ୍କାର ଜଣାଇ ମୁଁ ରିକ୍ସା ପାଇଁ ପଛକୁ ମୁହଁ ଫେରାଇଲି । କିନ୍ତୁ ରିକ୍ସା ନାହିଁ । ଆଗରେ ଖଣ୍ଡେ ଦୂରରେ ଷ୍ଟାଣ୍ଡ୍ । ରିକ୍ସା ମିଳିବ ନିଶ୍ଚୟ । ମନରେ ଆଶା ଧରି ସମସ୍ତେ ଆଗେଇଲୁ ।

*

* *

*

ଶେଯ ଛାଡ଼ି ବାହାରକୁ ଆସିବା ବେଳକୁ ଡାହାଣିଆ ଖରା ଝାଉଁଆ ଧରି ଯାଇଥାଏ । ତଥାପି ଆଖିରୁ ନିଦ ଛାଡ଼ିନ...ମାଡ଼ି ମାଡ଼ି ପଡ଼ୁଛି ପତା । ମାଉସୀଙ୍କଠାରୁ ବିଦାୟ ନେଇ ବିଛଣା ଛୁଇଁଲି ବେଳକୁ ରାତି ଦୁଇଟାରୁ ବଳେଇ ଯାଇଥିଲା । ସାଥେ ସାଥେ ବି ନିଦ ଆସିଲାନି । ମାଉସୀଙ୍କର ଅନ୍ତଃସଲିଳା ସ୍ନେହ ଓ ଦୀପାଳୀର ଶୀତଳ ଅଧରର ରକ୍ତରଞ୍ଜିତ ହସ ଧାଇଁକି ମୋତେ ଟାଣିନେଇ ଯାଇଥିଲା କେଉଁ ଏକ ମାୟା କୁହୁକ ଭରା ନୂତନ ରାଇଜକୁ । ବେଦମ୍ ଭାବନାର ଝିଅ ଛାଡ଼ି ଆଖି ବୁଜିବା ବେଳକୁ ହୁଏତ ପାହାନ୍ତି ପହରର ଶୀତଳ ପବନ କାଠଯୋଡ଼ିର ଶାନ୍ତ କୋମଳ ତନୁ ଉପରେ ଲୀଳାୟିତ ଲାସ୍ୟର ସ୍ୱପ୍ନିଳ ଭଙ୍ଗୀ ତୋଳୁଥିବ.....

ମାଉସୀଙ୍କୁ କଥା ଦେଇ ଆସିଛି ଯିବାପାଇଁ । ତେଣେ ସେ ବ୍ୟଗ୍ର ହୃଦୟରେ ରହିଁ ବସିଥିବେ । ମନ ମୋର ଚଞ୍ଚଳ ହୋଇ ଉଠିଛି । ଶୀଘ୍ର ନିତ୍ୟକର୍ମ ତୁଟାଇବାରେ ଲାଗି ପଡ଼ିଲି ।

ଟେବୁଲ ଉପରେ ସିମେଇ ପଲାଉ ଓ କପେ ଚା' ଥୋଇ ଦେଇ କମିଳା ଗାମ୍ଭୀର୍ଯ୍ୟ ବାଣୀରେ ପୁଚ୍ଛାଟା ରହିଁଲା ।

ରାତି ପ୍ରହରକେତେ ବିଛଣା ଛାଡ଼ିଲ, ପୁଣି ତରତର ହୋଇ କେଉଁଠିକି ବାହାରି ପଡ଼ିଲ ଶୁଣେ ?

ପ୍ୟାଣ୍ଟ ଦେହରେ ବଳଲଗ ଦେଇଁ ଦେଇଁ କହିଲି—ବାହାରେ ସାମାନ୍ୟ କାମ ଅଛି ।

ସତେ କି ଜରୁ ବାବୁ ! ଏଥର ଗଳାଟାକୁ ସାମାନ୍ୟ ଚଢ଼ାଇ ଦେଇ ହୋଷ୍ଟ କହିଲା, ବାପ, ମା' ପାଖରେ ନାହାନ୍ତି ବୋଲି କିନା ତୁମେ ଇମିତି ଖପ ହୋଇ ଯାଉଛ ? ଜ୍ୱରରେ ପାଇଲା ହୋଇ ହାଡ଼ ତ ଗଣି ହୋଇ ଗଲଣି । ସେଥିରେ ପୁଣି କାଲି କେଉଁଠାକୁ ବାହାରି ଗଲ ସେ ସବୁ ଇଟାରେ ଜାଣିଲି । ସେଇ ପାହୁ ପାହୁ ଆଜି ବି ବାହାରି ପଡ଼ିଲଣି ।

ଏଥିରେ ରୋଗ କମିବ ଭଲ ହେବ ବୁଝିଲ ! ନାଁ—ତୁମେ ବର୍ତ୍ତମାନ ଯାଇ ପାରିବନି ।

ମନେ ମନେ ରାଗି ଉଠିଥିଲି ପୁଷ୍ପାଙ୍କର ଏ ଅନଧିକାର ଆଦେଶରେ । କିନ୍ତୁ ମୁହଁ ଖୋଲି ପଦେ ଉତ୍ତର ଦେଇ ପାରିଲିନି । କେମିତି ଦିଅନ୍ତି ? ପିଲାଟି ଦିନୁ କୋଳରେ କାଖରେ କରି ମଣିଷ କରି ଗଢ଼ିଛି ମୋତେ ! ତା'ର ସ୍ନେହ-ମମତାରେ ମା'ର ଅଭାବ ଅନେକଟା ପାଶୋରି ପକାଇଛି ମୁଁ ! ନିଜର ଜନ୍ମ କଲା ପୁଅପରି ପଦେ ପଦେ ଜଗି ରହିଛି ସେ । ମୋର ପାଇଁ ହସିଛି, ମୋର ପାଇଁ କାନ୍ଦିଛି । ମୋତେ ଶାସନର କଠୋରତା ଭିତରେ ରଖି ପୁଣି ଆଶ୍ୱାସନାର ଶୀତଳତା ଦେଇଛି । ଆଉ ଆଜି କେମିତି ବା ତା'ର ସ୍ନେହ ଭରା ଆଦେଶ ଉପରେ ନିଷ୍ଠୁର ପରି ଉତ୍ତର ଦେଇ ପାରି ଥାଆନ୍ତି ! ଗଳାକୁ ସଫା କରି ନେଇ କହିଲି—ତୁମେ ଦେଖିବନି । ଠିକ୍ ରୋଷେଇ ଶେଷ ବେଳକୁ ଆସି ପହଞ୍ଚି ଯାଇଥିବି ସେ !

ବେଶ୍ ତୁମର ଯାହା ଇଚ୍ଛା କର । ଯେତେବେଳେ ବିଛଣାରେ ପଡ଼ି ଛଟପଟ ହେଉଥିବ, ସେତେବେଳେ କୈଫିୟତ୍ ଦେବ ଯେ—ପୁଷ୍ପାଙ୍କ ମୁହଁ ଫୁଲାଇ ଚାଲିଗଲା ।

ମାଉସୀ ମୋତେ ଚାହିଁ ବସିଥିଲେ । ରିକ୍ସାରୁ ଓହ୍ଲାଇ ଆସିବା ମାତ୍ରେ ସେ ଘର ଭିତରୁ ଉଦ୍‌ବେଗରେ ଧାଇଁ ଆସି ଅଭିଯୋଗ ସ୍ୱରରେ କହିଲେ—ଛି, ଛି, ଏତିକି ମିଛୁଆ ନାଁ ତୁ ବାବୁ ? ସକାଳେ ଆସିବାକୁ କହି ଏତେବେଳେ ଆସୁଛୁ ! ଚାହିଁ ଚାହିଁ ଆଖିରୁ ପାଣି ମରିଲାଣି ।

ଦୋଷୀଙ୍କ ପରି ତଳକୁ ମୁହଁ ପୋତି ପିଣ୍ଡା ଉପରକୁ ପାଦ ଉଠାଇଲି ।

ମଣ୍ଡା କୁସୁମ ରଙ୍ଗର ଖଣ୍ଡେ ତିତଲ କୋଠା କାନ୍ଥ କେତେ ଉପରକୁ ଉଠି ଯାଇଛି । ତା ଦେହକୁ ଲାଗି ମାଉସୀଙ୍କ ଏଇ ଏକ ମହଲା ସଫେଦ୍ କୋଠା ଖଣ୍ଡିକ । ଯଦିଓ ଉଚ୍ଚ କୋଠିର ନହେଲେ ବି କୋଠା ଖଣ୍ଡିକ ଯେ ସାଧାସିଧା ଧରଣର ତାହା ବି ନୁହେଁ । ରୋଷାଇ ଘରକୁ

ମିଶାଇ ପାଞ୍ଚ ବଖରା ଘର । ତା ବ୍ୟତୀତ ବାର୍ଥରୁମ୍, କିଚେନ୍ ଓ ଇଭଣନାଲ ବି ଅଛି । ମାଉସୀଙ୍କ ସାଥିରେ ଯାଇଁ ଯାଇଁ ସବୁ ଗୁଡ଼ିକ ଦେଖିନେଲି ।

ମାଉସୀଙ୍କ ଶଯ୍ୟା କୋଠରୀ—ଦ୍ୱାର ପାଖକୁ ଡୋଳା ଫେଲାଇ ଆଣିଲି । ଦୁଇଜଣ ଶୋଇ ପାରିବା ଭଳି ଖଣ୍ଡେ ଶାଗୁଆନ କାଠର ସୁନ୍ଦର ପଲଙ୍କ । ତା ଉପରେ ଦୁଇ ଇଞ୍ଚ ବହଳର ଗଦି । ମଥା ଉପରକୁ ଗୋଟିଏ ଗ୍ଲେଟ୍ ଟେବୁଲ୍ ଉପରେ ଫ୍ଲପସ୍ ରେଡିଓଟି ରକ୍ତ ଗୋଲାପ ରଙ୍ଗର—ଆଖିକୁ ବେଶ୍ ଦେଖା ଯାଉଛି । ଅନ୍ୟ ଏକ କୋଣରେ ଡ୍ରେସିଂ ଟେବୁଲଟି ଆବୋରି ରହିଛି । ଆଭିଜାତ୍ୟ ଭରା ନାରୀର ବେଶଭୂଷାପାଇଁ ପ୍ରତ୍ୟେକ ଶ୍ରେଷ୍ଠତର ଉପକରଣ ରହିଛି ସେଥିରେ । ସିମେଣ୍ଟ କଂକ୍ରିଟ୍ ତଳା ଚଟାଣ ଉପରେ ଦାମିକା ପ୍ୟାରିସ୍ ଗାଲିଚାର ମସୃଣ ଆଚ୍ଛାଦନ । କାନ୍ଥଯାକ ଲୋଭନୀୟ ଓ ଶୋଭନୀୟ କେତେ ଜାତିର ଫଟୋ । ଦୁଏତ କୋଠରୀଟିର ସୌନ୍ଦର୍ଯ୍ୟ କୋଟି ଗୁଣରେ ବଢ଼ି ଉଠୁଥିବ ଯେତେବେଳେ ସେହି ଧୋବ ମଣ୍ଡିଆ ସଫେଦ୍ ଘରେ ଚହଲି ଉଠୁଥିବ କଳା ଗାତର ଷ୍ଟୁଡ ଚର ଫେନ୍ସାଲ ବିଜୁଳି ଆଲୋକ । ଶୀତଳ ଛାୟା ଦେଇ ବୁଲୁ ଫୁଲ ଉଠୁଥିବ—ମନ ଭଲର ଭରା ଜଳଦ ନାଚ ଉଠୁଥିବ ଉଚ୍ଛୁଳା ହିଲ୍ଲୋଳରେ ଆତ୍ମହରା ହୋଇ ।

ଠିକ ମଝିରେ ଲଗାଲଗି ହୋଇ ଦୁଇଟି ଭେଲଭେଟ କୁସନ । ଆଖି ପିଚୁଲାକେ ସବୁତକ ଦେଖି ନେଇ ଗୋଟିଏ ଫାଙ୍କା ନିଶ୍ୱାସ ମାରିଲି ।

ମାଉସୀ ହସି ଉଠିଲେ—କବିପ୍ରାଣ ଚହଲି ଉଠିଲାକି ବାବୁ ? ଭାବନାର ଲଗାମଟାକୁ ସାମାନ୍ୟ ଟାଣି ଦେଇ ବସି ପଡ଼ । ଇମିତି ଠିଆ ହୋଇଥିବୁ କେତେ ବେଳଯାଏ ?

ନିଜର ହୋଇ ପାଖ ଚୌକି ଧରିଲି । ପଲଙ୍କର ବାଡ଼ା ଉପରେ ସାମାନ୍ୟ ଢଳିପଡ଼ି ମାଉସୀ ଆରମ୍ଭ କଲେ—ଏତେ ଡେରି କଲୁ ଯେ—ଭୁଲି ଗଲୁ ବୋଧେ ?

ପୁଅ କ'ଣ କେବେ ମା'କୁ ଭୁଲିପାରେ ? ସ୍ନେହ-ମମତାର ବନ୍ଧ ଏତେ ହାଲକା ନୁହେଁ ମାଉସୀ । ଭଙ୍ଗାଗଢ଼ା ଦୁନିଆଁ ଗ୍ରନ୍ଥରେ ତା ପଞ୍ଜୀକରଣ । ଥରେ ଯାହାଠାରୁ ସ୍ନେହ ମିଳେ, ସାରା ଜୀବନ ତାକୁଇ ଆକୁଳ ହୋଇ ମନ ଖୋଜିଥାଏ ।

କଥାଗୁଡ଼ାକ ଯିମିତି ଶରପରି ତାଙ୍କର କୋମଳ ହୃଦୟରେ ଭେଦିଗଲା । ତାଙ୍କ ମୁହଁକୁ ଚାହିଁ ଚମକି ଉଠିଲି ମୁଁ । ଏ କ'ଣ ? ମୋର ପ୍ରତ୍ୟେକ କଥା ଭିତରେ ତାଙ୍କର କି ଅସ୍ୱାଭାବିକ ପରିବର୍ତ୍ତନ ।

ସେ ଆଖିରୁ ଲୁହ ପୋଛିଲେ—ଠିକ କହୁଛୁ ବିନୁ । ଅବୁଝିଏ ଯାହାଠାରୁ ଆଦର ମିଳେ ସାରା ଜୀବନ ତାକୁ ପାଶୋରି ଦେଇ ହୁଏନା । ଯଦି ପାଶୋରି ଦେଇ ହୁଅନ୍ତା, ମଣିଷ ଜୀବନରେ ଅଭାବ କିଛି ନ ଥାନ୍ତା ? ତୋ ମା'ଙ୍କୁ କ'ଣ ମୁଁ ପାଶୋରି ପାରିଲି ବିନୁ ! ବହୁତ ଚେଷ୍ଟା କରିଛି—ଅନେକଥର କୋଳାହଳର ମନ ଭିତରୁ ତାଙ୍କୁ ତଡ଼ି ଦେଇଛି—କିନ୍ତୁ ପରମୁହୂର୍ତ୍ତରେ ମୁଁ ଅନୁଭବ କରେ ଯେମିତି ମୋ ଛାତି ତଳର ଗୋଟିଏ ଚଳନ୍ତି ଯନ୍ତ୍ରକୁ ମୁଁ କେଉଁଠି ହଜାଇ ଦେଇ ବସିଛି । କି ନିର୍ମଳ ସ୍ନେହ—କି ପବିତ୍ର ଆନ୍ତରିକତା । ଅବୁଝିଏ ଯିଏ ତାଙ୍କ ମମତାର ସ୍ପର୍ଶ ପାଇଛି ସେ ସାରା ଜୀବନ ପାଶୋରି ପାରିବନି । ତୁ ବିଶ୍ୱାସ କରିବୁନି ବିନୁ ! ଆମ ଦୁଇଟି ହୃଦୟର ବନ୍ଧନ ଥିଲା ଅଟଳ, ଅଚଳ ହିମାଚଳ ।

ସେ ବନ୍ଧନ ଥିଲେ ଦୁଇଜଣର ନୁହେଁ ବିନୁ—ପାଞ୍ଚ ଜଣର ! ଏ ଧୂଳିର ଧରଣୀ ଛୁଇଁବା ଦିନଠାରୁ ଆମର ବନ୍ଧୁତା ଘନେଇ ଉଠିଥିଲା । ଆମର ଗତି ଥିଲା ପ୍ରଖର—ଲକ୍ଷ୍ୟ ଥିଲା ମହାନ । କେତେ ଦୃଷ୍ଟି ଆମର ଏଇ ଅଣଓସାରିଆ ଛାତି ଉପରେ କାତି ଲଗାଇ ବୁଲି ଯାଇଛି । ତଥାପି ଆମ ବନ୍ଧନରେ ଶିଥିଳତା ଆସି ନ ଥିଲା । ହେଲେ ଭଗବାନ ଚାହିଁଲେନି— ।

ଆଜି ତୁ କି କ'ଣ ବୁଝିଲୁ ମୋର ମମତା ! ଏଇ କୋଳରେ କେତେ ନାଚ କୁଦ ଖେଳିଥିଲୁ—ଏଇ କାଖରେ କେତେ ଅଳି ଅଝଟ କରିଛୁ । ସେ ସବୁ ଆଖି ପିଛୁଳାକେ ପାଶୋରି ଦେଇଛୁ ନା ? ସ୍ନେହ-ମମତାର ପ୍ରତିଦାନ ଦେବାପାଇଁ ତୋର ପ୍ରଚୁର ଶକ୍ତି ଆସିଛି । ତଥାପି କାହିଁପାଇଁ ଲେଞ୍ଚୁଛୁ ମୋତେ ? ଆଖିରେ ବିଦାୟ ତୁଷାର ଏକ ବସ୍ତ ପ୍ରଶ୍ନବାଚୀ ଚିହ୍ନ ମାଉସୀ ଚାହିଁଲେ ମୋ ମୁହଁକୁ !

ଜନ ଭିଡ଼ରେ ଝଡ଼େ ଚପି ଆସିଲି ମୁଁ । ବାସ୍ତବତ ଡେଉଁରେଡ଼ ଭୁଲ ନ ହୋଇଛୁ । ଜୀବନ ଦେଇ ଭଲ ପାଇଥିଲା ଯିଏ—ରକ୍ତ ଦେଇ ମୋର ମେରୁଦଣ୍ଡକୁ ଶକ୍ତ କରିଥିଲା ଯିଏ, ତାକୁ ମୁଁ ଭିଡ଼ରେ ଭିଡ଼ରେ ପାଶୋରି ଦେଇ ବସିଥିଲି । ଆଉ ଆଜି ସେ ପୁରୁଣା ଭୁଲ ଲାଗି ଯେପରି ବେଳ ଆସିଛି ପ୍ରାୟଶ୍ଚିତ କରିବା ଲାଗି ।

ମୋ କଥାର ଜବାବ ଦେ ବନ୍ଧୁ !

ଅତୀତ ବେଳାଭୂମି ଉପରେ ପାଦ ଦେଇ ମଣିଷ ଯିମିତି ପଥହରା ହୋଇ ଉଠେ—ସ୍ମୃତି ଖୋଜି ପାଏନା—ମୁଁ ଠିକ୍ ସିମିତି କଣ୍ଠଚ୍ୟୁତ ହୋଇ ଉଠିଥିଲି । ମଧ୍ୟାର ସଙ୍କିଳତା ଭିତରେ ଲୁଚି ଯିବା ପାଇଁ ମୋର ବାହୁକୁ ଅସ୍ୱୀକାର କରୁଥିଲା । ଥରେ ଛେପ ଢୋକି ନେଇ କହିଲି—ଭୁଲର କ'ଣ କ୍ଷମା ନାହିଁ ମାଧବୀ ?

ମାଧବୀ ଫିକକରି ହସି ଉଠିଲେ—ବନେଇ ଚୁନେଇ କଥା କହିବାର ଦକ୍ଷତା ଟିକକ ଅର୍ଜନ କରି ପାରିଛୁ ବୋଲି ସିନା ଆଜି ଦରବାର ଅଖାଡ଼ା ପାରି ପାରିଛୁ— ।

କଥା ଉପରେ ଗାର ଦେଇ ଭିତରକୁ ପଶି ଆସିଲା ପୂର୍ବାସା । ଗୋଟିଏ ପ୍ଲେଟରେ କେତୋଟି ପାନରୁଆ ଓ କମଳାଲେମ୍ବୁ ମୋ ସାମନା ଟେବୁଲ ଉପରେ ରଖିଦେଇ ଚାଲିଗଲା ସେ ।

ଖା ବନ୍ଧୁ—ମାଧବୀ କହିଲେ ।

ମୁଁ ବାଧାଦେଲି । ବର୍ତ୍ତମାନ ଖାଇ ଆସିଛୁ । ପେଟରେ ଜମାରୁ ଜାଗା ନାହିଁ । ଏମିତି ଜୋରକି ?

ଅହା ହା...ମନ କରୁଛୁ ପର ! ଫାଜଲାମି ରଖି ଦେଇ ପୁଡ଼ା ପିଲାଟି ପରି ଖାଇଲୁ ।

ଜୁଲୁମ କରନ୍ତୁ ମାଧବି ! ମୋତେ ଅଦୌ ଲୋଡ଼ା ନାହିଁ ।

ମାଧବୀ ରାଗିଗଲେ । ଅବାଧ୍ୟ ହୁଅନା ବନ୍ଧୁ । ତୋର ଇଚ୍ଛା ଥାଉ ବା ନ ଥାଉ ସେ କଥା ମୁଁ ଜମାରୁ ଶୁଣିବିନି । ପୁଅର ଇଚ୍ଛା ନ ଥିଲେ ଔଷଧ ମା ଖୁଆଇ ତାର ଜର ଛଡ଼ାଏ ।

ଗୋଟିଏ କମଳା ଭୋଗ ଖାଇ ହାତ ଧୋଇବା ପାଇଁ ଉଠିଲି । ମାଉସୀ ହଠାତ୍ ଉଠି ଆସି ମୋ ହାତରୁ ଗିଲାସଟା ନେଇ ଗଲେ । ପୁଣି ପାଗଳାମି ବାହାର କରୁଚୁ ? ବେଶ୍ ତେବେ ମୁଁ ଧୋଇଦେବି । ପିଲା ଦିନେ ଏଇ ହାତରେ କେତେ ଖାଇଚୁ । ଗିଲାସେ ଲେଖାଁ ଦୁଧ ପିଇବା ପାଇଁ ଘଣ୍ଟା ଘଣ୍ଟା କଟି ଯାଏ । ତୋତେ ମୁ ଜନ୍ମ କରିନି । ତଥାପି ମୁଁ ବୁଝି ପାରେନି ବାବୁ, ତୋ ପାଇଁ ମୋର ଏତେ ଆସକ୍ତି ଜମି ଉଠିଥିଲା କିମିତି । ଆଉ କାହିଁକି ମୋର ସ୍ନେହ-ଦୁଆର ତୋପାଇଁ ଏବେବି ମୁକୁଳା ରହିଛି ! ! କଥାର ସୁଅ ଭିତରେ ସେ ମୋତେ ଗୁଡ଼ ଉପରକୁ ଆଉଜାଇ ଆଣି ଗୋଟିଏ ମିଠା ପାଟିରେ ପୁରାଇଦେଲେ ।

ଅତି ଧୀରେ ମୁଁ ହସି ଉଠିଲି । ସେହି ହସ ଟିକକ ଭିତରେ ମୋର ଲୁଚି ରହିଥିଲା ମାତୃହରା ହୃଦୟର ଗଭୀର ଆତୁରତା । ପତିତ ଝରଣା ନଦୀର ପ୍ରଶାନ୍ତ କୋଡ଼ରେ ନିଜର ସତ୍ତାକୁ ଲୋଟେଇ ଦେବାପାଇଁ ଯେପରି ବାଧା ନମାନି ଧାଇଁ ଆସେ ପର୍ବତର କେଉଁ ଏକ ଅନ୍ଧକାର ଗୁହା ଭିତରୁ.... ଠିକ୍ ସେମିତି ମାଉସୀଙ୍କର ସସ୍ନେହ ପରଶରେ ମୋର ଖାପଛଡ଼ା ହୃଦୟ ଭିତରୁ ଅଶରୀର ଆତ୍ମା ଉଛୁଳି ଆସୁଥିଲା ତାଙ୍କର ବାତ୍ସଲ୍ୟଭରା ହୃଦୟରେ ନିଶ୍ଚିହ୍ନ ହୋଇଯିବା ପାଇଁ । ମନ୍ତ୍ରମୁଗ୍ଧ ପରି ତାଙ୍କର ବୁକୁ ଉପରେ ମଥା ଥୋଇ ମୁଁ ଭାବୁଥିଲି—ମା'ବ୍ୟତୀତ ଏତେ ଅନାବିଳ ସ୍ନେହ ଯଦି କେଉଁଠାରୁ ମିଳି ପାରେ ତେବେ ସେ କ'ଣ ମାଉସୀ !

ଜଳଖିଆ ପର୍ବ ଶେଷ ହେଲା । ହାତ ଧୋଇ ସାରିବା ପରେ ମାଉସୀ କହିଲେ— ସିଗାରେଟ୍ ଖାଉ ବାବୁ ?

—ନାଁ, ଖାଏନି ।

ଏ ଶତାବ୍ଦୀର ଯୁବକ ହୋଇ ତୁ ସିଗାରେଟ୍ ଖାଉନା ? ସେ ହସିଲେ । ମୁଁ କିନ୍ତୁ ତାଙ୍କ ହସକୁ ସମର୍ଥନ କରି ପାରିଲିନି । ସାମାନ୍ୟ ଅନ୍ୟ-ମନସ୍କ ହୋଇ ଉଠିଥିଲି । ତାଙ୍କର ପ୍ରତ୍ୟେକ କଥାର ଛନ୍ଦ ଭିତରେ ମୋ ଅବୁଝା ମନ ଖୋଜି ବୁଲୁଥିଲା ଗୋଟିଏ ସମ୍ବାଦ, ସନ୍ଦେହ ଗଣ୍ଡଦଳର ସମାଧାନ । ସ୍ୱପ୍ନିଳ ଅତୀତ ଭଳି ଜଟିଳ ଉଠିଥିବା ଦୁଇଟି ଉଦାସୀ

ଅଶିର ନୀରବ ସ୍ୱହାଣୀ··ମୂକ ସଙ୍ଗୀତ । ମହଲରେ ସବୁଆଡ଼ ସେଇ ଛୁଆଣୀଭଳି ସ୍ପନ୍ଦିତ ମଧୁର ଅନୁଭୂତି ଭିତରୁ ବିମୁଗ୍ଧ ଗୁଞ୍ଜରଣ ଭରା ଗୋଲାପ ଗଣ୍ଡୀଟିକୁ । ତା'ର ନୀରବ—ଧୀର କଣ୍ଠସ୍ୱର·· ବହଳ ଭ୍ରୂ ଉପରେ କୁଞ୍ଚିତ କଟାକ୍ଷ···ବିନ୍ୟସ୍ତ କେଶ ଉପରେ ଖୁରୁ ଯୂଥିକାର ଭୁରୁ ଭୁରୁ ଗନ୍ଧ··· ଆଉ ଚମ୍ପକ ଅଙ୍ଗଲତା ଉପରେ ଚଇତାଳି ଆକାଶୀ ରଙ୍ଗର ଏକ ଚମତ୍କାର ବେହରଣ । କି ସୁନ୍ଦର ! ଘରର ହାଲୁକା ପବନ ଭିତରେ ସତେ ଯିମିତି ଜୀବନ୍ତ ହୋଇ ଉଠିଛି ମୋର ଅନୁଭୂତି ।

···ବନ୍ଧୁ !

ଏଁ ! ସାମାନ୍ୟ ଚମକି ଉଠି ଉତ୍ତର ଦେଲି ।

କ'ଣ ଭାବୁଛ ଶୁଣେ !

କିଛି ନୁହେଁ ମାଉସୀ । କଥା ଛପାଇ କହିଲି । ଅଚ୍ଛା, ଏ କୋଠା ଖଣ୍ଡିକର ଅଧିକାରିଣୀ ଦୀପାଳୀ ବୋଲି ଆପଣ କାଲି କହୁଥିଲେ ନା ?

ମାଉସୀ ଧଡ଼ସ୍ତେ କ'ଣ ଭାବି ଉତ୍ତର ଦେଲେ—ହଁ, ସେ ନୁହେଁତ ଆଉ କିଏ ? ଏ ବିରାଟ ଦୁନିଆଁ ଭିତରେ କିଏ ବା ତାର ଆପଣାର ହୋଇ ଅଛି ? ଠାକୁର ମା' ତାର ଯେଉଁଦିନ ଆଖି ବୁଜିବ ସେଦିନ ଆହା ପଦେ କହିବାକୁ ତାର ହୋଇ କେହି ରହିବେନି । ପଇସା ଢେ଼ର ଅଛି । ହେଲେ ପଇସାର ମମତା ଦେଖାଇ କ'ଣ ପରକୁ ଆପଣାର କରିହୁଏ ? ସ୍ୱାର୍ଥପାଇଁ ଯେଉଁ ବନ୍ଧୁତା ହୁଏ···ଅର୍ଥ ଆଶାରେ ଯେଉଁ ସ୍ନେହ-ସୋହାଗର ବଜମସୁ ହୁଏ ସେଥିରେ କ'ଣ ପ୍ରାଣ ଥାଏ ? ଛଳନା ଭରା ଏକ ପ୍ରଜ୍ୱଳିତ ଅଗ୍ନିର ସ୍ଫୁଲିଙ୍ଗ ସେ ।

ମାଉସୀ ଦୀର୍ଘଶ୍ୱାସ ଛାଡ଼ିଲେ ।

ସତେ ବନ୍ଧୁ, ଏ ଅର୍ଥ ପିପାସୁ ଦୁନିଆଁ ଭିତରେ ଦୀପାଳୀ ଏକ ବିରାଟ ଅନୁଶୀଳନ । ନିହାତି ଅସାମାନ୍ୟା ସେ । କି ଅମାୟିକ ବ୍ୟବହାର, କି ଚମତ୍କାର ପରିଚର୍ଯ୍ୟା । ତୁମେ ଦେଖିବନି, ଦୁଇପଦ କଥା ବାର୍ତ୍ତାରେ ସେ ତୁମକୁ ଜିଣି ନେଇ ଯିବ । ଟିକିଏ ବି ଆଭିଜାତ୍ୟର ଗର୍ବ ତାଠାରେ ପାଇବନି । ହାତ ସାଧାସିଧା ଚାଲି ଚଳନ । ଜୀବନ ଜୀବନ ଭିତରେ ସାହିତ୍ୟ

ସେବାରେହିଁ ତାର ପରମ ଆନନ୍ଦ···ପରମ ତୃପ୍ତି । ନିଜ ଘରେ ଗଣ୍ଡିଏ ଲାଇବ୍ରେରୀ ଖୋଲିଛି । କେତେ ପ୍ରକାର ବହି ସେ ଶୁଦ୍ଧ ହୋଇଛି, ତୁମର ଆଖି ପାଇବନି । ବୟସ କୋଡ଼ିଏ ଟପିନି । କିନ୍ତୁ ତାର ଓଜସ୍ୱିତା ପ୍ରଭାବରେ ପ୍ରତ୍ୟେକର ମଥା ନଇଁ ଆସିବ । କେତେକ ଭାଷାକୁ ସେ ଆୟତ୍ତ କରି ପାରିଛି । କେଉଁ ଗୁଣରେ ହେଲେ ସେ କମ୍ ନୁହେଁ । ଯିମିତି ଶିକ୍ଷା ଦୀକ୍ଷା, ସିମିତି ଭଦ୍ର ଓ ନମ୍ର । ଦୁନିଆଁର କୋଟିଏ ଲୋକ ଭିତରୁ ଗୋଟିଏ ପାଖରେ ବି ତାଙ୍କ ଗୁଣ ନଥିବ ।

—ମୁଁ କିନ୍ତୁ ଆପଣଙ୍କ କଥାକୁ ସ୍ୱୀକାର କରି ପାରୁନି ମାଉସୀ । ଆପଣ ହୁଏତ ଦୀପାଲୀର ନିବିଡ଼ ସଂସ୍ପର୍ଶରେ ଆସିଛନ୍ତି ବୋଲି ତାର ତାରିଫ୍ କରି ପାରୁଛନ୍ତି କିନ୍ତୁ ପ୍ରତ୍ୟେକ ବଙ୍ଗୀୟ ବାଳିକାଙ୍କର ବ୍ୟବହାର ଦୀପାଲୀଠାରୁ କୌଣସି ଗୁଣରେ କମ୍ ନୁହେଁ । କେବଳ ବଙ୍ଗୀୟ ବାଳିକା କାହିଁକି, ଆମର ହତଭାଗା ଓଡ଼ିଆଙ୍କୁ ବାଦ୍ ଦେଲେ ଅନ୍ୟ ପ୍ରତ୍ୟେକ ଜାତିର ଶିକ୍ଷା ସଭ୍ୟତା ସେମାନଙ୍କର ବ୍ୟବହାରକୁ ଉନ୍ନତ କରି ତୋଳି-ଥାଏ ।

ଆମ ଓଡ଼ିଆଙ୍କର ଶିକ୍ଷା କ'ଣ ଅନ୍ୟ ଜାତି ଅପେକ୍ଷା ଅନୁନ୍ନତ ?

ନିଶ୍ଚୟ ମାଉସୀ । ଏକଥା ପ୍ରତ୍ୟେକ ସ୍ୱୀକାର କରିବେ । ଅତି ଛୁଆଟି ଦିନରୁ ଅନ୍ୟ ଜାତିର ପିଲାମାନେ ମା' ମାନଙ୍କଠାରୁ ଏପରି ଭାବରେ ଶିକ୍ଷା ପାଇଥାନ୍ତି ଯେ ଆପେ ଆପେ ସେମାନେ ଭଦ୍ର ହୋଇ ଉଠନ୍ତି । ଆପଣ କହନ୍ତୁ ତ, ପୁଅ ଝିଅଙ୍କୁ ବ୍ୟବହାର ଶିକ୍ଷା ଦେବାରେ ମା'ର ଯେତିକି ହାତ ଥାଏ ଅନ୍ୟ କାହାର କ'ଣ ସେତେ ଥାଏ ? ବାପ, ନିଜର ବ୍ୟସ୍ତ ବହୁଳ ଜୀବନ ଭିତରେ କେତୋଟି ମୁହୂର୍ତ୍ତ ପାଇବ ଯେ ସେମାନଙ୍କର ଭଦ୍ରତା ଆଡ଼କୁ ନଜର ଦେବ ? କୋଳ ପୋଛା ବୟସରୁ କର୍ତ୍ତ୍ରମାନଙ୍କୁ ଆଦବ୍ କାଇଦା ଶିକ୍ଷା ଦେଲେ ପ୍ରତ୍ୟେକ ଆପଣଙ୍କ ଦୀପାଳୀ [illegible] ପରି ଭଦ୍ର ହୋଇ ଉଠିବେ । କିନ୍ତୁ ଆମ ହତଭାଗା ଜାତି [illegible] ଅଭାବ ।

ମୋର କଥାଗୁଡ଼ିକ ମାଉସୀଙ୍କ ମନକୁ ଛୁଇଁଛି । ତଥାପି [illegible] ଜାଣି ହୋଇ ନାହିଁ ଉତ୍ତେଜନା ସହିବାର ଶକ୍ତି ତାଙ୍କର [illegible]

ଖାକୁ ଛୁପି ରଖି କହିଲେ—ଆଉ ଝିଅ ଭାଗ୍ୟର ଦୋଷ କେଉଁଠି ବଖାଣ ଶାସ୍ତ୍ରରୁ ଶୁନ୍ ?

ହେ-ହୋ-ହୋଇ ହସି ଉଠିଲି ମୁଁ । ଗୁଣର ଗନ୍ଧ ଯେଉଁଠି ନାହିଁ ସେଠାରେ ଦୋଷ କ'ଣ ଖୋଜିବାକୁ ପଡ଼ନ୍ତ ? ସାଧାରଣ ଜୀବନରେ ଦେଖିଲେ ପଣ ନଜରେ ବି ସେମାନଙ୍କର ଭୁଲ୍ ଦେଖି ପାରିବେ । ମନୁଷ୍ୟର ଗୁଣ ଓ ଲକ୍ଷ୍ୟ ଉପରେ ତାର ସଂସ୍କୃତି, ଶିକ୍ଷା, ବ୍ୟବହାର । କିନ୍ତୁ ଆମ ଦେଶର ତରୁଣୀମାନେ ଏ ଗୁଣର କୌଣସିଟି ବି ଧାର ଧାରନ୍ତି ନି । ଉପରେ ମୂର୍ଖ ସେମାନେ । ଅପରନ୍ତୁ ମନ ଭିତରେ ଈର୍ଷା ଜଣାଏ ଓ ଅବଜ୍ଞା ବି ଥାଏ । ରେ ଦୁଇପଦ କଥା ଲେଖିବାକୁ ବସିଲେ ଗୋଟାଏ ଝିଲ ଗଳ୍ପିକ ତଢଂ ସେମାନଙ୍କର ଲେଖା ଦେଇ ଧାରା ନର୍ଭିଲ ହୋଇ ପାରନ୍ତି । କେବଳ କପଟ ଭୃଙ୍ଗୀସ୍ୱନା ପର 'ଯନ୍ତ୍ର' 'କଣ୍ଠ' ଲେଖାଟିରେ ପୂର ଠିଥିବ । ଆଉ ପୁଅ ଝିଅଙ୍କୁ ଶିକ୍ଷା ଦେବେ କ'ଣ ? କେବଳ ସେତିକିତ ହେଁ, ହିଂସା, ଅହଙ୍କାର ଓ ଆକାଂକ୍ଷା ପ୍ରଭୃତି ନହାତ୍ର ନିକୃଷ୍ଟ ଭାବ କଦର୍ଯ୍ୟ ଭାବ ଯିମିତ ତାଙ୍କ ମନରେ ବସା ବାନ୍ଧି ରହିଥାଏ । ଏ କ୍ଷେତ୍ରରେ ସେମାନେ କପରି ଦୁନିଆଁରେ ଉନ୍ନତ ହୋଇ ପାରିବେ ? ପୁଅ ଝିଅ ବା ଲ ହେବେ କେଉଁଠୁ ? ଜନନୀର ପବିତ୍ର ମନ ଭିତରୁ ଏଇ କୁତ୍ସିତ ନିତାର ଆଶ୍ରୟ ପାଇ ବୟସର କ୍ରମ ବିକାଶ ସାଥିରେ ସେମାନେ ବି ହୋଇ ଉଠନ୍ତି କଦର୍ଯ୍ୟ, ଜଘନ୍ୟ ହିଂସ୍ର । ସେହି ଅସ୍ୱଚ୍ଛମାର ସଂସ୍କାର ଭିତରେ ନିଜର ଉନ୍ନତ ବ୍ୟକ୍ତିତ୍ୱ ଲୁଚି ଛପି ଯାଏ । ଘରେ ଘରେ ଳି, ଅଶାନ୍ତି କ'ଣ ନାରୀ ଜନ୍ମର ଚରମ ଲକ୍ଷ୍ୟ ମାଉସୀ ! ଲତୁଣୀ-କୋମଳ ହୃଦୟର ଦ୍ୱାର ଦେଇ ବ୍ୟକ୍ତିତ୍ୱର ପାଇଁ କ'ଣ ଆଦ୍ୟାଶକ୍ତି ନାରୀର ସୃଷ୍ଟି !!

ଏଥର ଆଉ ପ୍ରତିବାଦ କରିବାକୁ ଯୁ' ନଥିଲା ମାଉସୀଙ୍କଠି । ଆଖି ଭାରେ ଅସନ୍ତୋଷର ଇସାରା ଦେଇ ସେ କହିଲେ— ଛି, ଛି ! ଝିଅ ଇ ଝିଅକୁ ନିନ୍ଦା କରୁଛୁ ? ଜାତିର ଅପମାନରା କ'ଣ ତୋର ନୁହେଁ ! ସମାଜର କଳଙ୍କ ଗଣ ନିଜର ନୁହେଁ !

ନିନ୍ଦା ନୁହେଁ ମାଉସୀ । କଟୁ ସତ୍ୟ ଆଉ ବାସ୍ତବ କଥା କହି- ରେ କ'ଣ ଦୋଷ ଥାଏ ?

ମାଉସୀ ପୁଣି ସ୍ମୃତିର ମୁଣି ଖୋଲିଲେ—ତୁ ଯାହା କୁହ ବାବୁ । ଦୀପାଳୀ ପରି ପିଲାଟିଏ ମିଳିବା ଅତି ବିରଳ । କଅଁଳ ପଦ୍ମକଢ଼ିଆଁ ବୟସରୁ ସେ ଯିମିତି ସାହିତ୍ୟ ପ୍ରତି ଅନୁରକ୍ତା ହୋଇ ଉଠିଛି ସିମିତି କେତେ ଜଣ ତୁ ଦେଖିଛୁ ? ତତେ କିନ୍ତୁ ସେ ବଡ଼ ତାରିଫ କରେ । ତୋ ଲେଖା ପଢ଼ିବାରେ—ତୋ ବକ୍ତୃତା ଶୁଣିବାରେ ତାର ବେଶୀ ଆଗ୍ରହ । ଅନେକ ଥର ସେ ମୋ ଆଗରେ ତୋର ପ୍ରଶସ୍ତି ମେଲେଇ ବସେ । ତା ମୁହଁରୁ ପ୍ରତିଦିନ ତୁମ ନାମଟି ଶୁଣିବାକୁ ପାଏଁ ସିନା ହେଲେ ତୁ ଯେ ମୋର ସେହି ପୁରୁଣା ଘରର ମାଟିର କୁଣ୍ଢେଇ ଏକଥା ମୁଁ ଜମାରୁ ଠଉରାଇ ପାରେନା । ଆଜି ତୋତେ ଯେ ମୁଁ ଏତେଦିନ ପରେ ଫେରି ପାଇଛି, ତା କେବଳ ଦୀପାଳୀ ପାଇଁ ।

—କିମିତି ? ସନ୍ଦେହଭରା କଣ୍ଠରେ ପଚାରିଲି ।

—କାଲି ଟାଉନହଲ ପର୍ଯ୍ୟନ୍ତ ଯିବା ମୂଳରେ ଥିଲା ଦୀପାଳୀ । ଅନୁଷ୍ଠାନରେ ତୁ ବକ୍ତୃତା ଦେବୁ ଶୁଣି ସେ ମୋତେ ଜୁଲମ କରି ଧରି ନେଇ ଯାଇଥିଲା । ହୁଏତ ଦୀପାଳୀ ଝୁଙ୍କ ଧରି ନଥିଲେ ମୁଁ କଣ ମୋର ହଜିଲା ଧନକୁ ଖୋଜି ପାଇଥାନ୍ତି କେବେହେଲେ ? ଭରା ଉଦ୍‌ବେଗରେ ମାଉସୀ ମୋତେ ସ୍ନେହ କରିବାକୁ ଲାଗିଲେ ।

ମାଉସି...ମାଉସି...

ରୁଣ ଝୁଣ ପାଉଁଜିର- ହିଲ୍ଲୋଳିତ ଲହରି ସହିତ ତାଳ ମିଶାଇ ଦୂରରୁ ଭାସି ଆସିଲା କେଉଁ ଏକ ଆକାଂକ୍ଷିତ ତରୁଣୀର ଉଚ୍ଛ୍ୱସିତ କଳଗୁଞ୍ଜନ । ବନ୍ଧନହରା ଚଞ୍ଚଳକୁରଙ୍ଗୀ ପରି ଛୁଟି ଆସିଲା ଦୀପାଳୀ ।"

ପରଦା ଠେଲି ପଶି ଆସୁଥିଲା ସେ । ହଠାତ୍ ଅଟକିଗଲା ତାର ଗତି । ମୋର ଉପସ୍ଥିତିରେ ସେ ସାଙ୍ଘାତିକ ଭାବରେ ଅପ୍ରତିଭ ହୋଇ ଉଠିଛି । ମୁହଁର ଉଜ୍ଜ୍ୱଳତା କେଉଁଆଡେ ମଉଳି ଗଲାଣି—ଖିଲି ଖିଲି ହସ ଭରା ରଙ୍ଗ ଅଧର ଦୁଇଟି ଧୀରେ ସଂକୁଚିତ ହୋଇ ଆସିଛି—ଦୀପାଳୀ ମ୍ଳାନ ପାଲଟି ଯାଇଛି ।

ପରିସ୍ଥିତିକୁ ଯଥା ସମ୍ଭବ ସମ୍ଭାଳି ନେଇ ମାଉସୀ କହିଲେ—ଭିତରକୁ ଆସ ଦୀପାଳୀ । ଯେଉଁ କବିର ସ୍ତୁତିଗାନରେ ତୁମେ ମୁଖର ହୋଇ ଉଠୁଥିଲ ତାଙ୍କୁ କ'ଣ ଏମିତି ଅଭ୍ୟର୍ଥନା ଜଣାଇବ ?

ଦୀପାଳୀ ଆଉ ରହି ପାରିଲାନି । ନୀରବରେ ଭିତରକୁ ଆସି ପାଖ କୁସନରେ ବସି ପଡ଼ିଲା ।

ମାଉସୀ ଉଠିଲେ ।

ମୁଁ ଆସୁଛି ବାବୁ ! ତୁ ଦୀପାଳୀ ସାଥିରେ କଥାବାର୍ତ୍ତା ହୁଅ ।

ସାମାନ୍ୟ ତୀର୍ଯ୍ୟକ ଦୃଷ୍ଟିରେ ଚାହିଁଲି ତନ୍ୱୀ ଦୀପାଳୀକୁ । ସରମ ପରାଜିତ ନୟନ ଯୁଗଳ ତଳକୁ କରି ବସିଛି ସେ । ସ୍ଥିର ଗମ୍ଭୀର ଆନନ ଉପରେ ଛପି ଛପିକା ଭାବନାର କୁହୁଡ଼ି ଅତି ସୁନ୍ଦର କରି ତୋଳିଛି ତାକୁ । ବେଶଭୂଷା କାନ୍ତ—ମନମତାଣିଆ ଗଠଣ ସାଥିରେ ଅପୂର୍ବ ପରିପାଟୀ । ଅଙ୍ଗୁର ରଙ୍ଗର ପତଳା ଶାଢ଼ୀ ଦେହରୁ ଅଜ୍ଞାତ ଏସେନ୍ସର ଗନ୍ଧ ଛୁଟିଛି । ତାର ତଳେ ଉଦ୍‌ଗତ ଯୌବନକୁ ଛପେଇ ରଖିଛି ସବୁଜ ରଙ୍ଗର ଦାମୀ ବ୍ଲାଉସଟି । ଗଳାବେଷ୍ଟିତ ନେକ୍‌ଲେସର ହୃଦୟ ଲକେଟ୍‌ଟା ଉନ୍ନତ ବକ୍ଷୋଜର ମଧ୍ୟସ୍ଥଳରେ ଝୁଲି ପଡ଼ି ଶୋଭାକୁ ଦ୍ୱିଗୁଣିତ କରୁଛି ।

ନିଜ ଭିତରେ ଶିହରି ଉଠିଲି ମୁଁ । କେବଳ ଧନୀ ନୁହେଁ—ବିପୁଳ ସୌନ୍ଦର୍ଯ୍ୟର ଅଧିକାରିଣୀ ମଧ୍ୟ ତନ୍ୱୀ ଦୀପାଳୀ ।

ଦୀପାଳୀର ଅଭ୍ରାନ୍ତ ଦୃଷ୍ଟି ତଳେ ନେଇଛି । ତୁଣ୍ଡରେ ଭାଷା ନାହିଁ । କିନ୍ତୁ ସେହି ନୀରବ ଭାଷାର ଛିଅ ଧରି ମୁଁ ଟାଣି ହୋଇ ଗଲି ବହୁତ ପଛକୁ, ମନ ପରଦାରେ ଜଳେଇ ଉଠିଲା ମଧୁର ଅତୀତ—ସବୁଜ—ସୁନ୍ଦର—ସ୍ୱପ୍ନିଲ ଅତୀତ । ଆଖି ଆଗରେ ଦେଖା ଦେଉଛି ଅଭିମାନିନୀ ଶେଫାଳୀର ଲୁହଝରା ମୁହଁ ।

ଶେଫାଳୀ·· । ଅଜ୍ଞାତ ପୁରପଲ୍ଲୀର ଏକ ଅର୍ଦ୍ଧଶିକ୍ଷିତା ମଫସଲି ବାଳିକା—ନିହାତି ସରଳା—ନିହାତି ସାଧାସିଧା । ଆଭିଜାତ୍ୟର ମୋହ ନାହିଁ ? ବଡ଼ଲୋକର ଗର୍ବ ନାହିଁ, ଧନର ଅହଙ୍କାର ନାହିଁ, ମାନର ଆକାଂକ୍ଷା ବି ନାହିଁ, ତଥାପି ସେ ସୁନ୍ଦରୀ । ଦୀପାଳୀ ରୂପର ଅନେକ ସାମ୍ୟ ଅଛି ତାଠି । ଠିକ ଏମିତ ଗୋଲ ତକ ତକ ଚକଚକ ଚକଚକ ଦେହ—

ଠିକ ଯେମିତି ସୁନ୍ଦର ଗଣ୍ଡ ଉପରେ ରକ୍ତର ଚମକ—ଠିକ୍ ଯେମିତି ଚଞ୍ଚଳ ଚକ୍ଷୁ, ଉପରେ ମଦ୍ଯର ମାଦକତା ।

ମୋ'ର ଗାଁକୁ ଲାଗି ଆଉ ଖଣ୍ଡିଏ ଛୋଟିଆ ଗାଁରେ ଶେଫାଳୀର ଜନ୍ମ । ମୋ ଜନ୍ମର ଦୁ'ଟି ବରଷ ତଳେ ପୂର୍ଣ୍ଣମା ପ୍ରକଳା ମଧୁର ସୁଜ୍ଞକୁ ରାତରେ ଆତ୍ରେଇ ଗୋଟିଏ ଗରିବ ପରିବାରରେ ଦୂରଠାରୁ ଦୂରେ କୁଆଁ କୁଆଁ ହୋଇ କାନ୍ଦି ଉଠିଥିଲା ଏଇ ସରଳା ଶିଶୁଟି । ହେଲେ ସେଦିନ ଆକାଶ ବୁକୁରେ ସୁନ୍ଦର ଅପୂରନ୍ତ ଫଗୁଆ ଖେଳି ନଥିଲା । ଅଥଚ ତଳ ବହୁତ ସାଥିରେ ଧରି ଶେଫାଳୀ ଆସିଥିଲା ଏକ ଅନାଟନ ପରିବାରର ମଝି ଝୋଲାକୁ । ଦୁଃଖ-ଦାରିଦ୍ର୍ୟ ତମସାରେ ଭରା ଅସହାୟ ପରି ରୁକ୍ଷ, ନୀରସ, ସଂଘର୍ଷଶୀଳ ପରିବାରରେ ଏଇ ସ୍ୱର୍ଗର ଶିଶୁଟିର ଆକସ୍ମିକ ଆବିର୍ଭାବରେ ମୁଗ୍ଧ ହୋଇ ବାପ, ମା' ଅତି ଆଦରରେ ନାମ ଦେଇଥିଲେ ଝିଅ ଶେଫାଳୀ ।

ଦିନ ଗଡ଼ି ଚାଲିଲା ସୁଅ ପରି । ଧୀରେ ଧୀରେ ଶେଫାଳୀର ଦେହ ମନ ଓ ବୟସରେ ପରିବର୍ତ୍ତନ ଆସିଲା । ଦଶେଟି କଥା ଗୁଞ୍ଜି ଫୁଲର ଦଣା ଭୁଣ୍ଡରେ ଧରିଲା ସେ । ବାଉଁଶ କୁଲେଇ ଧରି ଦାଣ୍ଡ ଆଗରେ ଧୂଳିର ଘର ତୋଳି ବସିଲା । ମୁଁ ଅନେକ ସମୟରେ ଯାଇ ତା ସହିତ ଯୋଗ ଦିଏ । ଦୁହେଁ ଘର ତିଆରି କରୁ, ପୁଣି ଭାଙ୍ଗି ଦେଉ ।

ଗାଁ ଇସ୍କୁଲ ଧରିଲା ବେଳକୁ ତାକୁ ନ'ବର୍ଷ ପୂରି ଯାଇଥାଏ । ଆମ ଦୁହିଁଙ୍କର ନିର୍ମଳ ମମତା ଭରା ବନ୍ଧୁତା ସେତେବେଳକୁ ଘନେଇ ଉଠିଥାଏ ଅତି ନିବିଡ଼ ଭାବରେ । କେହୁ କାହାରିକୁ ଦଣ୍ଡେ ଛାଡ଼ି ପାରୁନା । ତାଙ୍କ ସାମନା ବଉଳଗଛଠାରୁ ଗାଁ ମୁଣ୍ଡ ଅପନ୍ତ୍ରସ । ଡୁଡୁରୁଡୁକଣ ଲୁଣ ଭୁଦା ପର୍ଯ୍ୟନ୍ତ ଆମର ଖେଳ ଲାଗିଥାଏ । ସବେ ସିମେଇ ଜୁଆ ମାଦଳ ଭୁବନ ଭିତରେ ଯୌବନ ମରିଥିଲା ଜୁଇଟି ସାଥୀ । କେତେଥର ଅଲକା ନଗର ଆରପଟ ଘାଟ ବଣରେ ଲୁଚକାଳି ଖେଳୁ ଖେଳୁ କଲା ପକ୍ଷୀର ମାଡ଼ ଅସିଛୁ—ଆଉ କେତେଥର ଝେଲକୁ ଖେଳ ଭିତରେ ମାଡ଼ ଆସିଛୁ କଳା ମେଘର ଭଉଁରାଣିଆ ବର୍ଷା ଜଳକୁ ଘଡ଼ଘଡ଼ି ଭିତରେ ଭିଜୁ ଭିଜୁ ଘରକୁ ଫେରିଛୁ ବାପ-ମା'ଙ୍କ କୋଳରେ ଆଉ ଶୋଇଛୁ । ଏମିତି

ଛୁଇଁ ପାରନ୍ତୁ କେହି କାହାରିକୁ । ଜାପାନୀଙ୍କର ଜିଲି ଆଉ ଆମ ବୁଢ଼ୀଙ୍କ ସ୍ନେହର ରଙ୍ଗ ଅଛି ସ୍କେଚ ପାଇଁ ।

ଏଇ ଖେଳ ଭିତରେ ବସନ୍ତର କେତୋଟି ପାହାଚ ଟପିଗଲୁ ଆମେ । ଅତୀତକୁ ଆମେ ପଛେଇ ଦେଇଥିଲୁ କିନ୍ତୁ ଅତୀତ ଭୁଲି ପାରି ନ ଥିଲା ଆମକୁ । ପିଲାଦିନର ସେ ଜଡ଼ ଖବର ଲୁଚେଇ ଛୁଇଁ ଆଉ କେତେ ନୂଆ ପ୍ରକାରର ଲୁଚେଇ ଧରି ଖେଳିବା ପାଇଁ ବେଳେବେଳେ ଆମର ଅବୁଝା ମନ ଆକୁଳ ହୋଇ ଉଠୁଥିଲା । ପ୍ରଭାତ ପରେ ମାଣ୍ଡ ସଞ୍ଜର ପଣତ ଧରି ଛୁଟି ଆସିଲା ବସନ୍ତ । ଶେଫାଳୀର ଅନଭ୍ୟସ୍ତ ଓ ଅସଂଯତ ଲଜ୍ଜା ତଳେ ଅଜାଣତ ଦେଇଗଲା କୋଟି ଯୁଗର ବେପଥୁ । ଝିଲିମିଲିଆ ପବନରେ ଗୀତେଇ ଉଠିଲା ତାର କେଶମଣ୍ଡଳ । କେଉଁଟି ମୁହୂର୍ତ୍ତି ଭିତରେ ପୁରୁଣା ପ୍ରାଣଟା ସମ୍ପୂର୍ଣ୍ଣ ବଦଳି ଯାଇଛି । ନିଜର ସୌନ୍ଦର୍ଯ୍ୟ, ଗଠଣ ପ୍ରତ୍ୟେକଥିରେ କୁଆଁରୀ କୁମାରୀର ମୃଦୁ ପରଶ—ଆଉ କୁରଙ୍ଗୀ ନୟନର ତଳେ ତଳେ ମଶିଣ ଜୀବନର ରଙ୍ଗୀନ ସ୍ୱପ୍ନ—ସେଇ ସ୍ୱପ୍ନ ଭିତରେ ଲୁଚି ରହିଛି ଜୀବନର ପ୍ରକାଶ, ବିକାଶ ଓ ସ୍ୱାଦ ।

ସେଦିନର ସେହି ଶେଫାଳୀ—ଯାହାର ପୁରୁଣା ଗାଲରେ କସ୍ତୁରୀ ଆଖି ଦେଖିବା ପାଇଁ ଗତବର୍ଷ ଡୋଳ ଆଣିଛୁ ଅଥ ନଡ଼କୁ, ସେ ବା ଆଜିର ଏ ସୁକୁମାରୀ ଦୀପାଳୀଠାରୁ କେଉଁ ଗୁଣରେ କମ୍ !!

ଭାବନାର କୁହୁଡ଼ି ଭିତରେ ମୁଁ ନିଜର ଉପସ୍ଥିତି ବି ପାସୋରି ଦେଇଥିଲି । ହଠାତ୍ ଖାମଖିଆଲିଙ୍କ ପରି ଛୁଟି ଆସିଲି ପଢ଼ାକୁ । ଉପସ୍ଥିତିକୁ ଦୃଷ୍ଟି ଦେବାକୁ ମୋ ଦେହରେ କୁଏତ ଚେତନା ନ ଥିଲା ।

*

*   *

*

ତରଳ ବୟସ ଉପରେ ଯୌବନର ମଧୁରତାକୁ କେବେ ଦ'ଣ ଯକ କ୍ଷୟ ? ସେ ସ୍ୱର୍ଗ ଭାବ ତରଣ ଛଳେ ମରଣର ଲହଡ଼ି ଲୁଟାଇ-ବୁ । ପୃଥିବୀର ଯନ୍ତ୍ରଣା କ୍ଷଣରେ ଦୁଇ ଦିନର ତରଳ ଜୀବନ—ସ୍ୱପ୍ନ

ଜୀବନର ଏକ ବିରାଟ ଆହ୍ୱାନ । ତା' ଭିତରେ ପବନବରୁର ବୟସର ଅସଂଯମତା କେତେ କ୍ଷୁଦ୍ର—କେତେ ନଗଣ୍ୟ । ମଣିଷ ବୁଝି ବି ବୁଝି ପାରେନା । ନିଜକୁ ହଜାଇ ଦିଏ—ନିଜର ମାନ ସମ୍ମାନକୁ ପାଶୋରି ଯାଏ । ନିଜର ଦୁର୍ବଳତା ଭିତରେ ବସନ୍ତର ଆଗମନୀକୁ ସେ ସ୍ୱାଗତ ଜଣାଏ । ବାପ, ମା, ଭାଇ, ଭଉଣୀ ସମସ୍ତଙ୍କି ପାଶୋରି ଦେଇ ନିହାତି ସାତ ପରକୁ ଅତି ଆପଣାର କରିନିଏ—

ସେଥିପାଇଁ ଦାୟୀ କିଏ ? ମଣିଷ ନାଁ ତାର ବୟସ !

ଦୁଇ ବିପରୀତ ଆକର୍ଷଣରେ ମୁଁ ଆଉଟି ପାଉଟି ହୋଇ ଉଠିଲି । ଗୋଟିଏ ପାଖରେ ମାଉସୀଙ୍କର ଅନ୍ତରଭରା ବାତ୍ସଲ୍ୟ ସ୍ନେହ ଆଉ ଅନ୍ୟ ପାଖରେ ଦୀପାଳୀର ନୀରବ ସୁହାଣୀର ମୂକ ଇଙ୍ଗିତ ମୋତେ ବ୍ୟାକୁଳିତ କରିଛି । ମନ ଭିତରେ ଅସୀମ ପିପାସା ଧରି ଶୀତ ଦିନର କଅଁଳିଆ ଖରା ଟାଣ ନ ଧରୁଣୁ ପହଂଚିଲି ମାଉସୀଙ୍କ ବସା ପାଖରେ । ସଦର ଦରଜା ମୁକୁଳା ଥିଲା । ଭିତରକୁ ସିଧା ସଳଖ ପଶିଯାଇ ଡାକିଲି ମାଉସୀ ।

ଉତ୍ତର ନାହିଁ ।

ଦୁଇ ପାହୁଣ୍ଡ ଆଗେଇ ଯାଇ ପୁଣି ଥରେ ଡାକିଲି । ତଥାପି ନିରୁତ୍ତର । ମନରେ ସନ୍ଦେହ ହଇଲା । ମାଉସୀ କ'ଣ ଘରେ ନାହାନ୍ତି । ଶୋଇବା କୋଠରୀ ଆଡ଼କୁ ଆଖି ଫେରାଇଲି । ଦୁଆର ମୁକୁଳା ଅଛି । ମାଉସୀ ଶୋଇ ପଡ଼ିଛନ୍ତି ବୋଧହୁଏ । ଭିତରକୁ ପଶିଲି ।

ଲାଗାଲାଗି ଦୁଇଟି ଚୌକିରେ ମାଉସୀ ଓ ଦୀପାଳୀ । ଦୁହେଁ ନୀରବ । ଦୀପାଳୀର ଆନତ ମୁହଁ ଉପରେ ଦୁଷ୍ଟାମୀର ଝଲକିଏ ହସ । ସାମାନ୍ୟ ପାଖକୁ ଲାଗି ଆସି କହିଲି—କଥା କହୁବେନି ମାଉସି ?

ତାଙ୍କର ତୁଣ୍ଡ ଖୋଲିଲା—ତୁ ବଡ଼ ଦୁଷ୍ଟହେଇ ଗଲୁଣି ବିଜୁ ! ଦୀପାଳୀର ଅଭିଯୋଗ ତୋ ବିରୁଦ୍ଧରେ । କାଲି ନୀରବରେ ବସି ରହିଲୁ ଅଥଚ ତା ସାଥିରେ ପଦେ ବି କଥା ହେଲୁନି ।

ମନ ହେଉଥିଲା କହି ଦେବାପାଇଁ, "ନାରୀ ହୋଇ ସେ ଯଦି ଆସୁ ଅଭିମାନରେ ନୀରବ ରହି ପାରିଲା, ମୁଁ ପୁରୁଷ ହୋଇ ତାକୁ କମିତ

ବା ନିଜ ଦୁର୍ବଳତାର ପରିଚୟ ଦେଇ ଥାଆନ୍ତି ?—କିନ୍ତୁ କହି ପାରିଲିନି । ଜିଭ ଲେଉଟିଲା ନାହିଁ କହିବାପାଇଁ । ମନକଥା ଚାପି ରଖି କହିଲି—ସେ ଭୁଲ୍ ମୋର ନୁହେଁ ମାଉସୀ ।

ଆହତ ଫଣିନୀପରି ଦୀପାଳୀ ମୋ କଥାକୁ ଛଡ଼ାଇ ନେଇ କହିଲା—ଆଉ ଭୁଲ କ'ଣ ମୋର ? ଆପଣ ତ ଗୁମ୍ ମାରି ବସିଲେ । ମୁଁ ବୃଥାରେ ତୁଣ୍ଡ ଖୋଲି କାହିଁକି ବିରକ୍ତ କରି ଥାଆନ୍ତି ବା ?

—ହଁ, ନିଜକୁ ନିର୍ଭୁଲ କରି ଥୋଇବା ପାଇଁ ଏ ଏକ ଅକାଟ୍ୟ ଯୁକ୍ତି ।

—ଆପଣ ବି ବନେଇ ଚୂନେଇ କହିବାରେ ତ କମ୍ ଧୁରନ୍ଧର ନୁହନ୍ତି ।

ମୁଁ ସହଜ ଭାଷାରେ କହିଲି—ଗୋଟିଏ ଭୁଲକୁ ଘୋଡ଼ାଇ ରଖିବା ପାଇଁ ନୂତନ ଭୁଲ୍‌ର ସନ୍ଧାନ କରି ବସିଲେ, ଭୁଲ୍‌ର ଖିଅ ଧରି ଭୁଲ୍ ଲାଗି ରହିଥିବ ଦୀପାଳି ! ମୀମାଂସା ଆଦୌ ହୋଇ ପାରିବନି ।

ଦୀପାଳୀ ଜବାବ ନ ଦେଇ ମୋ ମୁହଁକୁ କଟେଇ ଚାହିଁଲା । ସରୁ ନାକପୁଡ଼ା ଦୁଇଟି ତାର କ୍ରୋଧଭରା ଅଭିମାନରେ ଫୁଲି ଉଠିଛି । ସେ ନିଶ୍ଚଳ ଚାହାଣୀରେ ଚାହିଁଛି ମୋତେ ।

ମୋର କଥା କେଇପଦରେ ତା ମନର ସୂକ୍ଷ୍ମ ପରଦା କ୍ଷତବିକ୍ଷତ ହୋଇ ଉଠିଛି । ନିଜେ ନିଜେ ଲଜ୍ଜିତ ହେଲି । ଛି, ମୋର ଏପରି ନିଷ୍ଠୁରତା ନେଇ କ'ଣ ସେ ଭାବୁଥିବ । ତାର ସଜଳ ମୁହଁଟି ଉପରୁ ଦୃଷ୍ଟି ଫେରାଇ ଚାହିଁଲି ମାଉସୀଙ୍କ ଆଡ଼େ । ମାଉସୀ ନାହାନ୍ତି । ଆମର ଅଜାଣତରେ ସେ ଉଠି ଯାଇଛନ୍ତି ବାହାରକୁ । ଇମିତି ଏକ ନିଶ୍ଚିତ ସୁଯୋଗର ପ୍ରତୀକ୍ଷାରେ ଥିଲି ମୁଁ । ଏକ ସଜ୍ଜିତ ପ୍ରକୋଷ୍ଠ ଭିତରେ ସାମାନ୍ୟ ବ୍ୟବଧାନ ରଖି ଆମେ ଦୁଇଟି ତରୁଣ ତରୁଣୀ ଏକାକୀ । କଣ୍ଠରେ ଦରଦ ଆଣି କହିଲି—ରାଗ କଲ ଦୀପାଳୀ ?

—ମୁଁ କେବେ କାହାର ଉପରେ ରାଗ କରେନି ।

—କିନ୍ତୁ ତୁମର ଢଳ ଢଳ ଡୋଳା ଦୁଇଟି ଯେ ତାର ଯଥେଷ୍ଟ ପରିଚୟ ଦିଏ ।

ଅଭିମାନଭରା ମୁହଁରେ ହସ ଫୁଟେଇ ଦୀପାଳୀ କହିଲା—ତାହାହେଲେ ମାଣିକ ନେତ୍ରେ ସମ୍ମୁଖ ବଜୁଛାନ୍ତି । ଆପଣ ଲେଖକ ହୋଇ କ'ଣ ବୁଝି ନାହାନ୍ତି ?

—ମୁଁ ଲେଖକ ବୋଲି ବୁଝିଆ ସିନା ଭୁଲେ କିନ୍ତୁ ମୁଁ ସେ ଅସ୍ୱୀକାର କରେ ।

—କାହିଁକି ?

—ମୋ ଲେଖାକୁ ମୁଁ ନିଜେ ତାରିଫ୍ କରି ପାରେନା ବୋଲି । ଆଜିକାଲିର ବଜାରରେ ତ ଲେଖକଙ୍କ ସଂଖ୍ୟା କମ୍ ନୁହେଁ । ଦୁଇ ଚାରି-ଖଣ୍ଡ ଉପନ୍ୟାସ ପଢି ନିଜ ଭାଷାକୁ ସାମାନ୍ୟ ପରିମାର୍ଜିତ କରି ପାରିଲେ ଯେ କେହି ବି ଖଣ୍ଡେ ଉପନ୍ୟାସ ଲେଖି ପାରିବ । ମୁଁ ବି ତାହାରି ଭିତରୁ ଜଣେ । ବିଶେଷତ୍ୱ କ'ଣ ଅଛି ମୋଠି ?

କଥା ଶେଷରେ ଦୀପାଳୀ ଆଡ଼କୁ ଚାହିଁଲି । ଏପରି ଅବମାନନାରେ ମୁଁ ଲଜ୍ଜିତ ହୋଇ ନ ଥିଲି । ଦୀପାଳୀ ମୁହଁରୁ ମୋର ଜୟଗାନ ଶୁଣିବା ପାଇଁ ମୁଁ ବ୍ୟାକୁଳ ହୋଇ ଉଠିଥିଲି ।

ଦୀପାଳୀ ହସିଲା ।

ଯାହାର ଗୁଣ ଥାଏ ସେ କେବେ ନିଜ ଗୁଣର ପ୍ରଶଂସା କରେନା । ଫୁଲର ମହକକୁ ପବନ ନେଇ ବାହାରେ ବିଞ୍ଚିଦଏ ।

—ତୁମେ ତେବେ ମୋ ଲେଖାକୁ ତାରିଫ କର ?

—କେବଳ ତାରିଫ ତ ନୁହେଁ— ଆପଣଙ୍କ ଲେଖା ଭିତରେ ମୁଁ ନିଜକୁ ବି ଅନେକ ସମୟରେ ହଜେଇ ଦେଇ ବସେ । ଆତ୍ମହରା ହୋଇ ଅନେକଥର ମୋ ସାଥୀଙ୍କୁ ମାଉସୀଙ୍କ ଆଗରେ ବି ପ୍ରକାଶ କରିଛି ।

ଭିତରେ ଭିତରେ ଫୁଲୁଲି ଉଠି କହିଲି—ତୁମେ ବି ଲେଖାଲେଖି କର ବୋଲି ମାଉସୀ କହୁଥିଲେ···ସତ କି ?

—ହଁ, ବଙ୍ଗଳାରେ ଥିଲବେଳେ ଲେଖାଲେଖି ଉପରେ ମୋର ଢେର ଝୁଙ୍କ୍ ଥିଲା । ଧାରାବାହିକ ଭାବରେ ପତ୍ର ପତ୍ରିକାରେ ଲେଖାଲେଖି କରୁଥିଲି । କିନ୍ତୁ ଓଡ଼ିଶା ଛୁଇଁବା ଦିନୁଠୁ ସେ ସବୁ ଉପରୁ ଝୁଙ୍କ୍ କମି ଆସିଛି । ମନଟା କିମିତି ଖାପ୍‌ଛଡ଼ା ଧରି ଯାଇଛି । ଗୋଟିଏ କଥା ଭାବି ବସିଲେ

[illegible] ଗୋଟିଏ କ'ଣ ମନ ଭିତରେ ଝୁରୁଥାଏ । ସ୍ୱପ୍ନଭାର ଦୁଃଖ ଭିତରେ କ'ଣ ଲେଖାଲେଖି ଚାଲିଛି ?

ତା ଅଜଣା ମନର ଅବୁଝା କଥାକୁ ମୁଁ ବେଶ୍ ତର୍ଜମା କରି ନେଇ କହିଲି—ଅସୀମ ଭାବନାକୁ ପୁଣି କି ସୀମିତ କରିବାକୁ ସମ୍ଭବ ? ତା ନ ହେଲେ ଲକ୍ଷ୍ୟ ଯେ ଅଲକ୍ଷ୍ୟରେ ଲୁଚିଯିବ । ଯେଉଁ ସାହିତ୍ୟର ଉତ୍କର୍ଷ ତୁମ ଜୀବନରେ ଚୂଡ଼ାନ୍ତ ହୋଇ ଉଠିଛି, ତୁମେ କ'ଣ ସ୍ୱୀକାର ନ କରି ରହି ପାରିବ କେବେହେଲେ ?

—ମୁଁ ତ ଲେଖାଲେଖି ପୂରା ଛାଡ଼ି ଦେଇନି ? ଯେତିକି ପଢ଼ୁଥିଲି ଏଣିକି ଆଉ ହେବନି । ଆପଣଙ୍କ ସଂସ୍ପର୍ଶରେ ତାହା ଆପେ ଆପେ ଆଗେଇ ଯିବ.. କହି ଦୀପାଳୀ ଆଶାଭରା ଚାହାଣିରେ ମୋତେ ଚାହିଁଲା !

ମୁଁ ସେତେବେଳେକୁ ଅପଲକ ନୟନରେ ତାର ରକ୍ତିମ ଚକ୍ଷୁର କମ୍ପନକୁ ନିରୀକ୍ଷଣ କରି କେତେ କ'ଣ ଭାବି ଯାଉଥିଲି । ହଠାତ୍ ଦୃଷ୍ଟି ବିନିମୟରେ ଲଜ୍ଜିତ ହୋଇ ତୋଳା ଫେରାଇ ନେଲି ।

ଦୀପାଳୀ କିନ୍ତୁ ଧରି ପାରି ନ ଥିଲା ମୋର ଦୁର୍ବଳତା । ସେ ସେମିତି ମୋ ମୁହଁକୁ ଚାହିଁ ପଚାରିଲା—କୁହନ୍ତୁ ଆପଣ ମୋତେ ସାହାଯ୍ୟ କରିବେନି ?

ଉତ୍ତର ପାଇଁ ରାହା ଖୋଜୁଥିଲି । ଭିତରକୁ ପଶି ଆସିଲେ ମାଉସୀ । —ବଆବାଣ୍ଡି ସେତିକି ଥାଉ । ଦୁହେଁଯାକ ଭାତ ବାଢ଼ିଲିଣି । ଚାଲ ଖାଇବ [illegible]ଜ । ବାଧା ଦେଲିନି ତାଙ୍କ କଥା ଉପରେ । ମୁଁ ଜାଣେ ବାଧାଦେଇ [illegible]ଛୁ ଫଳ ମିଳିବନି । ତାହାଙ୍କର ଆଦେଶ ନିଶ୍ଚୟ ବଜାୟ ରହିବ । ଠିକ [illegible] ଠିକ ହେଲି । କିନ୍ତୁ ଦୀପାଳୀ ସେମିତି ମୁହଁ ପୋତି ବସିଛି । ପଚାରିଲି —ଦୀପାଳୀ କ'ଣ ଖାଇବନି ମାଉସୀ ? ତାକୁ ତ ନିମନ୍ତ୍ରଣ କଲନି ?

—ନିମନ୍ତ୍ରଣ କ'ଣ ସମସ୍ତଙ୍କ ପାଇଁ ଲୋଡ଼ା ହୁଏ ? ବିନା ନିମନ୍ତ୍ରଣରେ ଦୀପାଳୀ ତମ ସହିତ ଯୋଗ ଦେବ ।

ତଳ ଓଠକୁ ସାମାନ୍ୟ କାମୁଡ଼ି ଦୀପାଳୀ ହସିଲା ।

ଦୁହେଁ ଉଠିଲୁ ଖାଇବାପାଇଁ । ଦୁହେଁଯାକ ଭାତ ବାଢ଼ିଦେଇ ଥାଏ । [illegible]ଇବା ଘରକୁ ପଶିଯାଇ ଦେଖିଲି କେବଳ ଗୋଟିଏ ମାତ୍ର ଥାଳି ସଜଡ଼ା

ହୋଇଛୁ । ଆଉ ଦୀପାଳୀ ଖାଇବ କେଉଁଠି ? ସଂଦେହପୂର୍ଣ୍ଣ ଦୃଷ୍ଟିରେ ମାଉସୀଙ୍କୁ ଚାହିଁଲି ।

ମୋ ମନକଥା ଠଉରାଇ ନେଇ ମାଉସୀ କହିଲେ—ତୁମେ ଯିମିତି ମୋର ପୁଅ, ଦୀପାଳୀ ବି ଠିକ୍ ସିମିତି ଝିଅ । ଏକା ସାଥିରେ ଖାଇ ବସିଲେ କ୍ଷତି ବା କ'ଣ ?

ଯୌବନ ଉଦ୍ଭାସିତା ଏକ ଅନୂଢ଼ା ଝିଅ ସହିତ ସାଥି ହୋଇ ଖାଇବା ଏଇ ମୋର ପ୍ରଥମ । ଜୀବନ ଇତିହାସରେ ନୂତନ ଅଧ୍ୟାୟର ସୃଷ୍ଟି । କିନ୍ତୁ ଅସ୍ୱସ୍ତି ବୋଧକଲି । ଆଗକୁ ଯିବାପାଇଁ ପାଦ ଦୋ'ଟି ନିଜର ଅକ୍ଷମତା ସ୍ୱୀକାର କରି ନେଇଛୁ । ଛି, ଏପର୍ଯ୍ୟନ୍ତ ବି ଆମ ଦୁହିଁଙ୍କ ଭିତରେ ପୂର୍ଣ୍ଣ ମିଳାମିଶାର ଅବକାଶ ଆସିନି । ଅଥଚ ଏକା ସାଥିରେ ଖାଇ ବସିବୁ ଅତି ଆପଣାର ପରି ! ମୁହଁ ଖୋଲି ଅଭିଯୋଗ ବାଢ଼ି ନ ପାରୁ ଥିଲେ ବି ନୀରବତାରେ ବିରକ୍ତିର ସୂଚନା ଦେଇ ଠିଆ ହୋଇ ରହିଲି ।

ଭାତ ଅଣ୍ଡା ହୋଇ ଗଲଣି ବାବୁ ! ଖାଇବସ । —ସାମାନ୍ୟ ଚଢ଼ା ଗଳାରେ ମାଉସୀ କହିଲେ ।

ସାମାନ୍ୟ ଆଗକୁ ପାଦ ବଢ଼ାଇ ଚାହିଁଲି ଦୀପାଳୀକୁ । ନୀରବ ଇଙ୍ଗିତରେ ସେ ଯିମିତି ମୋର ନିଜର ଦୁର୍ବଳତାକୁ ଅସ୍ୱୀକାର କରୁଛି । ମୁହଁ ଉପରେ ପରିବର୍ତ୍ତନର ଲେଶ ନାହିଁ । ତେବେ ସେ କ'ଣ ଚାହେଁ ଇମିତି ସାଥିହୋଇ ଖାଇବାକୁ ? ହୋଇଥିବ । ତା ନ ହେଲେ ବାଧାଦେବା ପାଇଁ ତା ତୁଣ୍ଡରେ ତ ଢେର ଶକ୍ତି ଅଛି । ନିଜ ଭାବ ଭଙ୍ଗୀରେ ତ ଅନିଚ୍ଛା ପ୍ରକାଶ କରି ଦେଇ ପାରନ୍ତା । କିନ୍ତୁ ସେ ତ ହିଁକେହେଲେ ବିଚଳିତ ନୁହେଁ । ନାରୀ ହୋଇ ସେ ଯଦି ଅବାଧତାକୁ ପ୍ରଶ୍ରୟ ଦେଇ ପାରୁଛି ତେବେ ପୁରୁଷ ହୋଇ ମୁଁ ପଛେଇ ଯିବି କାହିଁକି ? —ଆଳି ପାଖରେ ଆଗ ବସିପଡ଼ି ଡାକିଲି—ଆସ ଦୀପାଳି !

ଦୀପାଳୀ ମୋ ପାଖକୁ ଲାଗି ବସି ପଡ଼ିଲା ।

ମାଉସୀଙ୍କ ମୁହଁ ପୂରି ଉଠିଛି । ସାମାନ୍ୟ ତଫାତରେ ବସି ପଡ଼ିଲେ ସେ । ଏକା ଦୃଷ୍ଟିରେ ଆମ ଖାଇବାର ଢଙ୍ଗକୁ ଚାହିଁ ରହି ଥାଆନ୍ତି । ସତେ ଯିମିତି ସେଇଥିରେ ତାଙ୍କର ଅସୀମ ତୃପ୍ତି । ମାତୃପ୍ରାଣର ସ୍ନେହ ପ୍ରାଚୁର୍ଯ୍ୟ

ହୁଛୁଳ ହଉଛି ତାଙ୍କର । ଆମକୁ ଜଳଖିଆ କରି ଖୋଇବା ସାଥୀରେ ପୁଷ୍ପାଙ୍କୁ ଘନ ଘନ ଡାକନ୍ତି । ସେ ବିଚରା ବୁଆଷ୍ଠାରେ ଯିବା ଆସିବା କରିବାରେ ବ୍ୟସ୍ତବ୍ୟସ୍ତ ହୋଇ ଉଠିଥିବ । ଖାଇ ଖାଇ କଣ୍ଠନଳୀ ପର୍ଯ୍ୟନ୍ତ ଖାଦ୍ୟ ଉଠି ଆସିଲାଣି । ତଥାପି ତାଙ୍କର ମନ ପୂରୁନି । ସେ ସ୍ପୃହାନ୍ତୁ ଆମକୁ ଆହୁରି ଖୋଇବା ପାଇଁ ।

ଇମିତି ଖାଇବା ପିଇବା ଭିତରେ ଦୀପାଲୀ ଓ ମୋର ମନ ଖୋଲା କଥାବାର୍ତ୍ତାରେ ମୁଦ ଦେଇ କେତୋଟି ନୀରବ ମୁହୂର୍ତ୍ତ ବିତି ଯାଇଛି । ଥାଳି ଚ୍ଛୁଡ଼ି ଉଠିଲୁ ଆମେ ଦୁହେଁ ।

ହାତ ଧୋଇ ସାରି ଯିବାପାଇଁ ବିଦାୟ ମାଗିଲି ମାଉସୀଙ୍କୁ ।

—ଭାଲି ପୁଣି ଆସିବୁନା ବାଳ ?

—ନିଶ୍ଚୟ ଆସିବି ।

ଆଗକୁ ପାଦ ବଢ଼ାଇବା ଆଗରୁ ଉଚ୍ଛ୍ୱସିତ ସ୍ପୃହାଣୀରେ ଦୀପାଲୀ ମୁହଁକୁ ଚାହିଁଲି ।

ଦୀପାଲୀ ଅଧରରେ ଧୀରେ ହସ ମଣ୍ଡି ହୋଇ ଉଠିଛି । ସ୍ଥିର ଚୋଳାର ମୂକ ଇଙ୍ଗିତରେ ସେ ମିନତି କରୁଛି, ଭାଲି ନିଶ୍ଚୟ ଆସିବ କବି !

*

*     *

*

ଆକର୍ଷଣ ଭଲ ପାଇବାର ଏକ ବିଶିଷ୍ଟ ଅଙ୍ଗ । ଭଲ ପାଇବା ସ୍ପୃହେଁ ଆକର୍ଷଣ ଆଉ ଆକର୍ଷଣ ଲୋଡ଼େ ପ୍ରତିଆକର୍ଷଣ । ପ୍ରତିଦାନ ହିଁ ଦାନର ସାର୍ଥକତା ।

ମାଉସୀ—ଶିକ୍ଷିତା, ଆଧୁନିକା ରୂପବତୀ ବି । ତାଙ୍କର ବା ନାହିଁ କଣ ? ଦେବତାପରି ସ୍ୱାମୀ ପାଇଛନ୍ତି—ମନଭରି ଧନ ପାଇଛନ୍ତି—ଉପଭୋଗ କରିବା ପାଇଁ ସୁଯୋଗ ପାଇଛନ୍ତି । ସ୍ୱାମୀର ବୁକୁ ଭରା ସ୍ନେହ ଓ ଦାସଦାସୀଙ୍କର ସେବାରେ ତାଙ୍କର ଜୀବନ ବେଶ ମଧୁମୟ ହୋଇ ଉଠିଛି । କିନ୍ତୁ ସେ

ସ୍ୱବନ୍ତ ସତେ ଯିମିତି ଏ ବିରାଟ ଦୁନିଆଁ ଭିତରେ ତାଙ୍କ ଲାଗି କିଛି ନାହିଁ । ମନ ତାଙ୍କର ଅନୁଶୋଚନାରେ ହା-ହା-କାର କରି ଉଠେ ।

ତଥାପି ତାଙ୍କୁ ବଞ୍ଚିବାକୁ ପଡ଼ିବ—ଶୂନ୍ୟ ଜୀବନକୁ ଟାଣି ଓଟାରି ସରସ କରିବାକୁ ପଡ଼ିବ । ଏଇପରି ଦ୍ୱନ୍ଦ୍ୱ ଭିତରେ ଭଙ୍ଗା ସଂସାରକୁ ଯୋଡ଼ିବା ପାଇଁ ସେ ପର ପିଲାକୁ ଆପଣାର କରି ବସିଲେ । ପର ପିଲା ଉପରେ ନିଜ ମାତୃ ହୃଦୟର ପ୍ରାଚୁର୍ଯ୍ୟ ସ୍ନେହ ଅଜାଡ଼ି ଦେବା ପାଇଁ ସେ ବ୍ୟାକୁଳ ହୋଇ ଉଠିଲେ । ଆଉ ସେହି ବ୍ୟାକୁଳତା ଭିତରେ ମୋର ଆବିର୍ଭାବ ତାଙ୍କ ପ୍ରାଣରେ ଆଶାର ସଂଚାର କଲା । ପିଲାଟି ଦିନରୁ କୋଳରେ କାଖରେ କରି ବଢ଼ାଇ ଆଣିଥିଲେ । ମମତାର ରଜ୍ଜୁ ମଝିରେ ଯେ କେଇଟି ବର୍ଷ ବ୍ୟବଧାନରେ ଛିନ୍ନ ହୋଇ ଯାଇଥିଲା ତାହା ପୁଣି ଦୃଢ଼ୀଭୂତ ହୋଇ-ଗଲା । ଦିନ କେଇଟା ଭିତରେ ନିଜର ଜନ୍ମିତ ପୁଅ ପରି ସବୁ ସ୍ନେହ ସୋହାଗର ଅଧିକାରୀ ହୋଇ ଉଠିଲି ମୁଁ । ଏଣୁ ମାଉସୀଙ୍କ ଘରକୁ ମୋର ଗତି ହେଲା ଅବାରିତ ।

ସେଦିନ···

ଆକାଶର ଲକ୍ଷ ତାରକା ମେଳରେ ଦେଖା ଦେଇଛି ଅଷ୍ଟମ ତିଥିର ପତଳା ଜହ୍ନ । ତଳେ—ଦୁବାଭରା ଶ୍ୟାମଳ ଗାଲିଚା ଉପରେ ବିଛେଇ ପଡ଼ିଛି ଶୀତ ରଜତ । ଆଗାମୀ ଫଗୁଣର ଭିଜା ମଳୟ ଦେହକୁ ବେଶ୍ ଆରାମ ଲାଗୁଛି । ଦୂର—ପରବାସୀ କବି ମନଟା ଖୋଜୁଛି ଏ ରୂପ ଦୁନିଆରୁ ଅରୂପ କବିତାର କୋମଳ ପରଶ ଆଉ ସୋହାଗ ଭେଳା କଥା ପଦେ । ମୁଁ ନିଜ ଭିତରେ ବେଶ୍ ଅନୁଭବ କରି ପାରୁଛି, ମାଉସୀଙ୍କ ଭଲ ପାଇବା ସାଥିରେ ମୋ ମନ ଭିତରୁ ଚେନାଏ ଯିମିତି ଛୁଟିକି ଯାଇଛି ଅନୁଭା ଦୀପାଳୀର ଧୂଳିଭରା ରୂପଟି ଆଡ଼େ ।

କେତୋଟି ଦିନର ଦେଖାଚାହାଁ ଆଉ ମନ ଖୋଲି କଥାବାର୍ତ୍ତା ମାତ୍ର । ସେତିକିରେ ମୁଁ ନିଜେ ଯିମିତି ଦୀପାଳୀ ଭିତରେ କେଉଁଠି ହଜି ଯାଇଛି । ତାର ଭାଷାହୀନ ଚାହାଣି, ନୀରବ ଇଙ୍ଗିତ ମୋତେ ମୋ ଅଜାଣତରେ ତା ଆଡ଼କୁ ଟାଣି ନେଇ ଯାଉଛି । ଦୁଇଟି ପ୍ରାଣର ଦ୍ୱନ୍ଦ୍ୱ,

ଭିତରେ ମୁଁ ଅଛି ପଶ୍ଚାତରେ । ହଁ, ହଁ ମୁଁ ପଶ୍ଚାତର କହିଲେ ଭୁଲ୍ ହେବ । ଜୀବନର ଏହାହିଁ ଧର୍ମ । ପ୍ରକୃତିର ଦୁର୍ବାର ଆକର୍ଷଣରେ ପୁରୁଷ ନିଜର ଅସ୍ତିତ୍ୱ ପାଶୋରି ପକାଏ । ସୃଷ୍ଟିର ଏହାହିଁ ନିତ୍ୟ, ଶାଶ୍ୱତ, ସତ୍ୟ, ଶିବ ଓ ସୁନ୍ଦର । କିନ୍ତୁ ଏହା ତାଙ୍କ ନିକଟରେ ପୁରୁଷର ପରାଜୟ ନୁହେଁ । ତାଙ୍କ ଦୃଷ୍ଟିରେ ପୁରୁଷର ଏହି ପରାଜୟ ପାଇଁ ନିଜକୁ ବେଶ୍ ଗୌରବାନ୍ୱିତ କରେ । ହେଲେ ପରାଜୟ ପୁରୁଷର ନୁହେଁ—ପ୍ରକୃତିର, ସୃଷ୍ଟିର । ପୁରୁଷର ପରାଜୟ କହିଲେ ଭୁଲ୍ ହେବ ।

ଇମିତ କେତେ ଅନ୍ଧଶ୍ରୀ ଭାବନା ଧରି ପହଞ୍ଚିଲି ମାଉସୀଙ୍କ ବସାରେ । ଦୂରରୁ ମାଉସୀଙ୍କ ଧୋବଲ କୋଠାରେ ସୁନ୍ଦର ରେଖାହୀନ ଜ୍ୟୋତ୍ସ୍ନାରେ ଉଦ୍ଭାସ ହୋଇ ଉଠିଛି । ପିଣ୍ଡା ଉପରକୁ ଉଠି ଆସି କବାଟରେ ମୃଦୁ ଆଘାତ କଲି—ଦୁଆର ।

ଦୀପାଳୀ ଦୁଆର ମୁକୁଳା କରି ଦେଇ କହିଲା—ହେଉ, ସେ ଭଦ୍ରାମୀ ରଖନ୍ତୁ । ପୁହାଣିକ ନ ଡାକି ଯେପରି କେବେ ଘର ଭିତରକୁ ଆସନ୍ତୁ ନାହିଁ ଅପରିଚିତ ଆଗନ୍ତୁକ ପରି ଆଦବ କାଇଦା ଛାଡ଼ି ଭିତରକୁ ଆସିବା ଶିଖନ୍ତୁ ।

ମୁଁ ଉତ୍ତର ନ ଦେଇ ଭିତରକୁ ପାଦ ବଢ଼ାଇଲି । ରଙ୍ଗୀନ୍ ଗାଲିଚା ଉପରେ ନଇଁ ବସି ଅବୋଧ ଚାହାଣି ହାଣି କହିଲା—ବସନ୍ତୁ ଏଥର ।

କହିବା ମାତ୍ରେ ବସି ପଡ଼ିଲି ।

ଦୀପାଳୀ ଗ୍ରୀବା ଟେକି ପ୍ରଶ୍ନକଲା—କ'ଣ ଭାବୁଛନ୍ତି ଶୁଣେ !

କିଛି ନୁହେଁ ।

ସତେ କହନ୍ତୁ । ମୁଁ ଅନେକ ଥର ଲକ୍ଷ୍ୟ କରିଛି ଆପଣ ବସି ବସି ଏତେ କ'ଣ ଭାବନ୍ତି ?

ଅପ୍ରତିଭ ହୋଇ ଉଠିଲି । ଦୀପାଳୀ ମୋର ଦୁର୍ବଳତାକୁ ଅନୁମାନ କରି ନେଇଛନ୍ତି ? ଛି, ଇମିତ ଏକ ଯୁକ୍ତିହୀନ ଅପ୍ରାସଙ୍ଗିକ ଦୁର୍ବଳତା ଦେଖି କ'ଣ ଭାବିବ ସେ ? କଥାର ମୋଡ଼ ବଦଳାଇ ଅଙ୍ଗମୁଦ୍ରା କଲି—ହଁ, ମାଉସୀ କେଉଁଠିକୁ ଯାଇଛନ୍ତି ?

ମୁଁ ଜାଣେନ । ସାମାନ୍ୟ ହସି ପାପାଲୀ ଉତ୍ତର ଦେଲା ।

ମାନେ ?

ଅତି ସହଜ । ଜବ ହୋଇ ବୁଝିବାକୁ ଚେଷ୍ଟା କରନ୍ତୁ । ମାଉସୀଙ୍କର ଅନୁପସ୍ଥିତି ଆପଣଙ୍କୁ ଅପ୍ରୀତିକର ବୋଧ ହେଉଛି ନୁହେଁ ?

ଆଦୌ ନୁହେଁ । ତୁମ ପରି ଜଣେ ସାହିତ୍ୟିକାଙ୍କ ସହିତ ଆଲୋଚନାରେ ଏ ନୀରବ ମୁହୂର୍ତ୍ତିତକ ବେଶ କଟେଇ ଦେଇ ହେବ । ତଥାପି ମାଉସୀ କେଉଁଠିକୁ ଯାଇଛନ୍ତି ଜାଣିବାରେ କ୍ଷତି କ'ଣ ?

ଆପଣ ଆସିବାର ଅଳ୍ପକ୍ଷଣ ପୂର୍ବରୁ ଠାକୁର ମା'ଙ୍କ ପାଖକୁ ସେ ଯାଇଛନ୍ତି ।

ସେ ଗଲେ ଆଉ ତୁମେ ଏଠାରେ ରହିଗଲ କପରି ?

ଆପଣଙ୍କ ପ୍ରତୀକ୍ଷାରେ···

ତଡ଼ିତ ସ୍ପର୍ଶରେ ତନୁ ଝିମେଇ ଉଠିଲା ପରି ମନ ଭିତରେ ଶିହରି ମୁଁ । କଉଶାଳୀ ଅକୁଣ୍ଠା ଷୋଡ଼ଶୀ ମୋ'ର ପ୍ରତୀକ୍ଷାରେ...!

କିନ୍ତୁ ପାପାଲୀ ଚଟ୍ କରି ଭାବପ୍ରଗଲ୍ଭତା ଠଉରାଇ ନେଇଥିଲା । ମୋ ଭାବନା ଉପରେ ପରିଲ ବୋଲି କହିଲା—ଆପଣ ବଙ୍କିମ୍ ବାବୁଙ୍କର ଲେଖା ପଢ଼ିଛନ୍ତି ?

ହଁ ! ଆନ୍ଦୋଳିତ ଭାବନା ଭିତରେ ଉତ୍ତର ଦେଲି ।

ଆପଣଙ୍କ ମତାମତ କଣ ?

ଭାଷା, ଭାବ ଓ ଶୈଳୀ ଅତି ସୁନ୍ଦର ।

—କେବଳ ସେତିକି ତ ନୁହେଁ । ସଂଳାପ, ଶବ୍ଦ ଯୋଜନା ମଧ୍ୟ ଚମତ୍କାର । ତାଙ୍କର ଲେଖା ପଢ଼ି ବସିଲେ ସବୁ ଭୁଲି ହୋଇ ଯାଏ—ଠିକ ଆପଣଙ୍କ ଲେଖା ପରି ।

—କାହାକୁ କାହା ସହିତ ତୁଳନା କରୁଛ ପାପାଲୀ ? କେହି ଶୁଣିଲେ ହସିବେ ।

—ହସନ୍ତୁ ନା ! ତା ବୋଲି ତ ମୁଁ ନିଜର ମତାମତ ବଦଳାଇ ଦେଇ ପାରେନା । ମୁଁ ଆପଣଙ୍କ ଲେଖାକୁ ପସନ୍ଦ କରେ । ଖୁବ ଭଲ ଯାଏ—

ଦୀପାଳୀର କଣ୍ଠସ୍ୱର ଥରଥରରେ ବ୍ୟାକୁଳ ହୋଇ ଉଠିଛି । ଆଖିର ପତାଏ ପତାଏ ମାୟାର ପ୍ରହେଳିକା ।

—ବାସ୍ତବିକ ମୋର ଲେଖା ଏତେ ଉନ୍ନତ ନୁହେଁ ଦୀପାଳି ! ସ୍ୱପ୍ନ ଆଖିରେ ଅନେକ ସମୟରେ ଅତି କଦର୍ଯ୍ୟ ଓ କୁତ୍ସିତ ମଧ୍ୟ ଲକ୍ଷ ସୌନ୍ଦର୍ଯ୍ୟର ପସରା ମେଲି ଦିଏ । ଏହା ଏକ ଅଜ୍ଞାତ ଆକର୍ଷଣ । ସେଇ ଆକର୍ଷଣ ଯୋଗୁ ତୁମେ ମୋ ଲେଖାରେ ପ୍ରାଣର ସନ୍ଧାନ ପାଅ ।

—କିନ୍ତୁ—

—କିନ୍ତୁ... ?

—ନା, କିଛି ନୁହେଁ ।

—କହିବନି ତେବେ ?

—ଯଦି ନ କହେ ?

—ବାଧ୍ୟ କରିବନି । ବାଧ୍ୟ କରିବାର ଅଧିକାର ବି ମୋର ନାହିଁ ।

ଦୀପାଳୀ ହତାଶ ଦୃଷ୍ଟିରେ ମୋତେ ଚାହିଁଲା ।— ସ୍ୱାର୍ଥପର । ସବୁ ଅଧିକାର ପାଇ ବି କହୁଛନ୍ତି ଅଧିକାର ନାହିଁ ? ଆପଣଙ୍କ ଅଧିକାରରେ କେବେ ମୁଁ ବାଧା ଦେଇଛି ?

ଦୀପାଳୀ ଆଖିରେ ବିନ୍ଦୁ ବିନ୍ଦୁ ଲୁହ । ଟହଲ ଭ୍ରୂ ଉପରେ ବହଳ ଅଭିମାନର ଆସ୍ତରଣ । ରକ୍ତ ଗଣ୍ଡ ଉପରେ ବେଦନାର ବିନ୍ୟାସ ।

ଏଁ, ତୁମେ କାନ୍ଦୁଛ ଦୀପାଳୀ ?

ମୋତେ କନ୍ଦାଇବାକୁ ଆପଣ ଚାହାନ୍ତି । ମୋ ଆଖିର ଲୁହରେ ଆପଣ ଢେର ଆନନ୍ଦ ପାଆନ୍ତି ।

—ଛି, ସୁନାଟି ପରା ! ଏତେ ଅଭିମାନ ? ରୁମାଲରେ ଲୁହ ପୋଛି ଦେବା ପାଇଁ ଆଗେଇ ଯାଉଥିଲି । ବାହାରୁ ମାଉସୀଙ୍କ କଣ୍ଠ ସ୍ୱର ଶୁଭିଲା । ମୁଁ ଘୁଞ୍ଚି ଆସିଲି ପଛକୁ । ଦୀପାଳୀ ଆଖିର ଲୁହକୁ ନିମିଷକ ମଧ୍ୟରେ ପଣତ କାନରେ ପୋଛି ନେଲା ।

ପ୍ରଣୟୀ ଓ ପ୍ରଣୟିନୀ—

ଗୋଟିଏ ବୃନ୍ତରେ ଦୁଇଟି ପ୍ରସ୍ଫୁଟିତ ପୁଷ୍ପ—ଗୋଟିଏ ବଲ୍ଲରୀ ସନ୍ନିହିତ ଦୁଇଟି ପତ୍ର—ଗୋଟିଏ କେଶର ସଂଲଗ୍ନ ଦୁଇଟି ପାଖୁଡ଼ା । ସତେ ଯେମିତି କେଉଁ ଅଜ୍ଞାତ ଯୁଗରୁ ଦୁହିଁଙ୍କର ପରିଚୟ ଓ ଆତ୍ମୀୟତା । ଆକାଶରେ ଚନ୍ଦ—ତଳେ ଫୁଲୁଫୁଲିଆ ପବନର ଖେଳ—ତାରି ଭିତରେ ଦୁଇଟି ଆନନ୍ଦ ଆତ୍ମାର ଅପୂର୍ବ ସମାବେଶ—ଦୁଇଟି ଅନାଗତ ଜୀବନର ନିବିଡ଼ ଆକର୍ଷଣ ଗୋଟିଏ ପୋତ—ଅନ୍ୟଟି ପୋତାଶ୍ରୟ । ଗୋଟିଏ ଦରଦୀ ଅନ୍ୟଟି ଦରଦ । ଦୁହିଁଙ୍କର ଆତ୍ମା ଅଭିନ୍ନ—ପ୍ରାଣ ଅଦ୍ୱୈତ—ଆଉ ମନର ସ୍ୱାକ୍ଷର ଅଚ୍ଛିନ୍ନ ।

ଏଇ ଈପ୍ସିତ ସୁଯୋଗ ପ୍ରତ୍ୟେକ ଅନୂଢ଼ା କିଶୋର କିଶୋରୀର ପହିଲି ଜୀବନରେ ଥରୁଟିଏ ମାତ୍ର ଦେଖାଦିଏ—ସେତେବେଳେ ଚଇତାଳି ସଞ୍ଜର ଭିଜା ପବନରେ ଦୂର ଚୂତ ଡାଳରୁ ପ୍ରଣୟମହୁଆଳ କଳକଣ୍ଠର ଗୁଞ୍ଜରଣ ମର୍ମର ଉଠୁଥାଏ ପବନର ସ୍ତରେ ସ୍ତରେ, ଗୁଳ୍ମ ତଳେ ଉଠିଥାଏ ତୋଫାନ—ମନ ଆକାଶରେ ଚହଲୁଥାଏ କଳା ହାଣ୍ଡିଆ ମେଘ ।

କିନ୍ତୁ, ଏଇ ସୁଯୋଗ ମୋ ପାଇଁ ଏକ ବିରାଟ ଦୁର୍ଯୋଗ । ବିବାହିତ ଜୀବନରେ ଶେଫାଳୀକୁ ମୁଁ ସମ୍ପୂର୍ଣ୍ଣ ପାଶୋରି ଦେଇ ବସିଲିଣି । ହେଲେ ଶେଫାଳୀ କ'ଣ ବୁଝେ ମୋ ମନର ଦରଦ ! ସେ କ'ଣ ଅନ୍ତର ଦେଇ ଆଶାକରେ ମୋର ସାନ୍ନିଧ୍ୟ !

ନାରୀ ସେ ! ପୁରୁଷର କ୍ଷୁଧିତ ପ୍ରାଣକୁ ଜାଲ ପକାଇ ମାରିବା ପାଇଁ ଭଗବାନ ତା ଦେହରେ ସାଇତି ରଖିଛନ୍ତି ଭରା ଯୌବନ । ପିଲା ଦିନେ କେତେ ମୂକ କୁଣ୍ଢେଇ ଧରି ଖେଳି ପୁଣି ଭାଙ୍ଗି ଦେଇଥିବ । ଆଜି ସେ ସେଇ କୁଣ୍ଢେଇ ବଦଳରେ ରକ୍ତ ମାଂସର ଜୀବନ୍ତ, କୁଣ୍ଢେଇ ଧରି ଖେଳି ବସିଛି । ଖେଳ ଶେଷରେ ମୋତେ ବି ଫିଙ୍ଗି ଦେଇପାରେ ଦୂରକୁ । ପୁଣି ନୂତନ

ଗେଲନାର ଅଗ୍ନିବ ରହୁବନ ବା ପାଖରେ । ହୁଏତ ମୋ'ର ପରି କେତେ ପତଙ୍ଗ ଧାଇଁ ଆସିବେ ତାର ଦୀପ୍ତ ସୌନ୍ଦର୍ଯ୍ୟ ଶିଖା ତଳେ ଆହୁତି ପାଇବା ପାଇଁ । ଅସମ୍ଭବ କିଛି ନୁହେଁ !

ତଥାପି ମୁଁ ଉଦ୍‌ଭ୍ରାନ୍ତ । ପଥ ଧାରରେ କ୍ଳାନ୍ତ ପଥିକ ପରି ପାଇଛି ଫୁଟିଲା ପଦ୍ମକୁ । ବାଲିଗରଡ଼ା ପରି ଶଢ଼ି ଝୁଲିବାରେ ମୋର ଢେର ଆନନ୍ଦ !

ଅଙ୍କଟିଆ ମନକୁ ଅନେକ ସମୟରେ ସାନ୍ତ୍ୱନା ଦିଏ—ନାଁ, ଦୀପାଳୀ କେବେ ଏପରି ନିଷ୍ଠୁର ହୋଇ ପାରେନା । ତୁଣ୍ଡ ଖୋଲି କିଛି ନ କହି ପାରିଲେବି ସେ ତାର ମୂକ ବାଣୀରେ ମନର ଢେର ଇଙ୍ଗିତ ଦେଇଛି । ମଉଳିଆସୁ ଜୀବନର ସ୍ୱାଗତିକା ରୂପରେ ନିଜକୁ ସଜାଇଛି ଅନେକ ସମୟରେ । ସେଦିନ ଭାବାବେଶରେ କହି ପକାଇଲା—ସତେ କବି, ତୁମ ଲେଖାରୁ ମୁଁ ପ୍ରାଣ ପାଏଁ, ମଧୁର ଜୀବନର ସନ୍ଧାନ ପାଏଁ । ତୁମ ଲେଖା ପଢ଼ି ପଢ଼ି ପାଗଳୀ ହୋଇ ଉଠେ—ଆଉ ତୁମକୁ ବି... ! ଅଧିକା କ'ଣ ବା କହି-ଥାଆନ୍ତା ସେ ! କମିତି କହନ୍ତା !

ଯେଉଁଠି ଭରା ସ୍ନେହ ଥାଏ, ଉଚ୍ଛୁଳା ଆବେଗ ଥାଏ, ସେଠାରେ କ'ଣ ସବୁ ମୁହଁ ଖୋଲି କହିବାକୁ ପଡେ ? ମୁହଁର ଇଙ୍ଗୀତରେ ମନର ଅଭିବ୍ୟକ୍ତିକୁ ଖୋଲି ଦେବାରେ ଯେଉଁ ଆନନ୍ଦ ଥାଏ, ନିର୍ବୋଧ ଶିଶୁ ପରି ତୁଣ୍ଡ ଖୋଲି ବୁଝାଇ ଦେବାରେ କ'ଣ ସେପରି ଆନନ୍ଦ ମିଳେ ? ସେଥିରେ ମଧୁରତା ଥାଏନି, ନିବିଡ଼ତା ଆସେନା··· ।

ଦୀପାଲୀ ପ୍ରତ୍ୟେକ କଥାରେ ମୋ ନିକଟରେ ହାର ମାନେ । ମୁକ୍ତ କଣ୍ଠରେ ସ୍ୱୀକାର କରେ, 'ମୁଁ ହାରିଗଲି କବି । ତୁମେ ମୋତେ ଜିଣିଗଲ ।' ଚିତ୍ତ ମୋର କୁରୁଳି ଉଠେ । ନାରୀର ପରାଜୟହିଁ ପୁରୁଷର କାମ୍ୟ । ଦୁଇ ସମାନ ବସ୍ତୁ ଭିତରେ ଯେଉଁ ସ୍ନେହ ସୃଷ୍ଟି ହୁଏ ତା' ବେଶୀଦିନ ତିଷ୍ଠି ପାରେନି । ଯେତେଦିନ ପର୍ଯ୍ୟନ୍ତ ନାରୀ, ପୁରୁଷର ପୌରୁଷତ୍ୱକୁ ତାରିଫ କରୁଥାଏ ସେତେଦିନ ପର୍ଯ୍ୟନ୍ତ ସେ ତାର ପ୍ରାଚୁର୍ଯ୍ୟ ସ୍ନେହ ପୁରୁଷପାଇଁ ବଢ଼େଇ ରଖିଥାଏ । କିନ୍ତୁ ପୁରୁଷ ଯଦି ନାରୀ ଦୃଷ୍ଟିରେଖାରୁ ତଳକୁ ଖସିଆସେ ତେବେ ସବୁ ସ୍ନେହ ତାର ଆଖି ପିଛୁଳାକେ କେଉଁଆଡ଼େ ଉଭେଇଯାଏ ।

ନାସ୍ତି ଯାହାକୁ ଭୟ କରେ ତାକୁ ସେ ଭଲ ପାଏ କିନ୍ତୁ ଯାହାକୁ ଦୟା ଦେଖାଏ ତାକୁ ସେ ଭଲ ପାଇ ପାରେନା ।

ଅନେକ ସମୟରେ ମୁଁ ଦୀପାଳୀ ଉପରେ ରାଗେଁ । ଠିକ୍—ରାଗ ତ ନୁହେଁ—ଅଭିମାନ କରି ବସେ । ଅତି ପ୍ରବଳ ଅଭିମାନ । ତା ଉପରେ ଅଭିମାନ କରିବା ପାଇଁ ମୋତେ ଖୁବ୍ ଭଲ ଲାଗେ । ସାମାନ୍ୟ ଟିକିଏ ଟିକିଏ ଭୁଲ ଧରି ମୁଁ ଯେ କାହିଁକି ତା ଉପରେ ଅଭିମାନ କରିବସେ ତା ମୁଁ ନିଜେ ମଧ୍ୟ ବୁଝି ପାରେନା । ତାର ସାମାନ୍ୟ ଅବହେଳା ବି ମୁଁ ଜମାରୁ ସହି ପାରେନା । ଅନେକ ସମୟରେ ମୋର ମନେହୁଏ ଦୀପାଳୀ ନିଶ୍ଚିତ ମୋ ମମତାର ପ୍ରତିଦାନ ଦେବାକୁ ଅକ୍ଷମ । ତା ସ୍ନେହରେ ଆନ୍ତରିକତା ନାହିଁ । ଛାତି ଭିତରେ କାହାର ନିଷ୍ଠୁର ଆଘାତ ମୁଁ ଅନୁଭବ କରେ । ଖାଲି ଖାଲି ବେଦମ ହୋଇ ଉଠେ । ତଥାପି ମନ କଥା ତାକୁ କୁହେନା । କାହିଁକି କୁହନ୍ତି ? ସେ ଯଦି ବାସ୍ତବିକ ମୋତେ ଭଲପାଉଥିବ ତେବେ ମୋ ମନ କଥା କ'ଣ ବଲେ ବଲେ ବୁଝିପାରିବନି ? ସ୍ନେହ-ସୋହାଗତ ଦାବୀ କରି ଆଦାୟ କରାଯାଏନା ଦୁଇଟି ଆତ୍ମା ଗୋଟିଏ ପଞ୍ଜରର ଭିତରେ ହଜି ନ ଗଲେ ଜଣେ କେବେ ଅନ୍ୟର ମନ ବୁଝି ପାରେନା ।

ଦୀପାଳୀ ମୋ ମନକଥା ବୁଝେ । ଅଭିମାନ ଭାଙ୍ଗାଇବା ପାଇଁ ଆପ୍ରାଣ ଚେଷ୍ଟା କରେ । କେବେ କେବେ କାକୁତିମିନତି କରେ । ଭୁଲ ପାଇଁ ମୁଣ୍ଡ ନୁଆଁ କ୍ଷମା ମାଗେ, କେତେ କାତର ଜଳଖିଆ ଆଣି ନିଜେ ଖୋଇଦିଏ । ଛଳଛଳ ଆଖିରେ ମୋ କୋଳ ଭିତରେ ମୁହଁ ଗୁଞ୍ଜିଦିଏ । କଣ୍ଠ ତାର ବାଷ୍ପରୁ ହୋଇ ଆସୁଥାଏ । ମୁଁ ଚାହେଁ ତା ମୁହଁକୁ । କି ସୁନ୍ଦର ଚେହେରା ଶୁ ଝାଉଁଳି ପଡ଼ିଛି । ବଡ଼ ବିକଳ ଲାଗେ । ତା ଅଧରରେ ହସଟିଏ ଦେଖିବାପାଇ ଅଳିକରି ବସେ । ସେ ବାଧ୍ୟ ଦିଏନା । ଆଖିର ଲୁହକୁ ମୋ ଛାତିରେ ପୋ ମୁହଁରେ ହସ ଆଙ୍କେ । ମନ୍ତ୍ରମୁଗ୍ଧ ହୋଇ ଉଠେ ମୁଁ । ଆଉ କେବେ ଅଭିମାନ ନ କରିବା ପାଇଁ ମୁଁ ପ୍ରତିଜ୍ଞା କରେ ।

—ସେ ବାଧା ଦିଏ । ହଜିଲା ଗଳାରେ କୁହେ—ଛି, ଏମିତି ପ୍ରତି କରି ବସନ୍ତି ନା ? ମୁଁ କ'ଣ ତୁମ ଅଭିମାନର କେବେ ଅବମାନନା କରି

ନା ତୁମ ଉପରେ ରାଗ କରିଛୁ ? ସତେ ରଜୁବାବୁ, ତୁମେ ଅଭିମାନ କଲେ ତୁମ ମୁହଁଟି ମୋତେ ଖୁବ ସୁନ୍ଦର ଦେଖାଯାଏ ! ସେଇ ଅଭିମାନର କଳା ବଉଦ ଭିତରେ ହସର ବିଜୁଳି ଖେଳାଇବାରେ ମୋର ପରମ ଆନନ୍ଦ । ଆପଣ ଯେତିକି ଅଭିମାନ କରି ବସନ୍ତି ମୋ ଅନ୍ତରର ବଂଧନ ସେତିକି ଦୃଢ଼ ହୋଇ ଉଠେ ।

ମନହୁଏ କହିଦେବା ପାଇଁ—ତୁମେ ଯିମିତି ମୋ ଅଭିମାନକୁ ଚାହିଁ ରୁହ, ମୁଁ ସିମିତି ତୁମଠାରୁ ଟିକିଏ ଆଦର ପାଇବି ବୋଲି ଅଭିମାନର ରାହା ଖୋଜୁଥାଏ । ସତେ ମ ସତେ ତୁମଠାରୁ ସ୍ନେହ-ମମତା ପାଇବା ଆଶାରେ ମୁଁ କେବଳ ଅଭିମାନ କରି ବସେ । ତୁମ କୁନି କୁନି ହାତରେ ରସଗୋଲା ଗୋଟିଏ ଖୋଇ ଦେଇ ପାଣି ଗିଲାସେ ପେଇ ଦେବାରେ ଯେଉଁ ଆନନ୍ଦ ଥାଏ, ଅଭିମାନ ନକଲେ ସେ ସୁଯୋଗ କ'ଣ ମିଳନ୍ତା ମୋତେ ? ତୁମର ଅନୁରୋଧ, ତୁମର ଆକୁଳତା ସବୁ ମୋତେ ନୂଆପରି ଲାଗେ । ତୁମେ ସତ ସତରେ ମୋତେ ଭଲ ପାଉଥିବ ତେବେ ନିଜେ ବି ବୁଝି ପାରିବ ମୋ ସ୍ନେହର ଗଭୀରତା···କେତେ ସ୍ନେହ କରେ ମୁଁ ତୁମକୁ । ସେଇଥିପାଇଁ ତ ମୋର ଅଭିମାନ···

କହିବି କହିକି ଭାବି କହି ପାରେନି । ଛି, ଦୁର୍ବଳ ମୁହୂର୍ତ୍ତର ଅଭିବ୍ୟକ୍ତିକୁ କିମିତି ଭାଷାରେ ଧରିବି ? ଲାଜ ଲାଗେ । ମନ କଥା ମନ ଭିତରେ ଗୁମୁରି ଉଠି ପୁଣି ମଉଳି ପଡ଼େ ।

ଦୀପାଳୀ ହସେ ।

କ'ଣ ଭାବୁଛନ୍ତି ଯେ ? ସତେ ବଡ଼ ଭାବନାଖୋର ଆପଣ । ଭାବି ଭାବି ଦେହଟାକୁ କଳା କାଠ କରି ଦେଇ ସାରିଲେଣି । ତଥାପି ସେ ପ୍ରକୃତି ଛାଡ଼ୁ ନାହାନ୍ତି । କାହିଁକି ଦିନକୁ ଦିନ ଏମିତି ଦୁର୍ବଳ ହୋଇ ଯାଉଛନ୍ତି କହିଲେ ? ପିଞ୍ଜରା ହାଡ଼ ତ ଦେଖା ଗଲାଣି, ପୁଣି ତା ଉପରେ ଭାବନା ।

କଣ୍ଠରେ ହତାଶା ଖେଳାଇ ମୁଁ କହେ—କିମିତି ଭୁଲିବି ଦୀପାଳୀ ? ତୁମକୁ ଯେଉଁ ଦିନ ପାଶୋରି ଦେବି ସେଦିନ ହୁଏତ ଏ ଭାବନା ଭିତରୁ ମୁକ୍ତି ପାଇପାରେ ! ଆଶାର ବ୍ୟର୍ଥତା କ'ଣ ଜୀବନକୁ ଜୀବନ ପରି ଉପଭୋଗ

କରିବାପାଇଁ କେବେ ସୁଯୋଗ ହବ ? କେଉଁ ଦିନ ହୁଏତ କେବଳ ତୁମର ପାଇଁ ଭାବି ଭାବି ··

ମୋ ମୁଣ୍ଡକୁ କୋଳରେ ଧରି ଅଲରା ବଲରା ବାଳଗୁଡକ ସଜାଇ ଦେଉ ଦେଉ ଚମକି ଉଠେ ସେ । ପାଟିରେ ହାତ ଦେଇ କୁହେ—ଛି, ଇମିତି କଥା ତୁଣ୍ଡରେ ଧରନ୍ତୁ ନା ? ବେଶୀ ଦୁଷ୍ଟାମୀ ଦେଖାଇଲେ ମୁଁ ନଜେ ଶାସନ କରିବ ।

ଖୁବ ଭଲ ଲାଗେ ତାର ଆକଟ, ଅଭିଯୋଗ ଓ ଆଦେଶ । ମୁଁ ଭୁଲି ଯାଏ ମୋର ପରିସ୍ଥିତି···ପାଣେଶ୍ୱର ଯାଏ ଦୁନିଆଁକୁ । କେତେ ପଛରେ ରହିଯାଏ ଶେଫାଳୀ । ଆଖି ଫେରାଇ ଚାହିଁ ପାରେନି । ସତେ ଯିମିତି ମୋ ଆଖି ଆଗରେ ଦୀପାଳୀ ରୂପର ଆଲୋକ ଛଟା ଝଲସି ଉଠିଛି ।

ଛଅନୋଟି ମାସ ବିତି ଗଲାଣି ଘରକୁ ଯାଇନି । ଦିନ ଥିଲା, ଝଡ଼ ବର୍ଷା ତୋଫାନ ଭିତରେ ବି ଘରକୁ ଯିବାର କୁଟଣ ବନ୍ଦ ନଥିଲା । ପ୍ରତ୍ୟେକ ସପ୍ତାହ ଛୁଟିରେ ଧାଇଁ ଯାଉଥିଲି ଶେଫାଳୀର ଝରା ମୁହଁରେ ହସ ଦେଖିବା ପାଇଁ । ଆଜି ଶେଫାଳୀର ଗଂଧ ମଉଳି ପଡ଼ୁଛି । ପବନରେ ତା ସୁରଭି ଭାସି ଆସୁନି ଆଉ । ବରାବର ଚିଠି ପାଉଛି । ମାନ-ଅଭିମାନ ଭରା ଲେଖା। ନଷ୍ପ୍ରାଣ କାଗଜ ଗୁଡିକ ବି ଦରଦରେ ବଉଳି ଉଠିଥାନ୍ତି । କିନ୍ତୁ ମୋ ପାଇଁ ସେ ସବୁ ଜଡ଼ । ଚିଠିଗୁଡ଼ିକ ପଢ଼ିବା ପରେ ପରେ ପାଣେଶ୍ୱର ଦେ ତା' ବୟସ୍ଥବସ୍ତୁ । ତାର ବ୍ୟାକୁଳତାରେ ମୁଁ ଆଉ ଆଘାତ ପାଉନି···ମନ ମୋର ଆକୁଳ ହେଉନି । ଉତ୍ତର ଦେବା ପାଇଁ ବି ମନରେ ମୋର ଇଚ୍ଛା ନାହିଁ । ଭାଷା ମ୍ଳାନ, ମୁଁ ଭାବସ୍ଥାନ ।

ଦିନ ରାତିର ବେଶ୍ ଲମ୍ବା ଚଉଡ଼ା ସମୟ ଭିତରୁ ଅନେକ ସମୟ ମୋ କଟିଯାଏ ମାଉସୀଙ୍କ ବସାରେ । ଆଉ ଯେତିକି ସମୟ ବଳି ପଡ଼େ ସେତିକି ପାଇଁ ଭାବନା ଭରି ଯାଇଥାଏ ମନତଳେ । ବୁଢ଼ୀଆଣୀ ଜାଲ ପରି ଅସ୍ପଷ୍ଟ ଭାବନାର ଖିଆ ସଜାଡ଼ୁ ସଜାଡ଼ୁ ମୁଁ ବେଦମ ହୋଇ ଉଠେ··।

*
* *
*

ମାଉସୀଙ୍କୁ ଡାକି ଡାକି ଥକିଗଲିଣି, ତଥାପି ଉତ୍ତର ନାହିଁ । ସତ୍ତ ତ ବେଶୀ ହୋଇନି । ଆଠଟା ହେବ । ଏତେ ଶୀଘ୍ର କ'ଣ ସେ ଖାଇ ଶୋଇ ଗଲେଣି ! ଭିତରଟା ଶୂନ୍ ଶାନ୍ । ମୃଦୁ ମଳୟର ସ୍ତରେ ସ୍ତରେ ହେନା ଫୁଲର ଭୁରୁ ଭୁରୁ ଗଂଧ ଖେଳି ବୁଲୁଛି । କ୍ଲାନ୍ତ ଭୃଙ୍ଗ ହୁଏତ କେଉଁ ଫୁଲ ଉପରେ ଢାଳେଇ ପଡ଼ିଥିବ···ଆଉ ଏ ସାଥିହୀନା ବିରହିଣୀ ହେନାର ମନ ମତାଣିଆ ସୁରଭି କାହାପାଇଁ ? ଅଭିଶପ୍ତା ସେ । ବ୍ୟର୍ଥ ଯୌବନ । ତାର ମୁକୁଳା ଦୁଆର ପାଇଁ ଅତିଥିର ଆଗମନ ଏକ ବ୍ୟର୍ଥ ପ୍ରୟାସ । ଯେଉଁଠି ରୂପର ପୂଜକ ନାହିଁ...ଯୌବନର ଆଦର ନାହିଁ....ବସ୍ତୁର ଆକର୍ଷଣ ନାହିଁ—ସେଠାରେ ଭଗବାନ ଏ ପୋଡ଼ାଜଳା ସୌନ୍ଦର୍ଯ୍ୟକୁ ଯାଇଚି ରଖି ଥାଆନ୍ତି କାହିଁକି ? ପୂଜକ ପାଇଁ ଯିନା ରୂପର ସମ୍ଭାର... ମନ ଭରି ଉପଭୋଗ କରିବା ପାଇଁ ଯିନା ସୌନ୍ଦର୍ଯ୍ୟର ସୃଷ୍ଟି !!

ତଥାପି ହେନାଫୁଲ ଅଧର ମେଲି ହସି ଉଠେ ମାଇ ସନ୍ଧ୍ୟାର ପରଶରେ । ସୁରଭି ବିକିରଣ କରି ଜୀବନକୁ ପାଗଳ କରି ପକାଏ । ହେଲେ ସେ ପାଏ କ'ଣ ? ତାର ନଗ୍ନଭରଣ ଅଙ୍ଗ ଉପରେ ପ୍ରତିଦାନ ଅଜାଡ଼ିବା ପାଇଁ ଭ୍ରମର ଯେ ଥାଏ ବହୁତ ଦୂରରେ । ଅନ୍ୟକୁ ଖୁସି କରେ ସେ । ହେଲେ ତାର ପ୍ରାଣ ଭରେ ନା···ତୃପ୍ତି ପୂରେନି...ମନର ନିଆଁ ବି ଲିଭେନା । ତଥାପି ସେ ସୁନ୍ଦର । ଦୁନିଆ ତାକୁ ସୁନ୍ଦର କୁହେ । ତାର ମନ ମତାଣିଆ ମହକରେ ଆତ୍ମହରା ହୋଇ ଉଠେ—ଆଉ ଦୀପାଳୀ ଏଇ ଫୁଲର ସ୍ତବକଟିଏ ନିଜ କବରୀରେ ସାଜି ଦେବାପାଇଁ ବେଶ୍ ଭଲପାଏ....

ନିଜ ଭିତରେ ଶିହରି ଉଠିଲି ମୁଁ । ଛି, ଏ କ'ଣ ଭାବୁଛି । ପୁଣି କବାଟରେ ମୃଦୁ ଆଘାତ କଲି ।

କେତେବେଳେକେ ପୁଟୁଆଶ୍ଚ ଆସି ଦୁଆର ମୁକୁଳା କରି ଦେଲା । ଭିତରକୁ ପଶି ଯାଉ ଯାଉ ସାମାନ୍ୟ ଡଡ଼ା ଗଳାରେ କହିଲି—ଡାକି ଡ଼ାକି ଅଥା ହେଲିଣି, ଅଥଚ ଜବାବ ମିଳୁନି ତୁମଠୁଁ ?

ଶଙ୍କିତ ଗଳାରେ ସେ କହିଲା—କାମରେ ବ୍ୟସ୍ତ ଥିଲି ବାବୁ । ଶୁଣି ପାରିଲିନି । ମୋର ଭୁଲ୍ ହୋଇଛି ।

ମାଉସୀ କ'ଣ ଶୋଇ ଗଲେଣି

ନାଁ, ସେ ଦୀପାଲୀ ଦେଈଙ୍କ ଘରେ ଅଛନ୍ତି । ମୋତେ କହି ଯାଇଛନ୍ତି ଆପଣ ଆସିଲେ ତାଙ୍କ ପାଖରେ ନେଇ ପହଞ୍ଚାଇ ଦେବାପାଇଁ ।

କ'ଣ କୋଳକରି ନା କାନ୍ଧରେ ବସାଇ ?

ଭୟରେ ମ୍ରିୟମାଣ ହୋଇ ଉଠିଲା ପୁଟୁଆଶ୍ଚଟି । ଅରେ ଛେପ ଢୋକି କହିଲା—ମୋତେ କ୍ଷମା କରନ୍ତୁ ବାବୁ ।

କିଛି ଉତ୍ତର ନଦେଇ ଅଗଣା ଭିତରକୁ ପାଦ ବଢ଼ାଇଲି । ବୃନ୍ଦର ଆଲୁଅ ତଳେ ବଛେଇ ପଡ଼ୁଛି । ସ୍ପଷ୍ଟ ନହେଲେ ବି ଜହ୍ନାଲୁ ମଳିନ୍ ନୁହେଁ । ଅଗଣା ଟପିଲେ ଦୀପାଳୀର କୋଠା । କେତୋଟି ଦେଶୀ ବିଦେଶୀ ଫୁଲ ଗଛର ବ୍ୟବଧାନ ଯାହା । ନାଲି ଅଲତା ବୋଳା କୋଠା ଦେହକୁ ଲାଗି କେଇ ବୁଦା ହେନା ଗଛ ଉଠିଛି । ଫୁଲ ଫୁଟିଛି...ମହକରେ ନାକ ଫାଟି ପଡ଼ୁଛି ।

ବାଟ ଦରଜା ମୁକୁଳା ଥିଲା । କାହାର ଅନୁମତିକୁ ଅପେକ୍ଷା ନ କରି ଭିତରକୁ ପଶିଲି । ଉପରେ ବିଜୁଳି ଆଲୁଅର ଚହଲ ପଡ଼ୁଛି । ଆଗ ସାମନାରେ ଉପରକୁ ଯିବାପାଇଁ ଏକ ବଗ୍‌ଟ ସିଡ଼ି ।

ଉପରର ଶେଷ କୋଠରୀ । ଏକ ପତଳା ପରଦା ଘେରା ଦରଜା ଟପି ଆଲୁଅ ପଦାକୁ ଛିଟିକି ଆସୁଛି । ଦୁଇଟି କଣ୍ଠରୁ ସାମାନ୍ୟ ଉତ୍ତେଜିତ ଆଓ୍ୱାଜ ଭେସି । ନିଶ୍ଚୟ ମାଉସୀ ଓ ଦୀପାଳୀ । କୌଣସି ଏକ ଗୁରୁତର ସମସ୍ୟା ନେଇ ହୁଏତ ଉଭୟଙ୍କ ଭିତରେ ଦ୍ୱନ୍ଦ୍ୱ ଉଠିଛି ।

ଭିତରକୁ ଯାଇ ପାରେ କି ? ବାହାରେ ଥାଇ ମୁଁ ପ୍ରଶ୍ନ କଲି ।

ହଠାତ୍ ମାଉସୀ ପଦାକୁ ବାହାରି ଆସି ଉଚ୍ଛ୍ୱସିତ କଣ୍ଠରେ କହିଲେ-ଆ ବାବୁ ! ତତେ ମୁଁ ଏ ଯାକେ ଅପେକ୍ଷା କରି ବସିଥିଲି । ଦେଖିତ, ଦୀପାଳି

କେମିତି ମୋତେ ମନଇଚ୍ଛା ଅପମାନ ଦେବାରେ ଲାଗିଛି । ଅଯଥା କଥାରେ ଝିଅଧରି ସଞ୍ଜ ପହରୁ ମୋ ସାଥିରେ ଯୁକ୍ତିତର୍କ ଆରମ୍ଭ କରିଛି । ଆମ ଓଡ଼ିଆ କବିଙ୍କର ଚର୍ଚ୍ଚା ଓ ନିନ୍ଦାରେ ସେ ବେଶ୍ ମୁଖର ହୋଇ ଉଠିଛି । ମୁଁ ବା ତା ସହିତ କି ଯୁକ୍ତି କରିବି ? ସେ ସିନା ତୋର କାମ । ମାଉସୀ ମୋ ହାତ ଧରି ଭିତରକୁ ଟାଣି ନେଇଗଲେ ।

ନୀଳ ଆଲୁଅର ଫୁଆରାରେ ଦୀପାଳୀର ଲାଇବ୍ରେରୀ ହସି ଉଠୁଛି । ମନ ପୂରାଇ ଥରେ ଚାହିଁ ନେଲି । ଗ୍ରେଟ ବଡ଼ ଆଲମିରାରେ କୋଠରୀଟି ପୂର୍ଣ୍ଣ । ସବୁଥିରେ ଥାକକୁ ଥାକ ବହି ଭରି ଉଠିଛି । କାନ୍ଥର ସେଲ୍ଫ ବି ବାଦ ଯାଇନି । ଦୁନିଆର ପ୍ରତ୍ୟେକ ଲେଖକଙ୍କର ବହି, ଆଜନ୍ମ ସାହିତ୍ୟ ରସିକା ଦୀପାଳୀ ରୁଣ୍ଡ କରିଛି ତାର ପଠନାଳୟରେ । ହିସାବ କଲେ ଆଖି ପାଇବନି । ଜନକା ଲାଇବ୍ରେରୀ ବି ହାରି ମାନିବ । ମନେ ମନେ ଆଶ୍ଚର୍ଯ୍ୟ ହୋଇ ଉଠିଲି ମୁଁ । କେତେ ଗଭୀର ତାର ଗବେଷଣାର ଝୁଙ୍କ୍—କି ଅପୂର୍ବ ଆକାଙ୍କ୍ଷା ତାର ସାହିତ୍ୟ ଚର୍ଚ୍ଚାପାଇଁ । ଗ୍ରେଟିଆ ହୃଦୟଟି ସାହିତ୍ୟର ଏକ ମହାସାଗର ନୁହେଁ ତ ! ତାର ଉନ୍ନତ ପ୍ରଜ୍ଞା ତୁଳନାରେ ମୋ ନିଜର ସଂଜ୍ଞା ବି ମୁଁ ଠଉରେଇ ପାରିଲିନି । ଏଇ କ୍ଷୁଦ୍ର ଜ୍ଞାନର ବେଷ୍ଟନୀ ଭିତରେ ରହି କେମିତି ତା ସହିତ ସାହିତ୍ୟର ଆଲୋଚନା କରି ବସିବି ? କେମିତି ମାଉସୀଙ୍କ ଅପମାନର ପ୍ରତିଶୋଧ ନେବି । ଭିତରେ ଭିତରେ ମୁଁ ଅନେକଟା ଦବି ଯାଇଥିଲି । ମୋର ଅସ୍ଥିମଜ୍ଜା ପର୍ଯ୍ୟନ୍ତ ଦୁର୍ବଳ ହୋଇ ଉଠିଛନ୍ତି ।

ମାଉସୀ କହିଲେ—ଠିଆ ହୋଇ ରହିଲୁ ଯେ ବିଜୁ ? ଦୀପାଳୀର ମୁଣ୍ଡ ଭଲକୁ ନ କରି ମୁଁ ଆଜି ଏଠାରୁ ଯାଉନି ।

ମନ କଥା ମନରେ ରଖି ଚାହିଁଲି ଦୀପାଳୀକୁ ।

ଗୋଟିଏ କାଚ ଆଲମୀରା ଉପରେ ତାର ଋଜୁ ଦେହ-ବଲ୍ଲରୀକୁ ଲଟେଇ ଦେଇ ଅପୂର୍ବ ଭଙ୍ଗୀରେ ଠିଆ ହୋଇଛି ସେ । ଉନ୍ମୁକ୍ତ ଚୂର୍ଣ୍ଣ କୁନ୍ତଳ ସାମାନ୍ୟ କପର୍ଯ୍ୟନ୍ତ ଭାବରେ ଚିକ୍କଣ ଲଲାମ ପର୍ଯ୍ୟନ୍ତ ନଇଁ ଆସି ବର୍ତ୍ତୁଳ ଚନ୍ଦ୍ର ଉପରେ ଶଙ୍କାର କଳଙ୍କ ସୁଚେଇ ଦେଉଛି ଅତି ନିଖୁଣ ଭାବରେ ।

ଅଧର ଧାରରେ ସ୍ମିତ ହାସ୍ୟର ପ୍ଲାବନ···ନୟନର ଫାଙ୍କେ ଫାଙ୍କେ କଟାକ୍ଷର କମ୍ପନ । କୋମଳ ତନୁମା ଉପରେ ପିଆଜି ରଙ୍ଗର ଏକ ପାତଳ ଆଚ୍ଛାଦନ । ଲାଲ ଆଲୋକ ଭରା ପିଚକାରୀରେ ଦୀପାଳୀ ହୋଇ ଉଠିଛି ଅତି ସୁନ୍ଦର···ଅତି ରମଣୀୟ । ସତେ ଯେମିତି ନନ୍ଦନକାନନର ଗୋଟିଏ ଢଳଢଳ ସୁରଭିତ ପାରିଜାତ—ଧୂଳିହରା ରୂପରାଇଜର ରାଜକୁମାରୀ । ମୁଁ ମନ୍ତ୍ରମୁଗ୍ଧ ହୋଇ ଉଠିଥିଲି । କଳ୍ପିତ ଗଳାରେ ଡାକିଲି—ଦୀପାଳି !

ଉଁ ! କଣ୍ଠି କା ଗୃହାଣୀରେ ଗୃହିଁ ସେ ଉତ୍ତର ଦେଲା ।

ତୁମେ ମାଉସୀଙ୍କୁ ଅପମାନ ଦେଇଛ ?

ଆଦୌ ନୁହେଁ । ସେ ମୋର ଚିର ଆରାଧ୍ୟା, ପୂଜ୍ୟା, ନମସ୍ୟା । ତାଙ୍କୁ ମୁଁ ଅପମାନ ଦିଅନ୍ତି କିମିତି ? ହେଲେ ନିଷ୍ଠୁର ସତ୍ୟକୁ ଚାପି ରଖି ହୁଏ ନା । ଅନ୍ୟର ମନ ରକ୍ଷାପାଇଁ ମିଥ୍ୟାର ଆଶ୍ରୟ ନେଇ ଛଳନାର ଖିଅ ଯୋଡ଼ିବାକୁ ଆପଣ କ'ଣ ପସନ୍ଦ କରନ୍ତି ? ମୁଁ ଯାହା ବୁଝିଛି ତାହାହିଁ ମାଉସୀଙ୍କୁ ବୁଝାଉଥିଲି ।

ଚୌକି ଉପରେ ବସି ପଡ଼ି ପଡ଼ି କହିଲି—କ'ଣ ବୁଝାଉଥିଲ ଶୁଣେ !

ଏଇ ଆଧୁନିକ ଓଡ଼ିଆ ଲେଖକଙ୍କ କଥା । ଆଜିକାଲି ଆମ ଲେଖକ ମାନେ ଅତି ଶସ୍ତା ଧରଣର ଲେଖା ଲେଖୁଛନ୍ତି, ଯାହାକି ଆଦୌ ପଢ଼ିବାର ଉପଯୋଗୀ ନୁହେଁ । ଏପରି ଅପରିପକ୍ୱ ଲେଖା ଭାରତର ଅନ୍ୟ କୌଣସି ଭାଷାରେ ଆପଣ କ୍ୱଚିତ ଦେଖିବାକୁ ପାଇବେ ।

କିନ୍ତୁ ତୁମେ ମୋ'ପରି ଗୋଟିଏ ଲେଖକର ଲେଖାକୁ ପସନ୍ଦ କରିବାକୁ ତ ପଶ୍ଚାଦପଦ ହୁଅନି !

ଆପଣଙ୍କ କଥା ନିଆରା—ଆପଣଙ୍କ ସରସ ଭାଷା ଓ ପ୍ରକାଶ ଶୈଳୀ ବ୍ୟତୀତ ହୃଦୟସ୍ପର୍ଶୀ ଅଭିବ୍ୟକ୍ତି ଯେ କୌଣସି ପାଠକପାଠିକାଙ୍କୁ ଆକୃଷ୍ଟ କରିବ । ସେପରି କେତେଜଣ ଲେଖକ ଅଛନ୍ତି କହିଲେ ଦେଖି ! ସତେ ବିଜୁ ବାବୁ ! ଆଜିକାଲିକାର ଓଡ଼ିଆ ଲେଖକଙ୍କ ପ୍ରତି ମୋର ଆଦୌ ଶ୍ରଦ୍ଧା ନାହିଁ । ନିଜ ଅନୁଭୂତିର ନଗ୍ନତା ଉପରେ ଉପନ୍ୟାସ ଗଢ଼ି ବସିଲେ, ସେଥିରେ ଦେଶର ମଙ୍ଗଳ ହେବ କି ସାହିତ୍ୟର ବା ପୁଷ୍ଟି ସାଧନ ହେବକି । ଶୁଦ୍ଧିକ

କଳାକାର କେବେ ନିଜ ଦୁରନ୍ତ ଆଶାକୁ ଚରିତାର୍ଥ କରିବା ପାଇଁ, ସାହିତ୍ୟକୁ ବିକଳାଙ୍ଗ କରି ପାରେ ନା । ଓଡ଼ିଆ ସାହିତ୍ୟରେ ଗଙ୍ଗାଧର, ଫକୀରମୋହନ, ରାଧାନାଥ, ଲକ୍ଷ୍ମୀକାନ୍ତ ତ ପୁଣି କାବ୍ୟକବିତା ଓ ଗଳ୍ପ ସାହିତ୍ୟ ସୃଷ୍ଟି କରି ଯାଇଛନ୍ତି । କି ଓଜସ୍ୱିନୀ ସେ ଲେଖା···କ ମର୍ମସ୍ପର୍ଶୀ ସେ ଭାଷା···କ ବ୍ୟାପକ ସେ ଭାବ । ସେପରି ଲେଖା ଆଜିକାଲି କେତେ ଜଣ ଲେଖକ ଲେଖନ୍ତି ? କେବଳ ଖ୍ୟାତି ଆଶାରେ ଶସ୍ତା ଉପନ୍ୟାସ, ଗଳ୍ପ ଲେଖି ଲାଭ ବା କ'ଣ ?

ଅଭ୍ରାନ୍ତ ଓ ଅକାଟ୍ୟ ଯୁକ୍ତି ବାଢ଼ି ଚାଲିଛି ଦୀପାଳୀ । ସୁଅ ମୁହାଣରେ ବାଧା ଦେବାପାଇଁ ମୋ ପାଖରେ ସରଞ୍ଜାମର ଅଭାବ । ମାଉସୀଙ୍କ ମୁହଁକୁ ଚାହିଁଲି । ସେ ବିରକ୍ତ ହୋଇ ଉଠିଲେଣି । ଦୀପାଳୀ କଥାରେ ବାଧାଦେଇ କହିଲି—ଲେଖକର କିଛି ଭୁଲ ନାହିଁ ଦୀପାଳୀ । ଯଦି ଭୁଲ ଥାଏ ବୋଲି ତୁମେ କହ ତେବେ ସେ ଭୁଲ ତୁମ ନିଜର, ସେ ଭୁଲ ପାଠକଙ୍କର । ଏଇପରି ଅସାର ବିଷୟବସ୍ତୁକୁ ଆଧାର କରି ଉପନ୍ୟାସ ଲେଖିବାପାଇଁ ପାଠକ ମାନେହିଁ ପ୍ରଶ୍ରୟ ଦେଇଥାନ୍ତି । ଅନୁକୂଳ ସୁଯୋଗ ପାଇଲେ ଭୁଲ ହେବା ସ୍ୱାଭାବିକ । କହିଲ ଦେଖି ଏ କ୍ଷେତ୍ରରେ ତୁମେ କାହାକୁ ଦୋଷୀ ସାବ୍ୟସ୍ତ କରିବ । ଯିଏ ଭୁଲ୍ କରେ ତାକୁ ନା ଯେ ଭୁଲ କରିବାପାଇଁ ପ୍ରଶ୍ରୟ ଦିଏ ତାକୁ ?

ଦୀପାଳୀ କଥାର ମର୍ମ ଠଉରାଇ ନେଇ ହଠାତ୍ ଗମ୍ଭୀର ହୋଇ ଉଠିଲା । —ବେଶ ସଜାଇ ତ କହି ପାରୁଛନ୍ତି ?

ଦେହରେ ମୋର ଛନକା ପଶିଲା । ମାଉସୀ ଯଦି କିଛି ଠଉରାଇ ନଅନ୍ତି ସର୍ବନାଶ··ପର ମୁହୂର୍ତ୍ତରେ କହିଲି—ପ୍ରଶ୍ନର ଉତ୍ତର ଦିଅ ଦୀପାଳୀ ।

ଦୀପାଳୀ ମୃଦୁ ହସି କହିଲା—ଯିଏ ସୁଯୋଗ ଦିଏ ଅବଶ୍ୟ ତାର— ।

ବେଶ ! ଆମ ଲେଖକମାନଙ୍କର ଅବସ୍ଥା ଠିକ ସିମିତି । ଆଜକାଲିକାର ସାଧାରଣ ପାଠକ ପାଠିକାମାନେ ଲୋଡ଼ନ୍ତି ଶସ୍ତା ବିଶ୍ଳେଷଣମୂଳକ ଉପନ୍ୟାସ ଆଉ ପ୍ରକାଶକ ? ସେମାନେ

କରିବେ କଣ ? ପାଠକର ମନ ମୁତାବକ ବହି ଛାପିବା ସେମାନଙ୍କର ଲକ୍ଷ୍ୟ । ସାହିତ୍ୟ ଦେଖି ବସିଲେ ସେମାନଙ୍କ ପେଟ ପୂରିବନି । ବିଷୟବସ୍ତୁ ଯେତେ ଉନ୍ନତ ଧରଣର ହେଉ ପଛେ ତାହା ପାଠକଙ୍କ ମନକୁ ପାଇଲା ଭଳି ହୋଇ ନଥିଲେ ପାଣ୍ଡୁଲିପି ପ୍ରକାଶ ଉପଯୋଗୀ ହୁଏନା ।

ଦୀପାଲୀ ଆଉ ଯୁକ୍ତି ଖୋଜି ପାଇଲାନି ।

ମାଉସୀ ମନ ପୂରାଇ ହସି ଉଠିଲେ । —ହାର ଗଲୁନା ଦୀପାଲୀ ?

ଦୀପାଲୀର ସଫେଦ ମୁହଁଟି ଲଜ୍ଜାରେ ଆରକ୍ତ ହୋଇ ଉଠିଛି । ମାଉସୀ ତା ମଥା ଉପରେ ଥରେ ହାତ ବୁଲାଇ ଆଣି କହିଲେ—ହେଉ ମୁଁ ଯାଉଛି । ତୁମେ ବଜୁକୁ ନେଇ ଶୀଘ୍ର ଆସିବ ।

ମାଉସୀ ଚାଲିଗଲେ । ଦୀପାଲୀ ସିମିଣ୍ଟ ନବାକ ଚହାଣି ଡାଳ ଠିଆ ହୋଇଛି । ନରମ ଗଳାରେ ଡାକିଲା—ଦୀପାଳି !

ଦୀର୍ଘ ନିଶ୍ୱାସ ନେଇ ନେଇ କରୁଣ କଣ୍ଠରେ ସେ ଜବାବ ଦେଲା —କଣ ?

—ବିଜୟିନୀ ହୋଇ ପାରିଲନି ବୋଲି ଦୁଃଖ କଲକି ?

—କାହା ପାଖରେ ଦୁଃଖ କରିବି । ହାର୍ ମାନିବା ତ ଆଜି ପ୍ରଥମ ନୁହେଁ । ବହୁତ ଆଗରୁ ମୁଁ ଆପଣଙ୍କ ପାଖରେ ହାରି ଯାଇଛି ।

—ତେବେ ଅଭିମାନିନୀ ପରି ମୁହଁଟିକୁ ଶୁଖାଇ ଦେଇଛ ଯେ ? ସତେ.ଦୀପାଲୀ, ତୁମର ଅଭିମାନିଆ ମୁହଁ ଦେଖିଲେ ମୁଁ ଆଦୌ ସହି ପାରେନି ଛାତି ଭିତରଟା ମୋର କ'ଣ ହୋଇଯାଏ ।

ଦୀପାଲୀ ଉତ୍ତର ନ ଦେଇ ଧୀରେ ଝରକାଟିକୁ ମୁକୁଳା ଦେଲା । ବାହାରେ ଟୋପା ଜହ୍ନ ଦୂର ଦିଗ୍‌ବଳୟ ଉପରୁ ପିଟିକି ଆସୁଛି । ତା'ର ଆଡ଼କୁ ଚାହିଁ ଦୀପାଲୀ କହିଲା—ଆଚ୍ଛା କୁହନ୍ତୁ ତ ବଜୁବାବୁ, ଏଇ ତମିସ୍ରାତ ଅନ୍ଧକାର ତଳେ ଜ୍ୟୋତ୍ସ୍ନାର ପ୍ଲାବନ କେତେ ସୁନ୍ଦର, କେତେ ଉଜ୍ଜ୍ୱଳ

ତୁନିଆ ଚାହିଁ ବସିଛୁ ତାହାର ଆଡ଼କୁ । ଅଥଚ ସେ ସମସ୍ତଙ୍କୁ ପାଶୋରି ଦେଇ କୁମୁଦ ଉପରେ ଲକ୍ଷି ରୁହେ କାହିଁକି ?

କୁମୁଦ ଯେ ନୟନରୁ ଅଶ୍ରୁ ନିଗାଡ଼ି ଚାହିଁ ବସିଥାଏ ତା'ର ପ୍ରତୀକ୍ଷାରେ ।

ତେବେ ଏଥିପାଇଁ ଦୋଷୀ କିଏ ? କୁମୁଦ ନା ଚନ୍ଦ୍ର ?

ମାନେ ? ଇଙ୍ଗିତଟା ବୁଝି ପାରିଲିନି ଯେ !

କେମିତି ବୁଝିବେ ? ଆପଣଙ୍କ ପରି ନିଷ୍ଠୁର ଅନ୍ୟର ହୃଦୟ ବୁଝି ପାରିବେନି ।

ଦୀପାଳି...

ମୁଁ ଠିକ କହୁଛି ରଜୁ ବାବୁ । ଆପଣଙ୍କ ମନ ତଳେ ଅନ୍ୟ ପାଇଁ ଆଦୌ ମମତା ନାହିଁ । ସେଇଥିପାଇଁ ଆପଣ ବୁଝି ପାରନ୍ତିନି ସୋହାଗର ବନ୍ଧନ କେତେ ନିବିଡ଼ । ଯଦି ସେତିକି ବୁଝି ପାରି ଥାଆନ୍ତେ ତେବେ କ'ଣ ମୋତେ ପଚାରି ଥାଆନ୍ତେ, "ଦୋଷ ଯିଏ କରେ ଭୁଲ ତାର ନା ଦୋଷ କରିବା ପାଇଁ ଯିଏ ପ୍ରଶ୍ରୟ ଦିଏ ଭୁଲ ତା'ର ?" ଠିକ ପଚାରିଛନ୍ତି । ଦୋଷୀ ମୁଁ । ଆପଣା ସ୍ୱୟଂ ଆପଣଙ୍କ ପିଞ୍ଜରାକୁ ଉଡ଼ି ଆସିଛି । ଆପଣଙ୍କ ପ୍ରତି ମୋ ସୋହାଗର ବନ୍ଧନ ମୋତେ ପଙ୍ଗୁ କରି ଦେଇଛି । କ୍ଷମା ଦେବେ । ଦୀପାଳୀ ଆଖିରେ ଅନୁତାପର ଅଶ୍ରୁଧାରା ।

ତାର ଅତି ନିକଟକୁ ଲାଗି ଆସିଲି ମୁଁ । —କାନ୍ଦୁଛ ଦୀପାଳୀ ? ଛି, ସୁନାଟି ପରା ! ଏଇ କଥାରେ କାନ୍ଦନ୍ତି ନା ? ହସ ତ ଦେଖି...

—ହସ ମରି ଯାଇଛି ଅନେକଂବେଳୁ । ଭଗ୍ନ ବକ୍ଷକୁ ପାଦରେ ଦଳି ଦେଲେ କାହାର ଅଧରରେ କ'ଣ ହସ ଉକୁଟି ପାରେ ?

—ହସିବନି ତୁମେ ?... ମୋ ରାଣ ।

ରାଣର ମାନ ଦେଲା ଦୀପାଳୀ । ସରୁ ଓଠ ଧାରରେ ଉକୁଟି ଉଠିଲା ଫିକା ହସଟିଏ ।

ବାହାରେ ଆଇ ପୁଷ୍ପାଶ୍ରୀ ଡାକ ଦେଲା—ଖାଇବେ ଆସନ୍ତୁ ଦେଇ !

ଦୀପାଳୀ କହିଲା—ଚାଲନ୍ତୁ ଆଜି ଆମ ଘରେ ଖାଇ ନେବେ ।

ଉଦୁଉଦିଆ ଦ୍ୱିପ୍ରହରଟାରେ ବାଲୁକା ଉପରେ ପଡ଼ି ମୁଁ ଖୋଲିଥିଲି ଓମାର ଖୈୟାମ ।

କି ସୁନ୍ଦର ପଦପଂକ୍ତି....ଭାଷା ଓ ଭାବରେ ଯିମିତି କୋଟି ଯୁଗର କରୁଣ ବ୍ୟାକୁଳତା ଭରି ରହିଛି । ପଦ ପଂକ୍ତିର ଛନ୍ଦେ ଛନ୍ଦେ ଛପି ରହିଛି ନବୀନ ପ୍ରାଣ ଓ ଦୁରନ୍ତ ପିପାସାର ଉଚ୍ଛ୍ୱଳତା । ସୁପ୍ତ ଅଭିମାନମାନ ଜାଗ୍ରତ ପାଇଁ ଓମାରଖୈୟାମ ନିଜ ମନର ଉଚ୍ଛ୍ୱସିତ ଅଭିବ୍ୟକ୍ତିକୁ ପ୍ରକାଶ କରିଛନ୍ତି ଅତି ନିଖୁଣ ଭାବରେ ।

ନିବିଡ଼ ପ୍ରଣୟର ଜ୍ୱଳନ୍ତ ଅଗ୍ନି ଭିତରୁ ଅନ୍ତର ଶୀନ୍ଧରତ କାଟାଣୁର ସଂଧାନରେ ଓମାରଙ୍କର କବିତା ଚିର ଉଜ୍ଜ୍ୱଳ ଓ ଋଦ୍ଧିମନ୍ତ । ତାଙ୍କର ପ୍ରେମ ପ୍ଲାବିତ କବି ପ୍ରାଣ କେତେ ପ୍ରାଞ୍ଜଳ, କେତେ ସ୍ୱଚ୍ଛନ୍ଦ...ସେ କଥା ନିଜ କବିତାରେ ସ୍ପଷ୍ଟ ଫୁଟାଇ ପାରିଛନ୍ତି ସେ । ଜୀବନ ଓ ଜଗତ ପ୍ରତି ତାଙ୍କ ସ୍ନିଗ୍ଧ ମନର ତିକ୍ତ ଅନୁଭୂତି ପ୍ରତ୍ୟେକ ଅନୁଭବୀ ପ୍ରାଣରେ ଜାଳିଦିଏ ସଞ୍ଜ ସଳିତା ।

ସୁରା ଓ ସାକୀ...ଯାହାର ପରଶରେ ବର୍ତ୍ତମାନର ଅସ୍ଥୂଳ ଜୀବନ ହୋଇ ଉଠେ ଅତି ରମଣୀୟ, ତାକୁହିଁ କେନ୍ଦ୍ର କରି ସେ ରଚନା କରିଛନ୍ତି ଗୋଲାପର କବିତା । ସେ ଭାବନ୍ତି ପ୍ରତ୍ୟେକ ମନୁଷ୍ୟର ଜୀବନ ଚରମ ଉପଭୋଗର ସାମଗ୍ରୀ । ଦୁଃଖ ଓ ସୁଖର ସମାବେଶରେ ପ୍ରାଣ ଶକ୍ତିହୁଏ । ତାହାର ଭିତରଦେଇ ଜୀବନକୁ ଦେଖିବା ପାଇଁ ହେବ—ମନଭରି ଉପଭୋଗ ବି କରିବାକୁ ହେବ । ଏହି ଉପଭୋଗ ପାଇ କେଉଁଠା ସୁରା ଓ ସାକୀ । ସୁରା ଓ ସାକୀ ଭିତରେ ମଣିଷର ଦଗଲ ବିସ୍ତୃତ ଅସୀମ ଆଶା ରୂପାୟିତ । ସୁରା ତାଙ୍କର ଅନସନ୍ଧିଚ୍ଛ, ପ୍ରାଣର ଏକ ବିରାଟ ସମାଧାନ । ଆଉ ସାକୀ.... ଯିଛିଲ ଜୀବନର ନିଶ୍ଚିତ ସତ୍ୟ ।

ଓମାର ଥିଲେ ବର୍ତ୍ତମାନର ଉପାସକ । ଜୀବନର ଶୂନ୍ୟତା ଓ ଅନିଶ୍ଚୟତାଠାରୁ ଦୂରେଇ ଯିବାପାଇଁ ଅତୀତ ଓ ଭବିଷ୍ୟକୁ ସେ ପାଶୋରି ଦେଇଥିଲେ ଗୋଟାଏ ଦୁଃସ୍ୱପ୍ନ ପରି । ବର୍ତ୍ତମାନର ଆନନ୍ଦହିଁ ଜୀବନର ଶ୍ରେଷ୍ଠ ସତ୍ୟ । ନିତ୍ୟ ବର୍ତ୍ତମାନର ସମ୍ଭୋଗକୁ ମନଭରି ଉପଭୋଗ କରିବାରେ ତାଙ୍କର ପରମ ତୃପ୍ତି ।

ପ୍ରତ୍ୟେକ ଯଦି ଓମାରଙ୍କ ପରି ପ୍ରକୃତି ସହିତ ବନ୍ଧୁତ୍ୱ କରି ବର୍ତ୍ତମାନକୁ ଉପଭୋଗକରି ବସନ୍ତେ, ତେବେ ଜୀବନରେ ଆଉ ବା ଅଭାବ କ'ଣ ? ଏ ମଣିଷ ହେଲେ ବୁଝୁଁଛି ସେ କଥା । ହଜିଲ ସ୍ୱପ୍ନର ସୁନେଲି ସପନ ଦେଖିବାରେ କି ଲାଭ ବା ମିଳେ ?—ଗ୍ରୁଡ ଉପରେ ବନ୍ଧୁଟିକୁ ଲେଉଟାଇ ରଖି ଭାବୁଥିଲି କେତେ କଥା । ବାହାରେ ଡାକବାଲାର କଣ୍ଠ ଶୁଭିଲା—ବାବୁ ଚିଠି ନିଅନ୍ତୁ ।

ଚିଠି ଖଣ୍ଡିକ ନେଇ ଆସି ଠିକଣା ଉପରେ ଆଖି ବୁଲାଇ ଅଣିଲି । ଶେଫାଳୀ ଦେଇଛି । ଯେଉଁ ଶେଫାଳୀକୁ ମୁଁ ଅନେକ ଦିନୁ ଦୂରେଇ ଦେଇ ସାରିଲିଣି ମନ ଭିତରୁ—ଯାହାର ଉପସ୍ଥିତି ମୋ ଆଶା ରାଇଜର ଏକ ଧୂମକେତୁ—ତାର ହାତର କେତେଧାଡ଼ି ଲେଖା । ଇମିତି ପାର୍ଯ୍ୟଦନ ହେବ ଆସୁଛି ଆଉ ଆସୁଥିବ ବା । କି ମୂଲ୍ୟ ସେଥିରେ । ଆଲୁଆ ଗଦା ବଢ଼ି ଉଠୁଛି ଯାହା । ଫାଙ୍କା ମନରେ ଲଫାପାଟି ଫିଟାଇଲି ।

ପୂଜ୍ୟ...

ପୂଜ୍ୟ ବୋଲି ସମ୍ବୋଧନ କରି ପାଦତଳେ ପ୍ରଣତି ଜଣାଇବା ପାଇଁ ମୋ ଦରମରା ଜୀବନରେ ସାମର୍ଥ୍ୟ ଓ ସାହସ ଆଜି ନାହିଁ । ଅଭିଶପ୍ତା ଜୀବନର ଚିର ଆରାଧ୍ୟ ସ୍ୱାମୀର ଚରଣ ସେବା ଓ ସ୍ନେହ ସୁହାଗରୁ ବଞ୍ଚିତା ହୋଇ ବଞ୍ଚି ରହିବା ଅପେକ୍ଷା ସର୍ବଂସହାର କ୍ଷମାଭରା ବୁକୁ ଭିତରେ ନିଜକୁ ବିସର୍ଜି ଦେବାରେ ବରଂ ସରଗର ତୃପ୍ତି ମିଳିବ । ଅନାଗତ ଅଭିସମ୍ପାତ ଭରା ପ୍ରାଣ ରଡ଼ନିଆଁରେ କେତେଦିନ ଆଉ ଛଟପଟ ହେବ କୁହ ଦେବତା । ଯେଉଁ ସରାଗ ଜୀବନ ବୁକୁତଳେ ଭରି ଉଠିଥିଲା ତୁମରି ପରଶରେ ସେ ଆଜି ଏକ ଦୁର୍ଦ୍ଦାନ୍ତ ଦାନବର ନିର୍ମମତାରେ ମରି ମରି ଆସିଛି । ନିଷ୍ପେଷିତାର ସୁଖ ସରାଗ କାଳ କାଳକୁ ଲିଭି ଯାଇଛି ।

ହେ ମୋର ମୂକ ଦେବତା, ଆଖିର ଲୁହରେ ମୋ ଅକୁଳ ହୃଦୟର ଅଜ୍ଞାତ ଅଭିବ୍ୟକ୍ତିକୁ ରୂପ ଦେଇ ଅନେକ ଥର ଲେଖିଛି । ସବୁ ଲେଖା ପାଇଥିବ ତୁମେ । କିନ୍ତୁ କାହିଁ, ଚାହିଁ ଚାହିଁ ଖଣ୍ଡିକର ବି ଉତ୍ତର ତ ପାଇ ପାରିଲି ନାହିଁ । ଅଥବା ପତ୍ର ମଉନ ରହିଲ କି ସାଥି ? କିମିତି ରହି ପାରିଲ ତୁମେ ? କିମିତିବା ମୋ ପାଇଁ ତୁମ ହୃଦୟରେ ଆକୁଳତା ଆସିଲାନି ? ତୁମେ ଯଦି ମୋତେ ଭଲ ପାଉଥିବ ତେବେ ଜାଣେ ଅନୁଭବ କରିବ ଦେବତା, ତୁମର ବିଚ୍ଛେଦ ମୋ ଅଶ୍ରୁସିକ୍ତ ଆତ୍ମାକୁ କିମିତି କ୍ଷତ ବିକ୍ଷତ କରି ଦେଉଛି । ବୁଝି ବି ବୁଝି ପାରୁନ ତୁମେ ?

କି ଭୁଲ କରିଛି ମୁଁ ? ଅତୀତ ପଲଟି ଦିନରୁ ଆପଣାର କରିଥିଲ କ'ଣ ଏମିତି ବିରହରେ ଦଗ୍ଧ କରିବା ପାଇଁ ? ଯୌବନର ପହିଲି ହିନ୍ଦୋଳ ଭରା ଫଗୁ ସନ୍ଧ୍ୟାକୁ ଏତେ ସହଜରେ ପଶୋରି ଦେଇ ବସିଲ ତୁମେ ? ପାଦରେ ଦଳି ଦେଇ ପାରିଲ ଗୋଟିଏ ନିଷ୍ପାପ ପ୍ରାଣର ସଜ ଫୁଟିଲା ଫୁଲଟିକୁ । ଏପର୍ଯ୍ୟନ୍ତ ବି ଅନ୍ତର ଚିହ୍ନି ପାରିଲନି ? ଆଉ କିମିତି ଚିହ୍ନିବ । କିମିତି ବୁଝିବ । କି ନୈବେଦ୍ୟ ବା ସଜାଡ଼ିବି ତୁମ ତୃପ୍ତିର ନିରାଜନା ପାଇଁ ? ସବୁ ତ ସମର୍ପି ଦେଇଛି । ନିଜର ବୋଲି ତ କିଛି ମୋର ନାହିଁ । ଧୂଳି ଖେଳ ଦିନରୁ ମନ ସହିତ ମନ ମିଶାଇ ତଥାପି ବି ପରୀକ୍ଷା ଶେଷ ହୋଇନି ? ଆଉ କି ପରୀକ୍ଷା ଚାହଁ ? ଜୀବନ, ପ୍ରାଣ, ରକ୍ତ,—କ'ଣ ଚାହଁ ତୁମେ । କିମିତି କଲେ ତୁମେ ବୁଝିବ ମୋ ହୃଦୟର ବ୍ୟାକୁଳତା ।। କୁହ... କୁହ ଥରେ ତୁଣ୍ଡ ଖୋଲି ଦେବତା । ତୁମର ତୃପ୍ତି ପାଇଁ...ତୁମର ତୁଣ୍ଡରେ ହସ ଦେଖିବା ପାଇଁ ମୁଁ ଏ ବସ୍ତୁବାଦୀ ଦୁନିଆରେ ସବୁ କରି ପାରେ । ଆଖି ପିଛୁଳାକେ ଏ ଭର ମଉଳା ଜୀବନକୁ ହଜେଇ ଦେବାପାଇଁ ଢେର ଶକ୍ତି ଅଛି ମୋଠି ।

କେତେ ବିନିଦ୍ର ନିଶୀଥିନୀ କଟି ଯାଇଛି ତୁମର ପଥ ଚାହିଁ । ଆକାଶ କୋଳରେ ଥାଇ ଅମାନିଆ ଜହ୍ନଟା ମୋତେ ବିଦ୍ରୂପ କରିଛି ··ଛୁଟି ଧସି ପବନ ଦେହରେ ବେପଥୁ ଅଜାଡ଼ି ଫେରି ଯାଇଛି···ଫୁଲ ଶେଯ ଅଭିମାନର ଲୁହରେ ବତୁରି ଉଠିଛି—ତଥାପି ତୁମେ ଫେରିନ—ତୁମ ପରୀକ୍ଷା ଶେଷ ହୋଇନି ।

ତୁମେ ଅସ ଦେବତା । ମୋ ଭକ୍ତ ପ୍ରାଣରେ ଭକ୍ତି ଅମର ସଂଗୀତ । ମୁକୁଳା ମନ ଦୁଆରେ ବେଦନାର ଠୋକର ମୁଁ ଆଉ ସହି ପାରିବିନି । ତୁମର କୋଳରେ ମଥା ଥୋଇ ଟିକିଏ ଶୋଇବି । ତୁମର ସେ ଲୌହ କଠିଣ ସ୍କନ୍ଧ ଉପରେ ଦୁଇଧାର ଲୁହ ଅଜାଡ଼ି ଦେବି । ସେଇ ମୋର ଆନନ୍ଦ । ସେଇ ମୋର ତୃପ୍ତି । ସେଇ ମୋର ଚରମ ସାଧନା । ମୁଁ ଆଉ କିଛି ଚାହେଁନା । ଚାହେଁ ତୁମକୁ—ଚାହେଁ ତୁମର ପରଶ । ତଥାପି ତୁମେ ଯଦି ନଶୁଣ ପ୍ରିୟ ତେବେ ବିଶ୍ୱାସ କର । କେବଳ ତୁମରି ବିଚ୍ଛେଦରେ ଆତୁର ହୋଇ ଦିନ କେଇଟା ଭିତରେ ତୁମର ଅଭାଗିନୀ ଶେଫାଳୀ, ଗନ୍ଧହୀନା ଝରା ଶେଫାଳୀ ପରି କେଉଁଠି ପଡ଼ିବ ଧୂଳିରେ-

ଇତି । ତୁମର

ସୋହାଗବଞ୍ଚିତା ଶେଫାଳୀ

ଗୋଟାଏ ଦମ୍‌ରେ ଚିଠିଟିକୁ ପଢ଼ି ନେଇ ଟିକି ଟିକି କରି ଚିରି ଦେଲି ପଦାକୁ—କେତେଟା ଝିଅ ନିଜ ପ୍ରିୟ ପାଇଁ ଜୀବନ ଦେଇ ଦିଅନ୍ତି । ଛଳନାମୟୀ ନାରୀର ବିଷଗୋଳା ତୁଣ୍ଡକୁ ଇମିତି ଛଳନା ବେଶ ସାଜେ । ମନ ନେବା ପାଇଁ କଥା ଦୁଇପଦ ସଜେଇ କହିବାର ଶକ୍ତି ତାଙ୍କୁ ଭଗବାନ ଦେଇ ଥାଆନ୍ତି । ଅଧର ଉପରେ ମଧୁ ଲେପି ଭିତରେ ହଳାହଳ ଦେବାରେ ସେମାନଙ୍କର ଢେର ଆନନ୍ଦ । ତା ନ ହେଲେ ଉଦ୍‌ଭ୍ରାନ୍ତ ପତଙ୍ଗ ନିଜର ଜୀବ ଭୁଲି ଧାଇଁ ଆସିବ କିମିତି ?

ଭିତରେ ହସି ହସି ଉଠି ଥମିଗଲି । ଅତୀତର ପିଛିଲା ଦିନଗୁଡ଼ିକ ମନ ଭିତରେ ନହରି ଜାଗି ଉଠିଲା ।—ଦିନ ଥିଲା ଏଇ ଶେଫାଳୀକୁ ପ୍ରାଣଠାରୁ ଆହୁରି ଅଧିକ ଭଲ ପାଉଥିଲି ମୁଁ । କେତେ ନୀରବ ସଞ୍ଜା ରଜନୀ ମୋ କୋଳ ଉପରେ ମଥା ଥୋଇ ଘୁମାଇ ଦେଇଛି ସେ—କେତେ ତମସାର ନୈଶ ସମୀର ମୁଖର ହୋଇ ଉଠିଛି ତାର ଗଦ୍‌ଗଦ କଣ୍ଠ ସ୍ୱରରେ । ଦେହ ଉପରେ ଦେହର ଭରା ଦେଇ ଆକୁଳ କଣ୍ଠରେ ସେ କହିଛି—ଭୁଲି ଯିବନି ତ ଜୀବନସାଥୀ । ପାଶୋରି ପକାଇବନି ତ । ଦୁନିଆ ମୋତେ ଭୁଲି ଯାଉ ଅବହେଳା କଲେ ମୁଁ ଦୁଃଖ କରିବିନି; କିନ୍ତୁ ତୁମେ ଯଦି ଭୁଲି ଯିବ ତେବେ ବଂଚି ପାରିବିନି ମୁଁ ।

ଦର୍ପଣ ମୁଖର ଝିଲ୍ଲି ବକ୍ଷର୍ ରଜନୀର ମୋ ଗ୍ରୀବା ଉପରେ ମୁହଁ ଲୁଚାଇ ଉତ୍ତର ପାଇଁ ଅଝଟ ଧରେ ସେ । ପୁଣି କହେ - ଦେଖତ, ବାହାରେ କେମିତି ବର୍ଷାର ଛୁଟଣା । ବିଜୁଳି, ଘଡ଼ଘଡ଼ି ଭିତରେ କଳା ମିଚ ମିଚ ମେଘ । ତୁମେ ପାଖରେ ଅଛ ବୋଲି କୌଣସିଟା ବାଧୁନି । ତୁମର ସୋହାଗଭରା ଗ୍ରୀବା ଭିତରେ ମୋର ସବୁ ଭୟ ଲୁଚି ଯାଉଛି । ସତେ ମ ସତେ, ତୁମର ଏ ଗ୍ରୀବାଟା କାହିଁକି ଏତେ ଭଲ ଲାଗେ ? ତୁମେ କ'ଣ ଏତିକି ଭଲ ପାଅ ମୋତେ ?

ସେଦିନ ମୁଁ ଉତ୍ତର ଦେଇ ପାରି ନ ଥିଲି । ତୁଣ୍ଡ ଖୋଲୁ ନ ଥିଲି ଉତ୍ତର ଦେବା ପାଇଁ । କିନ୍ତୁ ଆଜି ତାର ସବୁ ପ୍ରଶ୍ନର ଉତ୍ତର ଏକାବେଳକେ ସେ ପାଇଛି—

ପୂଝାରୀ ଡାକ ଦେଲା—ବାବୁ ତୁମକୁ କିଏ ଖୋଜୁଛି ।

ଚମକିଲା ପରି ହୋଇ ପଚାରିଲି, କିଏ ?

ତୁମେ ଆସ ଦେଖିବ । ମୁଁ ଚିହ୍ନେନା ତାକୁ ।

ଗୋଟିଏ ହୋସ୍‌ରେ ପଦାକୁ ବାହାରି ଆସିଲି । ବାହାରେ ଠିଆ ହୋଇଛି ରାଧା । ଦୀପାଳୀ ଘରର ଚାକର । ଆଶ୍ଚର୍ଯ୍ୟ ହୋଇ ପଚାରିଲି— କିରେ କୁଆଡ଼ୁ ?

ଅଶିକ୍ଷିତ ରାଧା ସାମାନ୍ୟ ଶଙ୍କି ଯାଇ କହିଲା—ଦୀପାଳୀ ଦେଈ ପଠାଇଛନ୍ତି ମୋତେ ।

କାହିଁକି ?

ସେମାନେ ସିନେମା ଯିବାପାଇଁ ବାହାରିଛନ୍ତି । ଆପଣ ବି ଯିବେ ।

କେଉଁଠିକୁ ? ତାଙ୍କ ବସାକୁ ନା ?

ନା, ସେମାନେ ରିକ୍ସା କରି ସେଇବାଟେ ଯିବେ । ଆପଣ ଆଉ ବସା ପର୍ଯ୍ୟନ୍ତ ନ ଯାଇ ଏଣେ ପ୍ରଭାତ ସିନେମାକୁ ଯାଆନ୍ତୁ ।

ହେଉ ତୁ ଯା । ମୁଁ ଠିକ୍ ସମୟରେ ଯାଇଁ ପହଞ୍ଚିବି ।

ରାଧା ଚାଲିଯାଉଥିଲା । ପୁଣି ଅଟକି ଗଲା । ଆପଣ ଶୀଘ୍ର ଯିବେ ବାବୁ । ନ ହେଲେ ଦୀପାଳୀ ଦେଈ ଯିମିତି । ମିଛଟାରେ ମୁଁ ଗାଳି ଶୁଣିବି ।

ସୁଧାଙ୍କୁ ବିଦାୟ ଦେଇ ଫେରିଲି । ଦୀପାଳୀ ସାଥିରେ ସିନେମା ଯିବା ଏଇ ପ୍ରଥମ । ଅନାହୂତ ଏ ସୁଯୋଗ । ହେଲେ ମାଉସୀ...। ସେ ଯେ ଆମ ଦୁହିଁଙ୍କ ଭିତରେ ହିମାଳୟର ପ୍ରତିବନ୍ଧକ ।

ଅପ୍ରତିହତ ଗୋଧୂଳିର ରକ୍ତ ରଞ୍ଜିତ ଆଭା । ବୃକ୍ଷଲତାର ସବୁଜିମା ପ୍ରତି ରନ୍ଧ୍ରେ ରନ୍ଧ୍ରେ ବିଚ୍ଛୁରି ପଡ଼ୁଛି । ଦୂର ଚକ୍ରବାଳର ସୀମା ରେଖା ଉପରେ ପ୍ରଦୋଷର ମ୍ଳାନ ଛାୟା ଜମେଇ ଆସିଲାଣି । ଆଉ କେତୋଟି ମୁହୂର୍ତ୍ତ ପରେ ଚକ୍ରବାକୀଠାରୁ ବିଦାୟ ନେଇ ବିରହୀ ଚକ୍ରବାକ ଅଶ୍ରୁ ତର୍ପଣ କରିବ ନଦୀର ଆରପାରିର କେଉଁ ଏକ ପତ୍ରଗହଳ ଭଗ୍ନ ବୃକ୍ଷ ଶାଖାରେ । ଆଉ ହା-ହାକାରରେ ନଈର ପାଣି ଚହଲି ଉଠିବ—

ଦର୍ପଣରେ ମୁଣ୍ଡବାଳକୁ ଆଉଥରେ ସାଉଁଳି ନେଇ ଉଠିଲି ରିକ୍ସାରେ । ଘଣ୍ଟାକୁ ଚାହିଁ ଦେଖିଲି ସିନେମା ଆରମ୍ଭ ହେବାକୁ ଅଛି ମାତ୍ର କୋଡ଼ିଏ ମିନିଟ ବାକି । ବେଗ ବଢ଼ାଇବା ପାଇଁ ରିକ୍ସାବାଲାକୁ ତାଗିଦ୍ କରିଦେଲି ।

ରିକ୍ସା ଛୁଟିଛି ଗଳି କନ୍ଦି ଟପି ସଦର ରାସ୍ତାରେ । ଦୁଇ କଡ଼ର ରାସ୍ତାରେ ରଙ୍ଗ ବେରଙ୍ଗ ଶାଢ଼ୀ ପିନ୍ଧି ଚପଲକୁ ଘୋସାରି ଘୋସାରି ଦଳକୁ ଦଳ ଅନୂଢ଼ା କିଶୋରୀ ଚାଲିଛନ୍ତି । ରୂପା ଗଳାର ହସ ସାଥିରେ ଦେହରୁ ଏସେନ୍ସର ଗନ୍ଧ ଛୁଟିଛି । କିନ୍ତୁ ଦୀପାଳୀ ସହିତ ଏମାନଙ୍କର ଆକାଶ ପାତାଳ ତଫାତ୍ !

ଏହା ଭିତରେ ରିକ୍ସା ପହଞ୍ଚି ଯାଇଛି ପ୍ରଭାତରେ । ଅଗଣନ ଯୁବକ ଯୁବତୀଙ୍କ ମେଳରେ ହଲ୍‌ର ସମ୍ମୁଖ ଅଂଶ ବେଶ୍ ସରଗରମ ହୋଇ ଉଠିଛି । ବୁଥ ପାଖକୁ ଥରେ ସନ୍ଧାନୀ ଦୃଷ୍ଟି ଖେଳାଇ ନେଇ ଖୋଜିଲି

ମାଉସୀ ଓ ଦୀପାଳୀକୁ । କାଉଣ୍ଟର୍ ର ସାମାନ୍ୟ ପଛକୁ ମୁହଁ ଖୋଲି ଠି
ହୋଇଛନ୍ତି ଦୁହେଁ । ମୋ ଉପରେ ନଜର ପଡ଼ିନ ତାଙ୍କର ।

ତାଙ୍କ ପର୍ଯ୍ୟନ୍ତ ଆଗେଇ ଯାଇ ପଚାରିଲି—କେତେବେଳୁ ଆସିଲେଣି
ମାଉସୀଙ୍କ ମୁହଁରେ ବିରକ୍ତିର ଛଟା ।

ଅଧ ଘଣ୍ଟାଏ ହେଲା ତତେ ଚାହିଁ ଛିଡ଼ା ହୋଇଛୁ । ଅଥଚ ତୁ ଏକ
ଆସୁଚୁ । ସେଥିପାଇଁ ତ ବହୁତ ଆଗରୁ ତତେ ଖବର ଦେଇଥିଲୁ ।

ଟିକିଏ ଉତ୍ତର ହୋଇଗଲା ମାଉସୀ ।

ହଉ ଆ ! କହି ତିନିଖଣ୍ଡ ଟିକଟ ମୋ ହାତରେ ଗୁଞ୍ଜିଦେଲେ ସେ ।

ଆର୍ଡ଼ ବେଲ ହୋଇ ଯାଇଥିଲା । ସିନେମା ହଲ୍ ଭିତରର ଗୀ
ବନ୍ଦ ହୋଇ ଆସୁଥିଲା । ଆଗପଛ ହୋଇ ଆମେ ଭିତରକୁ ଚାଲିଲୁ । କଣ୍ଟ
ଗେଟ୍ ପାଖରେ ଭିଡ଼ ଦେଖି ଟିକେ ଆମେ ଅପେକ୍ଷା କଲୁ । ତାପରେ ଟିକେ
ତିନିଖଣ୍ଡ ଗେଟ୍ କିପର ହାତକୁ ବଢ଼ାଇ ଦେଇ ମୁଁ ଭିତରକୁ ପଶିଗଲି
ମାଉସୀ ଭିତରକୁ ପାଦ ବଢ଼ାଇବା ମାତ୍ରେ ପଛରୁ ଦୀପାଳୀ ଚାପା ଗଳାରେ
କହିଲା—ରୁହନ୍ତୁ ମାଉସି ! ରାଧା ଆସୁଛି ।

ମାଉସୀ ବାହାରେ ଅଟକି ଗଲେ । ମୁଁ ବି ବାହାରକୁ ବାହା
ଆସିଲି । ଧଇଁ ସଇଁ ହୋଇ ରାଧା ଆସି ପହଞ୍ଚିଲା ଆମ ପାଖରେ ।

ରାଧା ଧଇଁ ସଇଁ ହୋଇ କହିଲା—ଆପଣଙ୍କୁ ବାବୁ ଡାକୁଛନ୍ତି ମା'
ତାଙ୍କର କେଉଁଠିକୁ ଯିବାର ଅଛି—ଦାଣ୍ଡରେ ଜିପ୍ ଆସି ଠିଆ ହେଲାଣି
ସାତ ଆଠଦିନ ପାଇଁ ସେ ବାହାରକୁ ଯିବେ ଜରୁରୀ କାମରେ । ଆପ
ଶୀଘ୍ର ଚାଲନ୍ତୁ ।

ଦୀପାଳୀ ଓ ମୁଁ ଡାବା ହୋଇ ମାଉସୀଙ୍କ ମୁହଁକୁ ଚାହିଁଲୁ ।

ମାଉସୀ ଦୀର୍ଘ ନିଶ୍ୱାସ ଛାଡ଼ିଲେ ।

—ଜୀବନଟାରେ ଦଣ୍ଡେ ହେଲେ ଶାନ୍ତି ନାହିଁ ବନ୍ଦୁ, ଦେଖୁଛୁ
ଦିନେ କାଳେ ସିନେମା ଆସିବାକୁ ମନେ କରେନ । ଦୀପାଳୀ ଙ୍କ୍ ଧଇଦା
ବାହାର ଆସିଲି ଯେ ଭଗବାନ ସହିଲେ ନାହିଁ । ଆଚ୍ଛା ମୁଁ ଚେ
ଯାଉଛି ବନ !

ସିନେମା ଦେଖିବେନି ? ପଚାରିଲି ।

କିମିତି ଦେଖିବି ? ସେ ଯିମିତି ଏକ ରାଗିଆ ଲୋକ, ମୁଁ ନ ଗଲେ ଭୀଷଣ ରାଗି ଉଠିବେ । ଆଉଦିନେ ଆସି ଦେଖିଗଲେ କ'ଣ ହେବନି ? ମୋରତ ଦେଖିବା ପାଇଁ ଏତେଟା ଝୁଙ୍କ୍ ନଥିଲା । ଦୀପାଳୀ ଲାଗି ବାଧ୍ୟ ହୋଇ ଆସିଥିଲି ନାଁ ।

ବେଶ୍ ମୋର ବି କିଛି ଆପତ୍ତି ନାହିଁ । ଚାଲନ୍ତୁ ଫେରିଯିବା ।

ମାଉସୀ ମୋ ମୁହଁକୁ ଚାହିଁଲେ । ପାଗଳ ହେଲୁ ନାଁ । କ'ଣ ? ମୋ ପାଇଁ ତୁମେ ଦୁଇଜଣ ଫେରି ଯିବ ନାହିଁ କି ? ତୁମେ ଆଜି ଦେଖିଆସ । ଆଉ ଦିନେ ସୁବିଧା ହେଲେ ପୁଣି ସାଥିହୋଇ ଆସିବା ।

—ହଁ-ହଁ-ସେକଥା କିମିତି ହେବ ମାଉସି ! ଆମେ ବି ଆପଣଙ୍କ ସାଥିରେ ଫେରିଯିବୁ । ଆପଣତ ଦେଖିଲେ ନାହିଁ । ଆମେ ବି ଦେଖିବୁନି । କାଲି ପରେ ଆଉଥରେ ଆସିବା...

କାଲି ହୁଏତ ଏ ଝୁଙ୍କ୍ ଆଉ ନଥିବ ମନରେ ; ଦୀପାଳୀ ଆଜି ଫେରିଗଲେ ତା ମନରେ ଅସ୍ଥ ଆସିବ । ପିଲାଳିଆ କଥା ଗୁଡ଼ା ଯାଏ ଭିତରକୁ । ସେୟା ଆରମ୍ଭ ହୋଇଗଲାଣି ।

—ନାଁ । ମାଉସୀ, ଆମେବି ଆପଣଙ୍କ ସାଥିରେ ଫେରିବୁ ।

ମାଉସୀ ହସିଲେ ।

କୌଣସି ଭୟ ନାହିଁ—ମନର ଜୋର ମଣିଷକୁ ନିର୍ଭୀକ କରେ ।

ତଥାପି...

—ପୁଣି ସେଇ ପାଗଳାମୀ ? ମୁଁ ତତେ ସାହସ ଦେଉଛି, ଅନୁମତି ଦେଉଛି—ନିର୍ଭୟରେ ତୁମେ ସିନେମା ଦେଖିଆସ । ଦୀପାଳୀର ଠାକୁର ମା ଏତେ ନୀଚମନା ନୁହନ୍ତି ଯେ ତୁମକୁ ଭୁଲ୍ ବୁଝିବେ ।

ମାଉସୀଙ୍କ ଉଦାର ହୃଦୟର ପରିଚୟରେ ମୁଁ ମୁଗ୍ଧ ହେଲି । ଦୀପାଳୀର ଭାବ ଲକ୍ଷ୍ୟ କରିବା ପାଇଁ ଚାହିଁଲି ତା ଆଡ଼େ । ତଳକୁ ମଥା ପୋତି ନୀରବରେ ଠିଆ ହୋଇଛି ସେ । ଗୁମାନ ଭରା ମୁହଁଟିରେ ଉଜ୍ଜଳ ଆଲୋକ ଲାଗି ଅତି କମନୀୟ ଦିଶୁଛି । ବିରକ୍ତିର ଲେଶ ନାହିଁ । ସେ

ବୋଧହୁଏ ଇମିତ୍ତ ଏକ ଅନାହୂତ ସୁଯୋଗକୁ ଅଭିନନ୍ଦନ ଜଣାଉଛୁ। ତା ନହେଲେ ଅଭିଯୋଗତ ବାଢ଼ନ୍ତା ! !

ମାଉସୀ ପୁଣି କହିଲେ—ଠିଆ ହେଲୁ ଯେ ବଜୁ ! ଦୀପାଳୀକୁ ନେଇ ଭିତରକୁ ଯା ।

ଅନେକ ବେଳୁ ନିଉଜ୍ ରିଲ୍ ଆରମ୍ଭ ହୋଇ ଗଲଣି । ହଲ ଭିତରଟା ଝାପ୍‌ସା ଅଂଧକାର । ଲଗା ଲଗି ଦୁଇଟି ଚୌକିରେ ଆମେ ଦୁହେଁ ବସି ପଡ଼ିଲୁ । ଆଗ, ପଛ ଓ ଦୁଇ କଡ଼ର ସିଟ୍ ଗୁଡ଼ିକ ବିଲ୍‌କୁଲ୍ ଖାଲି ପଡ଼ିଛି । ଛବିଟି ନ' ସପ୍ତାହ ଧରି ଚାଲୁଥିବାରୁ ଦର୍ଶକ କମି ଆସିଲେଣି ।

ନିଉଜ୍ ରିଲ୍ ଶେଷ ହେଲା । ଏଥର ଆରମ୍ଭ ହେବ 'ଦୁର୍ଗେଶ ନନ୍ଦିନୀ' ଛବିଟି ରିଲିଜ୍ ହେବା ପରେ କଲିକତାରେ ମୁଁ ଦେଖି ଆସିଛି । ବେଶ୍ ହୋଇଛି । ହସ କାନ୍ଦର ବିଚିତ୍ର ସମାବେଶ । ନାୟକ ଓ ନାୟିକାଙ୍କ ଅଫୁରନ୍ତ ପ୍ରେମରେ ଭରି ଉଠିଛି ଛବିଟି । ପ୍ରେମ ପାଇଁ ଲୁହ ଲହୁରେ ଧରଣୀ ଭିଜି ଯାଇଛି । କେତେ ଦୁଃଖ କେତେ ଯନ୍ତ୍ରଣା, ସବୁକୁ ହସି ହସି ସହିନେଇ ଅଚ୍ଛେଦ୍ୟ ବଂଧନ ପାଇଁ ଆଗେଇ ଯାଉଛନ୍ତି ଦୁହେଁ । ହାଣ ମୁହଁରେ ମଥା ଥୋଇ ବି ସେମାନଙ୍କର ଗର୍ବ କମିନି, ମନର ବଳ ଅମିନି । ବିଦ୍ରୋହର ସ୍ଫୁଲିଙ୍ଗ ଭିତରେ ଦୁଇଟି ଜ୍ୱଳନ୍ତ ପ୍ରେମ ଶିଖା ପରି ଦୁହିଁଙ୍କର ଆତ୍ମା ଉଜ୍ଜଳି ଉଠିଛି । ନାୟକ ନାୟିକା ଭୂମିକାରେ ସୁନନ୍ଦା, ବୀଣାପାଣି ଓ ପ୍ରଦୀପ କୁମାର ଚଣ୍ଡୀକର୍ଷକ ଅଭିନୟ କରିଛନ୍ତି ।

ମଝିରେ ମୁଁ ଦୀପାଳୀ ଆଡ଼କୁ ଆଖି ଫେରାଇଲି । କିନ୍ତୁ, ଦୀପାଳୀ ଛବିଠାରୁ ନିଜକୁ ଦୂରେଇ ନେଇଛି ଅନେକ ବେଳୁ । ତା ହାବଭାବରେ ଅନ୍ୟମନସ୍କ ଭାବ ପରିସ୍ଫୁଟ ।

ଆଶ୍ଚର୍ଯ୍ୟ ହୋଇ ଡାକିଲି—ଦୀପାଳି !

ହଁ ....ଚମକିଲା ପରି ସେ ଉତ୍ତର ଦେଲା ।

ତଳକୁ ମୁହଁ ପୋତିଛ ଯେ ? ଛବିଟି କ'ଣ ଭଲ ଲାଗୁନି !

ବେଶ୍ ତ ହୋଇଛି ।

ଦେଖୁନ କାହିଁକି ?

ଆପଣ ?

ଆଉ ତୁମେ ?

ବହିଟାତ ପଢ଼ିଛୁ, ନଦେଖିଲେ ଚଳିବ !

ବାଃ ତମର ଝୁଙ୍କ ଯୋଗୁ ସିନେମା ଆସିବା କଥା ! କହୁଛ ନ ଦେଖିଲେ ଚଳିବ ? ନାହିଁ କୁହ, ତୁମର ହୋଇଛି କ'ଣ ?

କିଛି ହୋଇନି ତ । ମୁଁ ବେଶ୍ ଅଛି ।

କହୁବନି ତେବେ ?

ରାଗି ଉଠିଲେ ପରା ! ନାଁ ମ ନାଁ—ମୁଣ୍ଡଟା ବିନ୍ଧୁଛି ।

ତେବେ ଯିବା ଚାଲ ।

ଆପଣ ଦେଖିବେନି ?

କଲିକତାରେ ମୁଁ ଛବିଟି ଦେଖିଛି ।

ପୁଣି ଦେଖିବାକୁ ଆସିଲେ ଯେ...

କେବଳ ତୁମର ଯୋଗୁ...ଆଚ୍ଛା ଉଠ, ଏଁ—

କୃତ୍ରିମ ଅନିଚ୍ଛା ଦେଖାଇ ଦୀପାଳୀ ଉଠିଲା । ବାହାରକୁ ଆସି ତାହା ମୁଁ ଜାଣି ପାରିଲି ।

ବାହାରକୁ ଆସି କହିଲି—ବସାକୁ ଯିବାନା ?

ହଁ ହୁଁ...ହୃଦୟରେ ପୁଞ୍ଜିଭୂତ ଭାବନାକୁ ଚାପି ରଖି ଦୀପାଳୀ ଜବାବ ଦେଲା ।

ତୁମ ମୁଣ୍ଡ ବିନ୍ଧୁଛି ନା !

ବସାକୁ ଫେରିଗଲେ କ'ଣ ବ୍ୟଥା କମିଯିବ ? ବରଂ ବଢ଼ି ଉଠିବ ।

ଫେର...

ଚାଲନ୍ତୁ ଯୋବରା ଆଣିକଟ ଆଡ଼େ ଟିକିଏ ବୁଲି ଆସିବା । ଥଣ୍ଡା ପବନ ଲାଗିଲେ ଟିକିଏ ଆରାମ ଲାଗିପାରେ ।

ବାଧ ଘିଣ୍ଟି ପର ପାଖରେ ଥିବା ଗୋଟିଏ ରିକ୍ସାରେ ଉଠି ପଡ଼ି ଅନ୍ୟ ରିକ୍ସା ଧରିବା ପାଇଁ ଦୀପାଳୀକୁ ଇଙ୍ଗିତ କଲି । ଦୀପାଳୀ ଉଠିଲା

ଙ୍ଗାଙ୍କୁ । ପିଚୁ ରାସ୍ତାରେ ପାଦ ଦେଇ ରିକ୍ସା ଦୁଇଟି ଛୁଟି ଚାଲିଲେ । ଆଗରେ ସେ ଓ ପଛରେ ମୁଁ ।

ଦୀପାଳି ଚାହିଁଛି ସାମନାକୁ । ତାର ପୁଷ୍ପଗୁଚ୍ଛିତ ଜୁଡ଼ା ଉପରେ ମୋର ଅବଶ ଡୋଳା ଦୁଇଟି ଲାଖି ଯାଇଛି । କଲକଲିଆ ପବନ ସ୍ପର୍ଶରେ ତାର ଚୂର୍ଣ୍ଣ ଅଳକ ଅଧୈର୍ଯ୍ୟ ହୋଇ ଉଠିଛନ୍ତି ।

ମହାନଦୀର ବନ୍ଧ ଉପରେ ରିକ୍ସା ଦୁଇଟି ଅଟକି ଗଲେ । ଦେହରେ ମୋର ଚେତା ପଶିଲା । ତଳକୁ ଓହ୍ଲାଇ ଆସି କହିଲି—ଆସ ଦୀପାଳି । ରାସ୍ତା ଶେଷ ହୋଇ ଗଲାଣି... ।

ଅସଂଯତ ପଣତକୁ ଦେହାବୃତ କରି ଆରବରେ ଦୀପାଳି ଓହ୍ଲେଇ ଆସିଲା ତଳକୁ । ପଇସା ଦେଉଁ ଦେଉଁ ମୁଁ କହିଲି—ଯିବା ପର୍ଯ୍ୟନ୍ତ ରିକ୍ସା ଅଟକାଇ ନେଲେ କମିତ ହୁଅନ୍ତା ଦୀପାଳି ?

ସେ ବାଧା ଦେଲା—କୌଣସି ଆବଶ୍ୟକ ନାହିଁ ? ଏତେ ସମୟ ସେମାନେ ରହି ବସିବେ କାହିଁକି ? ଆମେ ଅନ୍ୟ ରିକ୍ସା ଧରିବା ।

କିନ୍ତୁ ଏ ନଗୁଟିଆ ସ୍ଥାନରେ ଆଉ ରିକ୍ସା ମିଳିବ ନାହିଁ ।

କିଛି ଦୂର ଚାଲିଗଲେ ମିଳିବ ତ ?

ମୁଁ ହଁ ଭରି ଦୀପାଳି ମୁହଁକୁ ଅନେଇଲି ।

ଖଗ୍ରବନ ହୋଇ ଆସୁଛି । ଗଭୀର ମହାନଦୀର ଉଚ୍ଛୁଳା ଜଳରାଶି ଆଉ ନାହିଁ । ବନ୍ୟା ପ୍ଲାବିତ ବୁକୁରେ ତାର ଭରି ଉଠିଛି ଧବଳ ସିକତା । ବନ୍ଧଠାରୁ କିଛିଦୂର ଖସି ଆସି ମୁଁ ବସି ପଡ଼ିଲି । ସାମାନ୍ୟ ବ୍ୟବଧାନ ରଖି ବସିଲା ଦୀପାଳି ।

ନଦୀର ଆରପାରିରେ ବୃକ୍ଷଲତାର ଘଞ୍ଚତା । କଳା ଅନ୍ଧକାରର ଲୋମହର୍ଷଣକାରୀ ସଇତାନୀ । ନହାତ ଅସ୍ପଷ୍ଟ କୃଷ୍ଣତାର ଏକ ଘନ ଆବରଣ ବେଢ଼ି ଯାଇଛି । ତାରି ଭିତରେ ହୁଏତ କେତେ କ୍ଲାନ୍ତ ମିଥୁନ-ଡାଳର ପକ୍ଷୀ ଅବ୍ୟକ୍ତ ଭାଷାର ଆଦାନ ପ୍ରଦାନ ପରେ ଆପଣାର ବୁକୁସୁ ଭିତରେ ଘାଲେଇ ପଡ଼ିଥିବେ ଜୀବନକୁ ମଧୁମୟ କରିବା ପାଇଁ । ମଣିଷ ଯଦି ପକ୍ଷୀ ପରି ମୁକ୍ତ ପଥର ଯାତ୍ରୀ ହୋଇ ପାରନ୍ତା ତେବେ ଆପଣାର ବ୍ୟର୍ଥତା ତାର

ଉଷ୍ମ, ଲୁବ୍ଧ ପ୍ରାଣରେ ଇଙ୍ଗିତ ନିଷ୍ଠୁର ପରି ଠୋକର ଦେଇ ପାରନ୍ତାନ୍ତ ।— ବେଦନାରୁ ମୁକ୍ତି ପାଇଲା ପରେ ଭାବାବେଶରେ ଚାହିଁଲା ଦୀପାଲୀକୁ ତୃଷାର୍ତ୍ତ ଦୃଷ୍ଟିରେ ।

ସେ ବି ଚାହିଁଛି ମନେ । ହୁଏତ ମୋ ବେଦନା ସହିତ ତା ବେଦନାର ଏକ ଅଜ୍ଞାତ ସାଲିସ ଚାଲିଚି ଭିତରେ ଭିତରେ । ସେ ମୋହାବିଷ୍ଟ ହୋଇ ପଡ଼ିଛି । କୁଆରିଆ ବୟସ । ଚୈତ ଆଙ୍କେ ଜୋଛ୍ନାର ପ୍ଲାବନ । ଦେହରୁ ପଣତ ଖସି ତଳେ ଲୋଟିଛି । ତଥାପି ସେ ଭାବି ଚାଲିଛି । ଆଶାର ଦୀପ ଜାଳି ଜୀବନର ମଧୁଶଯ୍ୟା ପାଇଁ ସ୍ୱପ୍ନ ଦେଖୁଛି ।

ଦୀପାଲୀ...

ନୀରବ ସେ ।

ଗଳାରେ ଜୋର ଦେଇ ପୁଣି ଥରେ ଡାକିଲା—ଦୀପାଲୀ...

ଚମକି ଉଠିଲା ସେ । ମୁଗ୍ଧା କୁରଙ୍ଗୀପରି ସମ୍ମୋହନ ଦୃଷ୍ଟିରେ ଚାହିଁ କହିଲା — ହୁଁ...

ଯାତନାର ତରଣୀ କେଉଁଠି ଲାଗିଲା ?

ଲାଗିନି, କୂଳକିନାରା ନପାଇ ମଝି ନଈରେ ଲଙ୍ଗର ପକାଇଛି ।

ଓହୋ - ହୁଁ ମୁଣ୍ଡ ବାଂଧୁଥିଲି ପରା !

କମି ଆସୁଛି...

ଦେଖାଅ । ଧୀରେ ଧୀରେ ଚିପିଦେବି—

ଦୀପାଲୀ ହସି ଉଠିଲା ।

ହାତରେ ନା । ଉପରେ ମନରେ କହୁଛନ୍ତି ?

ମନକୁ ଛୁଇଁ ପାରିବା ଭଳି ଶକ୍ତି କ'ଣ ତୁମର ନାହିଁ ?

ଆପଣଙ୍କ ଠାରୁ ଢେର ବେଶୀ ।

ବେଶ୍ ମଥା ଦେଖାଅ...

ଦୀପାଲୀ ପାଖକୁ ଲାଗି ଆସିଲା । ମନ୍ଦ ଜହ୍ନର ଆଲୁଅରେ ଦେଖିଲା ତାର ସ୍ୱଚ୍ଛ ମୁହଁଟି ଫୁଟି ଉଠିଛି ଏକ ଅନବଦ୍ୟ ଶୋଭାରେ ।

ମିନତି ଭରା ଦୃଷ୍ଟିରେ ନୀରବ ଅଭିବ୍ୟକ୍ତି । ମଥାକୁ ତାର ଧୀରେ ଧୀରେ ଗ୍ରୀବା ଉପରକୁ ଆଉଜାଇ ଆଣିଲି ।

ମୁଁ ତା ମଥାରେ ମୃଦୁସ୍ପର୍ଶ ଦେଉଥିଲାବେଳେ ଦୀପାଳୀ ଚାହିଁଥିଲା ବାଦଲମୁକୁଳା ଆକାଶ ଆଡ଼କୁ । ମନଭରି ଉପଭୋଗ କରୁଥିଲା ଦୁଇଟି ବ୍ୟାକୁଳ ହୃଦୟର ଚଞ୍ଚଳ ମଧୁରବୋଳା ପରଶ । କେତୋଟି ମୁହୂର୍ତ୍ତ ପରେ ସେ ମୋ ହାତକୁ ଚାପିଧରି କହିଲା—ଆଃ ! ମୋର ବ୍ୟଥା କମି ଗଲାଣି । ଆଉ ଦରଦ ନାହିଁ ।

ସସ୍ନେହ କଣ୍ଠରେ ମୁଁ ପଚାରିଲି—ଏତେଶୀଘ୍ର କମି ଗଲାନା ?

ସତେ ବିଜୁବାବୁ, ଆପଣଙ୍କ ହାତରେ କି ମନ୍ତ୍ର ଅଛି କେଜାଣି ମୋ ମଥାରେ ହାତ ଦେବା ମାତ୍ରେ ବ୍ୟଥା କେଉଁଆଡ଼େ ଉଭେଇ ଗଲା । ଆପଣ କ'ଣ କମିଆ ଜାଣନ୍ତି ?

ଏ କମିଆର ଶିକ୍ଷାଦାତ୍ରୀ ତୁମେ ନିଜେ ଦୀପାଳି !

ଧେତ୍ ଦୁଷ୍ଟ । ସତେମ, ଆପଣଙ୍କ ହାତ ଲାଗୁ ଲାଗୁ ମୋର ସବୁ ବ୍ୟଥା ହଠାତ୍ କମି ଗଲା । ଆଉ କ'ଣ କାହା ହାତରେ ଏତେ ଶୀଘ୍ର କମି ଥାଆନ୍ତା ।

ମୁଁ ହସିଲି !

ଦୀପାଳୀ ମୋ ହସକୁ ସମର୍ଥନ କରି ହସି ଉଠିଲା । ଆଉ ଟିକିଏ ନିକଟକୁ ଲାଗି ଆସି ହସବୋଳା କଣ୍ଠରେ କହିଲା—ସତେ ବିଜୁବାବୁ ତୁମେ ଖୁବ ଭଲ....

ଚମକି ଉଠିଲି ମୁଁ । ଦୀପାଳୀ ତୁଣ୍ଡରେ 'ତୁମେ'ଶବ୍ଦର ଉଚ୍ଚାରଣ ଏଇ ପ୍ରଥମ । କିନ୍ତୁ ସେଇ 'ତୁମେ' ସମ୍ବୋଧନ ଭିତରେ କି ମୋହ ସେ ସାଇତି ରଖିଥିଲା କେଜାଣି ମୁଁ କ୍ଷଣକ ପାଇଁ ନିଜକୁ ବି ପାଶୋରି ପକାଇଲି । ତା କଣ୍ଠନିଃସୃତ 'ତୁମେ' କି ମଧୁର, କି ଆକର୍ଷଣମୟ । ନିତିପ୍ରତି କେତେ ଯୁବକ ଯୁବତୀଙ୍କ କଣ୍ଠରୁ ମୁଁ ଏଇ ସମ୍ବୋଧନଟି ଶୁଣେ । କାହିଁ କାହାରି ଡାକରେ ତ ମନ ପୂରେନି । ସେ 'ତୁମେ' ରେ ପ୍ରାଣ ନ ଥାଏ—ସରସତା ନ ଥାଏ । କିନ୍ତୁ ଆଜିର ଏ 'ତୁମେ' ଡାକଟି ମୋ ହୃଦୟର

ପ୍ରତ୍ୟେକ ଉକ୍ତି ଭିତରେ କୋଟି ଯୁଗର ବେପଥୁ ଭରି ଦେଇଛୁ । ତାରି ମାଧ୍ୟମରେ ମୁଁ ପାଇଛୁ ଜୀବନର ଏକ ବିରାଟ ନୂତନତା—ବଞ୍ଚିବାର ସରସ ଉପାଦାନ ।

—ପୁଣି ଭାବ ବସିଲେ ନାଁ ? ଦୀପାଳି କୁଆଁଳିଆ କଣ୍ଠରେ କହିଲା । ଚେତନା ଆସିଲା ମୋ ଦେହରେ ।

—ନା ଆଉ ଭାବିବି କ'ଣ ? ଭାବୁଥିଲି ତୁମରି କଥା । ତୁମର ଏ ନୂଆର [illegible]ଷୁବ୍‌ଧ ଦେହ—ଗୋଲାପି ହସବୋଳା ମୁହଁ—ସବୁ ମୋ ଆଖିରେ ସୁନ୍ଦର ।

ହଉ—ପ୍ରଶଂସା ସେତିକି ଥାଉ । ଗୋଟିଏ କଥା ପଚାରିବି କହିବ !

—ପଚାର ।

ଗୁମ୍ ମାରି ଦୀପାଳୀ ଦଣ୍ଡେ କ'ଣ ଭାବିଲା । ହଠାତ୍ ତ୍ରସ୍ତା ହରିଣୀ ପରି ମୋ କୋଳରୁ ମୁକୁଳି ଯାଇ କହିଲା—ନାଁ, ଆଜି ନୁହେଁ । ଆଉଦିନେ ପଚାରିବି । ଚାଲନ୍ତୁ ଯିବା ।

ମନ୍ତ୍ରମୁଗ୍‌ଧ ପରି ମୁଁ ଉଠି ଠିଆହେଲି ।

*
*   *
*

ତିନି ଦିନ ପରେ ଆଜି କଟକ ଫେରିଛୁ । ଭୁବନେଶ୍ବରର ସାଂସ୍କୃତିକ ଅନୁଷ୍ଠାନରେ ପ୍ରଧାନ ବକ୍ତା ରୂପେ ନିମନ୍ତ୍ରିତ ହୋଇ ମୋତେ ଯିବାକୁ ହୋଇଥିଲା । ନିଜ ଇଚ୍ଛାରେ ଯାଇନ । ନଯିବା ପାଇଁ ଆପ୍ରାଣ ଚେଷ୍ଟାକରି ଶେଷରେ ହତାଶ ହେଲି । କେତେ ପ୍ରକାର ଅଭାବ ଅସୁବିଧାର ଛଳନା ଦେଖାଇ ରହିଯିବା ପାଇଁ ଲାଗିପଡ଼ିଥିଲି । ତଥାପି ରହି ପାରିଲିନ ?

ସେଦିନ ଦୀପାଳୀକୁ ବସାରେ ଛାଡ଼ି ଫେରିଲାବେଳକୁ ରାତି ବାରଟା ହୋଇ ଯାଇଥିଲା । ବଡ଼ କ୍ଳାନ୍ତ ବୋଧ କରୁଥିଲି । ବିଛଣା ଛୁଇଁବା କ୍ଷଣି ନିଦ ଆସିଗଲା ।

ଠିକ୍ ଭୋର । ଗ୍ରୀଷ୍ମାଶୀତଳ ବିଦାୟୀ ପବନ ଧରି ଯେତେବେଳେ ମୋର ତନ୍ଦ୍ରା ଭରେର ଆତ୍ମା ସ୍ୱପ୍ନକାନନର ସପନ ଭିତରେ ଖେଳି ବୁଲୁଥିଲା, ଠିକ୍ ସେତିକିବେଳେ ଜିପ୍ ଧରି ମୋ ଦ୍ୱାରରେ ପିଆଦା ପହଞ୍ଚିଲେ ମୋତେ ଭୁବନେଶ୍ୱର ପାଗ୍ରେଣ୍ଟି ନେବା ପାଇଁ ।

ବାଧ୍ୟ ହୋଇ ବାହାରିଲି । ଦୀପାଳୀ ଓ ମାଉସୀଙ୍କୁ ଏ ଖବର ଦେବା-ପାଇଁ ମୁହୂର୍ତ୍ତେ ମଧ୍ୟ ସମୟ ପାଇ ପାରିଲିନି । ସେମାନଙ୍କୁ ନିଜର ଦୁର୍ବଳତା ଦେଖାଇ ଦୀପାଳୀ ପର୍ଯ୍ୟନ୍ତ ଯିବାପାଇଁ ଅନୁମତି ଆଣିବାଟା ମୁଁ ଜମାରୁ ପସନ୍ଦ କରି ପାରିଲିନି । କମିତି ବା କରନ୍ତି ? ମୁଁ ବୁଝେଁ, ମୋର ମମତାର ଗ୍ରନ୍ଥି ଯଦି ବାସ୍ତବ ଆକାଶରେ ମୁଣ୍ଡ ଟେକିବା ପାଇଁ ସମର୍ଥ ହୋଇ ନ ପାରିଲା ତେବେ ଝଂସ ଫୁଲ ପରି ନୀରବରେ ଝରି ଯାଉ ପଛେ, ଦୁନିଆ ନ ଚିହ୍ନୁ ତାକୁ । ତା'ର କଲଙ୍କରେ କେହି ବି ମୁଖର ହୋଇ ନ ଉଠୁ । ସେଇ ମୋର ଆନନ୍ଦ, ସେଇ ମୋର ଗର୍ବ । ଭଲ ପାଇବା ପରି ପବିତ୍ରତାକୁ ପଦାରେ ପକାଇ ତାରିଫ୍ ନେବାପରି ନିଚତା ମୋ ଉନ୍ନତ ମନକୁ କଳୁଷିତ କରି ପାରିନି । ଭଲ ପାଇବା'ର ଦୋହାଇ ଦେଇ ଏକ ସରଳ କୋମଳ ତରୁଣୀର ସ୍ନେହ-ସୋହାଗକୁ ପାଦରେ ଦଳି ମକଚି ବାହାରକୁ ଫିଙ୍ଗି ଦେଇ ତାକୁ ଦୁନିଆଁ ଦାଣ୍ଡରେ ଅବହେଳିତା ଓ ଲାଞ୍ଛିତା କରିବା ଭଳି ଅନ୍ୟାୟକୁ ନିଜେ ସୃଷ୍ଟିକର୍ତ୍ତା ମଧ୍ୟ କ୍ଷମା ଦେଇ ପାରିବେନି । ଇମିତି ଏକ ବଦ୍ଧଧାରଣା ମନରେ ଧରି ମୁଁ ଦୀପାଳୀକୁ ଖବର ଦେବାର କୌଣସି ଉପାୟ ସ୍ଥିର କରି ପାରି ନ ଥିଲି ।

ତିନୋଟି ଦିନ କଟାଇଛି ଭୁବନେଶ୍ୱରରେ । ଗୋଟାଏ ଯନ୍ତ୍ର ପରି ନିଜର ରୁଟିନ୍‌ଗତ କର୍ତ୍ତବ୍ୟ କରି ଯାଉଥାଏ ଯାହା କିନ୍ତୁ ମୋର ମନଟା ମୋ ଭିତରେ ନ ଥାଏ । ଖାଇବାରେ ଶାନ୍ତି ପାଏନି...ଶୋଇବାରେ ତୃପ୍ତି ପାଏନି...କିଛି ଗୋଟାଏ କହିବାରେ ସ୍ପୃହା ବି ନ ଥାଏ ମୋଠିଁ ? ସବୁବେଳେ ମନଟା ନିଘୁଞ୍ଚିଆ ଲାଗୁଥାଏ । ସତେ ଯିମିତି କେତେ କ'ଣ ହଜାଇ ଦେଇ ବସିଛି ।

ନିଶ୍ୱାସର ଉଷ୍ମତା ଭିତରେ ଛନୋଟି ଦିନ ପାହିଗଲା । ଆଗକୁ ଆହୁରି ସ୍ୱଳ୍ପଦିନ । ଆଉ ଧୈର୍ଯ୍ୟ ଧରି ପାରିଲିନି । ବହୁତ ଅନୁନୟ ବିନୟ ହୋଇ ଫେରି ଆସିଛି ଆଜି ।...

ରକ୍ତିମ ସୂର୍ଯ୍ୟଙ୍କର ଗୋଧୂଳି ଆଲୁଅ ଧରି ଟ୍ରେନ ଲାଗିଲା କଟକର ଦୁଇ ନମ୍ବର ପ୍ଲାଟଫର୍ମରେ । ବସାକୁ ନ ଯାଇ ସିଧା ମାଉସୀଙ୍କ ଘର ପର୍ଯ୍ୟନ୍ତ ଖଣ୍ଡେ ରିକ୍ସା ଧରିଲି ।

ଗଡ଼ାଏ ବାଟ । ଜନ ଗହଳି କାଟି ରିକ୍ସା ଛୁଟିଛି ତୀବ୍ର ବେଗରେ । ମନର ବେଗ କିନ୍ତୁ ଆହୁରି ଗତିଶୀଳ ହୋଇଛି । ମୁଁ ଭାବି ଚାଲିଛି କେତେ କ'ଣ...।

ରିକ୍ସା ରହିଲା । ମାଉସୀଙ୍କ ଦରଜା ମୁକୁଳା ପଡ଼ିଛି । ଭିତରକୁ ପଶିଲି । ବାହାର ଆଡ଼କୁ ପିଠି କରି ଦୁଆର ଅଗଣାରେ ଖଣ୍ଡେ ଟୁଲ ପକାଇ ବସିଛି ଦୀପାଳୀ । ଦେହର ସଫେଦ ଧଳାସିଲ୍କ ଶାଢ଼ୀ ଖଣ୍ଡିକ ଅସ୍ତାୟମାନ ସୂର୍ଯ୍ୟଙ୍କର ନିଖୁଣ ପ୍ରତିଛବିରେ ଚକ୍ ଚକ୍ କରି ଉଠୁଛି । ଘନ ମୁକୁଳା କେଶଗୁଚ୍ଛ ଲୋଟି ପଡ଼ିଛି ଚକ୍ କଣ ଭୂଇଁରେ । ସେ କୌଣସି କାମରେ ମନପ୍ରାଣ ଅଜାଡ଼ି ଦେଇଛି ।

ଧୀରେ ଆଉ ଦୁଇପାଦ ଆଗେଇ ଗଲି । ଫ୍ରେମ ଦିଆ ଖଣ୍ଡେ ଅଧା ତିଆରି ରୁମାଲ ଶେଷ କରିବାରେ ସେ ଲାଗି ପଡ଼ିଛି । କାହାପାଇଁ ତାର ଏ ଉତ୍ସାହ । କାହା ପାଇଁ ତାର ଏ ପ୍ରେମର ନିବେଦନ ! ମୋ ପାଇଁ ନୁହେଁ ତ ? ହୋଇଥିବ । ଦିନଦିନ ଓ ରାତ୍ରିର ନୀରବ ଅନୁଭୂତିକୁ ଚିରଦିନ ମନ ଭିତରେ ସାଇତି ରଖିବାପାଇଁ ସେ ହୁଏତ ତା ହୃଦୟର ଶ୍ରେଷ୍ଠ ଉପହାର ଏଇ ରୁମାଲ ଖଣ୍ଡିକ ଦେଇପାରେ ମୋତେ ।

ଡ଼ି. ଏମ୍. ସି. ସୂତାର କୁଞ୍ଚିତ ବର୍ଡରଟି ରୁମାଲର ଚାରି ପାଖରେ ବେଢ଼ି ରହିଛି । ଆଉ ଟିକିଏ ଆଗକୁ ଉହୁଙ୍କି ପଡ଼ି ଚାହିଁଲି । ଧଳାକନାର ଗୋଟିଏ କୋଣରେ ସୁନ୍ଦର ଫୁଲଟିଏ ଫୁଟାଇଛି ସେ । ଅତି ଦକ୍ଷ ହାତର କାମ ପରି ନିର୍ଖୁଣ ଭାବରେ ଫୁଟିଛି । କଳ୍ପନା ବି ମନ୍ଦ ନୁହେଁ । ବହୁତ ଚିନ୍ତା କରି ଫୁଲଟି ଆଙ୍କିଛି ବୋଧହୁଏ । ଗୋଟିଏ ଅର୍ଦ୍ଧ ପ୍ରସ୍ଫୁଟିତ

ଗୋଲାପ ଫୁଲ । ପ୍ରଜାପତିଟିଏ ଉଡ଼ୁଛି ଉପରେ । ଅଙ୍କନଟି ରଙ୍ଗିନ୍ ସୂତାର ସିଲଇରେ ବଡ଼ ଚମତ୍କାର ମାନୁଛି ଆଖିକୁ । ତାର ଠିକ୍ ତଳକୁ ଛୋଟ ଅକ୍ଷରରେ ଦୀପାଳୀ ଆଂକ ଦେଇଛି ମୋର ନାମ । ସବୁ କାମ ଶେଷ ହୋଇ ଗଲାଣି । କେବଳ ନାମର ଶେଷ ଅକ୍ଷରଟି ବାକି ଅଛି । ତାକୁଇ ସାରିବାରେ ଲାଗି ପଡ଼ିଛି ସେ ।

ଆଖି ଦୋଟି ଧୀରେ ମୁଦ୍ଦ ଧରିଲି ପଛ ପଟୁ । ସାଙ୍ଘାତିକ ଭାବରେ ଚମକି ଉଠିଲା ଦୀପାଳୀ । ପରକ୍ଷଣରେ ମୋ ହାତଟାକୁ ଛୁଆଁଡ଼ି ଦେଇ ଛିଟିଗଲା ଦୂରକୁ । ଆହତ ଫଣିନୀ ପରି ଗର୍ଜି ଉଠି କହିଲା—ବଜାର ! ଭଦ୍ରାମି ଜ୍ଞାନ କ'ଣ ତୁମର ଜମାରୁ ନାହିଁ ? ଏପରି ଅତର୍କିତ ଭାବରେ ଅଭଦ୍ରଙ୍କ ପରି ଆଖିକୁ ଚୁପି ଧରିବା କେବେଠୁଁ ଶିଖିଲ ?

ଡରିଗଲି ପରା ! ଆଚ୍ଛା, ମାଉସୀ କାହାନ୍ତି ?

ସେମିତି ଚଢ଼ା ଗଳାରେ ସେ ଉତ୍ତର ଦେଲା—କାହାର ଯିବା ଆସିବା ଖବର ନେବା କାମ ମୋର ନୁହେଁ । ତୁମର ଯଦି ଆବଶ୍ୟକ ଅଛି ଅପେକ୍ଷା କର । ନଚେତ୍ ଚାଲିଯାଅ ।

—ରାଗ କରୁଛ ନା ଦୀପାଳୀ ! ସୋହାଗ ଭରା ଗଳାରେ କହିଲି ।

ସେ ଫାଜିଲାମି ରଖି ଦେଇ ଭଦ୍ର ପରି କଥାବାର୍ତ୍ତା କର !

ଦୀପାଳୀ—ସାମାନ୍ୟ ଲାଗି ଆସିଲି ମୁଁ ।

ସେ ଦୁଇ ପଦକ୍ଷେପ ପଛକୁ ହଟି ଯାଇ କହିଲା—ଇମିତି କ'ଣ ହେଉଛ ? ନିଛାଟିଆ ଘରେ ଜଣେ ଭଦ୍ର ଯୁବତୀ ସହିତ ଠିଆ ହୋଇ ଅଶ୍ଳୀଳତା ଦେଖାଇବାର ଅଧିକାର କିଏ ଦେଲା ତୁମକୁ ?

ଦୀପାଳୀର ଅଶାଣିତ ଆଘାତରେ ଆହତ ହୋଇ ଉଠିଲି ମୁଁ । ଏପରି ନିଷ୍ଠୁରତା କ'ଣ ତାର ଅନ୍ତରର କଥା । ଦିନ କେଇଟା ଭିତରେ ସେ ବଦଳି ଯାଇଛି । ଭଲ ପାଇବାର ଆଳରେ ଛଳନା କରୁଥିଲା ସେ । ମନ କଥା ଚାପି ରଖି ପଚାରିଲି—କ'ଣ ହୋଇଛି ଦୀପାଳୀ ?

—କିଛି ହୋଇନି, ମୁଁ ବେଶ୍ ଭଲ ଅଛି ।

ଏ କ'ଣ ତୁମର ଅନ୍ତରର କଥା ? ତାର ହୃଲ୍ଲୋଳର ଘଟେତକୁ ଆବେଗରେ ଚୁପି ଧରିଲି । କିନ୍ତୁ ଝଣ୍ଟୁ ପରି ଟାଣି ନେଲି ସେ ।

ଏ କ'ଣ ? ବେଶ୍...ତୁମେ ତେବେ ଥାଅ ମୁଁ ଯାଉଛି । ଏପରି ଅଶ୍ଳୀଳ ବ୍ୟବହାରପାଇଁ ବାସ୍ତବିକ୍ ମୁଁ ବଡ଼ ଲଜ୍ଜିତ । ଦୀପାଳୀ ଆଗକୁ ପାଦ ବଢ଼ାଇଲା । ମୁଁ ବାଧା ଦେଲି ।—ଅପେକ୍ଷା କର ଦୀପାଳୀ । ତୁମର ଯିବା ଦରକାର ନାହିଁ । ବରଂ ମୁଁ ଚାଲି ଯାଉଛି । ଅନୁଭୂତ ମୋର ଠିକ ହୋଇଛି । ଅନେକ ଦିନ ମନେ ରହିବ । ମୋ ଗରିବ କୁଟୀରକୁ ଫେରିଯିବି ମୁଁ । ତୁମେ ଯିବ କାହିଁକି ? ଘର ତୁମର—ମାଉସୀ ତୁମର—ମୋର ବାଂକଏ ଅଛି ?

ବେଦନା ଭରା ମୁହଁରେ ଆଖିକୁ ଟୁଲୁ ଟୁଲୁ କରି ମୁଁ ଚାଲି ପଡ଼ିଲି ଯିବାପାଇଁ । ଏବୁଣ୍ଡି ବଂଧ ଝପି ଗୋଟାଏ ପାଦ ଆଗକୁ ବଢ଼ାଇଛି ହଲ୍କା ପରି ଦୀପାଳୀ ଧାଇଁ ଆସି ମୋତେ-ଜାବୁଡ଼ି ଧରିଲା !

ରାଗି କରି ଚାଲି ଯାଉଛ କାଁ !

ଯିବାପାଇଁ ଆଦେଶ ଦେଇଛ ଯେ ତୁମେ ।

ଦୀପାଳୀ ଆଖିରେ ପଶ୍ଚାତାପର ଅଶ୍ରୁଧାରା—ମୁହଁରେ ଅତୃପ୍ତିର ଜ୍ୱାଳା—ବକ୍ଷରେ ଭରା କୋହର ପ୍ଳାବନ । ଜମ୍ ଆଶ୍ଚର୍ଯ୍ୟ ହେଲିକି ମୁଁ ।

କାହିଁକି କାନ୍ଦୁଛ ଶୁଣେ ?

ସାରା ଜୀବନ ମୋତେ ଏମିତ କାନ୍ଦି କାନ୍ଦି ମରିବାକୁ ହେବ । ମୋତେ କନ୍ଦାଇବା ପାଇଁ ତୁମର ଜନ୍ମ ।

ଦୀପାଳୀ...

ତୁମପରି ନିଷ୍ଠୁରକୁ ଭଲ ପାଇ ମୁଁ ଯେଉଁ ଭୁଲ କରି ବସିଛି, ସେଇ ଭୁଲ ମୋତେ ଜାଳି ପୋଡ଼ି ନିଃଶେଷ କରି ଦେବ । ତୁମର ସବୁ କଥା କେବଳ ଛଳନା ଭରା ।

ମୋର କ'ଣ ଭୁଲ ହୋଇଛି ଦୀପାଳୀ ?

ଗଳା ଉଜନଦନ ଧରି ମୋତେ ଜ୍ୱର । ଦୁର୍ବଳଭାବରେ କଇଁଶାରୁ ଉଠି ପାରି ନଥିଲି । କେତେ ଖୋଜିଛି ତୁମକୁ । ଆକୁଳ ସ୍ୱରରେ କେତେ

ପଚାରୁଛୁ ମାଉସୀଙ୍କୁ । ଡିନଅର ରାଧା ଯାଇ ଫେରୁଛୁ ତୁମ ବସାରୁ । ଚୁହିଁ ଚୁହିଁ କି ଆସିଲନି । କେମିତି ରହି ପାରିଲ ଲୁହିତ ! ନିଷ୍ଠୁର !

ଦୁଇ ହାତରେ ତାର ମୁହଁଟିକୁ ଟେକି ଧରି କହିଲି—ନିଷ୍ଠୁର ମୁଁ ନୁହେଁ ପାପାଲୀ, ନିଷ୍ଠୁର ତୁମେ । ମୋ ଛାତି ଫାଡ଼ି ଯଦି ଦେଖି ପାରନ୍ତ ଥରେ ତେବେ ବୁଝନ୍ତ କେତେ ଦରଦ ତା ଭିତରେ ସାଇତି ରହିଛି ତୁମ ପାଇଁ; କିନ୍ତୁ ତୁମେ ହୃଦୟହୀନା ପରି ଆହତ କରି ଜାଣ, ନିଷ୍ଠୁରୀ ପରି ଘନ୍ତ ତଡ଼ି ଦେଇ ବି ଜାଣ ।

ପାଗଳୀ ପରି ପାପାଲୀ ମୋ ଗଳାକୁ ଅତି ନିବିଡ଼ ଭାବରେ ଜାବୁଡ଼ି ଧରିଲା । ସେତେବେଳକୁ ମୋର ପ୍ରତ୍ୟେକ ଶିରାପ୍ରଶିରା ଅବଶ ହୋଇ ଆସୁଥିଲା ।

ବାହାରୁ ମାଉସୀଙ୍କ କଣ୍ଠ ଶୁଭିଲା—ପାପାଲୀ···

ଦୁହେଁ ସଂଯତ ହୋଇ ଉଠିଲୁ । ହେଲେ ଉଷ୍ଣରକ୍ତର ଉଦ୍ଦାମ ପ୍ରବାହ ସେତେବେଳକୁ ଶୀତଳ ଧରି ନ ଥିଲା । ମାଉସୀ ହଠାତ୍ ଆମ ଦୁହିଁଙ୍କୁ ଏପରି ଏକ ପରିସ୍ଥିତିରେ ଦେଖିନେଇ ଅଟକି ଗଲେ । ମୁହୂର୍ତ୍ତେ ନୀରବ ରହି ଅବସ୍ଥାକୁ ସମ୍ଭାଳି ନେବାପାଇଁ କହିଲେ—କେତେବେଳେ ଆସିଲୁ ବାବୁ ?

ଏଇ ବର୍ତ୍ତମାନ ଆସି ପହଞ୍ଚିଲି ।

ପାପାଲୀ ତୁମ ଉପରେ ରାଗିଥିଲା ଭୀଷଣ । କ'ଣ 'ମାଉଣ୍ଟେନ ଟପ୍' ବୋଲି କହୁଥିଲା ।

ମାଉଣ୍ଟେନ ଟପ୍ ? ବାବା ହୋଇ ପଚାରିଲି ।

ତା ମାନେ ପାପାଲୀକୁ ପଚାର । ହୁଏତ କିଛି ସଙ୍କେତ ଥିବ ।

ମୁଁ ପାପାଲୀ ଆଡ଼କୁ ଚାହିଁଲି ।

ସାମାନ୍ୟ ହସି ପାପାଲୀ କହିଲା—'ମାଉଣ୍ଟେନ୍ ଟପ୍' ଅର୍ଥ ବୁଝି ନାହାନ୍ତି ? ମାନେ, ମାଉଥ୍ ଷ୍ଟପ୍ । ଆଉ ସରଳ ଓଡ଼ିଆରେ—ପାଟି ବନ୍ଦ—ଅପଡ଼ ।

ଏ ଚାଇନା ବଜାର ଇଂଲିସ୍ କେଉଁଠୁ ଶିଖିଲ ?

ତୁମ ସାଥୀରେ ଯେଉଁଠୁ ପରିଚୟ । ମାଉସୀ ଆଗରେ ମଧ୍ୟ ଲଜ୍ଜାସ୍ମିତ ଭାବରେ ପାପାଲୀ ଖିଲ୍ ଖିଲ୍ ହୋଇ ହସି ଉଠି ପଳାଇଗଲା ।

ମାଉସୀ ମୋତେ ଉତ୍ତରକୁ ଡାକି ନେଲେ । କୌଣସି ଏକ ଗୁରୁତର ବିଷୟର ସମାଧାନ ଲାଗି ସେ ଯେମିତି ଚିନ୍ତିତ । ସାମାନ୍ୟ ଗମ୍ଭୀର ହୋଇ ହଠାତ୍ କହିଲେ—ମୁଁ କେଉଁଠିକି ଯାଇଥିଲି ଜାଣ ବିଜୁ !

ନା—

ଶିପାଲୀର ଠାକୁର ମା' ମୋତେ ଡକାଇଥିଲେ । ଗୋଟାଏ ଗୁରୁତର ବିଷୟ ଆଲୋଚନା ଚାଲିଥିଲା । ସମାଧାନ ହୋଇ ପାରିଲାନି କିଛି । ଅଚ୍ଛା ବିଜୁ···ଶେଷରେ ଢେପ ଢୋକି ସେ କହିଲେ—ତୁ ଶିପାଲୀକୁ ଭଲ ପାଉ ?

ଭୟରେ ଚମକି ଉଠିଲି ମୁଁ ।

ମୋ ପାଖରେ ଭୟ କରିବାର କୌଣସି କାରଣ ନାହିଁ । ବରଂ ତତେ ମୁଁ ସାହାଯ୍ୟ କରିବି ।

ଭଲକୁ ମୁହଁ ପୋତି କହିଲି—ଆପଣ କ'ଣ ଜାଣନ୍ତି ନାହିଁ ?

ଜାଣେ, ସବୁ ଜାଣେ । କିନ୍ତୁ ବର୍ତ୍ତମାନ ଏକ ସମସ୍ୟା ଦେଖା ଦେଇଛି । ତୁମେ ଓଡ଼ିଆ, ଶିପାଲୀ ବଙ୍ଗାଳୀ । ତୁମ ଦୁଇ ଜଣଙ୍କର ବିବାହକୁ ତୁମ ବାପା କ'ଣ ସମର୍ଥନ କରିବେ ?

ଆପଣ ହଠାତ୍ ସେ ପ୍ରଶ୍ନ ଉଠାଇଲେ କାହିଁକି ?

ଏଇ ବିଷୟରେ ଆଲୋଚନା କରି ମୁଁ ବର୍ତ୍ତମାନ ଫେରୁଛି । ଶିପାଲୀର ବିବାହ ପ୍ରସ୍ତାବ ନେଇ ତାର ଜଣେ ଆତ୍ମୀୟା ଆଜି କଲିକତାରୁ ଚିଠି ଦେଇଛନ୍ତି । ଗୋଟିଏ ବଙ୍ଗାଳୀ ପାତ୍ର ସେ କଲିକତାରେ ଠିକ କରି-ଛନ୍ତି । ହୃଷ୍ଟପୁଷ୍ଟ ଯୁବକ—ବେଶ୍ ଶିକ୍ଷିତ ଓ ଧନୀ ।

ଶିପାଲୀ ଠାକୁର ମା'ଙ୍କର ଏ ସମ୍ପର୍କରେ ମତ କ'ଣ ?

ତାଙ୍କ ପରି ଉଦାର ଲୋକ ଖୁବ୍ କମ୍ ପାଇବ ବିଜୁ । ସେ ଚାହାନ୍ତି ଶିପାଲୀ ନିଜ ଇଚ୍ଛାରେ ପତି ବରଣ କରିବ । ତୁମ ଦୁହିଁଙ୍କର ସ୍ନେହ ମମତା ସେ ବେଶ୍ ଠଉରାଇ ପାରିଛନ୍ତି ଆଉ ତାଙ୍କର ଆନ୍ତରିକ ଇଚ୍ଛା ଶିପାଲୀ ତତେ ବିବାହ କରୁ । ତାଙ୍କର ତ ଅଭାବ ଓ ଅନାଟନର ଜୀବନ ନୁହେଁ ଯେ ଖୁବ ଧନୀ ଘରେ ବନ୍ଧୁ ବାନ୍ଧିବାକୁ ମନ ବଳାଇବେ !

ବର୍ତ୍ତମାନ ଦୀପାଳୀ ନାମରେ ଅଜସ୍ର ଟଙ୍କା ବ୍ୟାଙ୍କ୍‌ରେ ଜମା ଅଛି । ଆଉ ସେ ବା କେଉଁ ଲୋଭରେ ଧନୀ ଘରକୁ ମନ ବଳାଇବେ ? ଦୀପାଳୀ ଯେଉଁଠି ସୁଖୀ ହେବ ସେଇଠାରେ ହିଁ ତାର ବିବାହ ହେବ । ତାର ସ୍ୱାଧୀନତା ଉପରେ କେହି ହାତ ଦେବେନି । କିନ୍ତୁ, ତୋ ବାପା କ'ଣ ଏ ପ୍ରସ୍ତାବରେ ରାଜି ହେବେ ?

ଆପଣଙ୍କର ଯଦି ମୁଁ ପୁଅ ହୋଇ ଥାଆନ୍ତି, ତେବେ ଆପଣ ମୋ ପାଇଁ କି ବିଚାର କରିଥାନ୍ତେ କୁହନ୍ତୁ ତ !

ମୋ କଥା ବାଦ ଦିଅ ବିଜୁ, ମୁଁ ଯାହା କରି ଥାଆନ୍ତି, ତମ ବାପା ସେ ସେ କଥାକୁ ସମର୍ଥନ କରିବେ ଏ ବିଶ୍ୱାସ କାହିଁକି କରୁଛୁ ? ଗୋଟାଏ କଥା ଦେଖ ବିଜୁ, ଯେଉଁ ପୁଅ ଝିଅକୁ ଏତେ ଆଦର ଦେଇ ପିଲାଟି ଦିନରୁ ବାପ ମା ବଢ଼ାଇ ଆଣି ଥାଆନ୍ତି, ସେମାନେ ଶେଷରେ ଯଦି ଅଳୀକ ଆଭିଜାତ୍ୟ ଓ ଗର୍ବରେ ଅନ୍ଧ ହୋଇ ସେମାନଙ୍କର ମନ କଥା ନ ବୁଝିଲେ, ତେବେ ସେମାନେ ପୁଅ ଝିଅଙ୍କର ବା କି ହିତାକାଂକ୍ଷୀ ? ଏ ବଡ଼ଲୋକୀ ଗର୍ବରେ ବା ଲାଭ କଣ ? ବରଂ ମଣିଷର ଲକ୍ଷ୍ୟକୁ ସେ ଗର୍ବ ପଙ୍କିଳ କରି ପକାଏ । ପହିଲି ଜୀବନରେ ମଣିଷ ଯାହାକୁ ଥରେ ଭଲ ପାଏ ତାକୁ ସେ ସାରା ଜୀବନ ବ୍ୟାପି ଭୁଲି ପାରେନା । ପ୍ରଣୟର ଅର୍ଥ କେବେ ଲଭେନ—ଲଭିବାର ନୁହେଁ ସେ । କିନ୍ତୁ ଆଭିଜାତ୍ୟରେ ଅନ୍ଧ ବାପ ମା ଜୋର କରି ଦୁଇଟି ପରିଚିତ ପ୍ରାଣର ବନ୍ଧନ ତୁଟାଇ ଦେଇ ଅନ୍ୟ କେଉଁ ଅଜ୍ଞାତ ଅପରିଚିତ ଓ ଅପରିଚିତା ସାଥୀରେ ଜୋଡ଼ି ଦେଇ ଯେଉଁ ଅନ୍ୟାୟ କରି ବସନ୍ତି, ସେଥିରେ ସେମାନେ କାଳ କାଳକୁ ଝିଅ ପୁଅଙ୍କର ଜୀବନକୁ ପୋଡ଼ି ଜାଳି ପକାନ୍ତି ସିନା । ସେତେବେଳେ କେଉଁଆଡ଼େ ଯାଏ ସେ ଅଳୀକ ଆଭିଜାତ୍ୟର ଗର୍ବ ? ହେଲେ ତୋ ବାପା କ'ଣ ଏକଥା ବୁଝିବେ ବିଜୁ !

କଣ୍ଠରେ ଦୃଢ଼ତା ଆଣି କହିଲି—ବାପା ହୋଇ ଯଦି ପୁଅର ଅନ୍ତର ନ ବୁଝି ପାରିଲେ ତେବେ ମୁଁ ବାଧ୍ୟ ହୋଇ ଘର ଛାଡ଼ିବି । ମୋର ଧନ ସଂପତ୍ତି ଲୋଡ଼ା ନାହିଁ ମାଉସୀ । କିନ୍ତୁ ଦୀପାଳୀକୁ ଭୁଲିଯାଇ ପାରିବି ନି କେବେ ହେଲେ ।

ଛି, ବିନୁ, ଏପରି କଥା ତୁମ ତୁଣ୍ଡରେ ଶୋଭା ପାଏନା । ପାଠଶାଠ ପଢ଼ି ମଣିଷ ହୋଇଛ କ'ଣ ଘର ଭାଙ୍ଗିବାକୁ ? ସାମାନ୍ୟ ଦୁର୍ବଳତା ନେଇ ତୁମ ବାପାଙ୍କ ଆଖିରେ ଲୁହ ଆଣିବ ନା ?

କ'ଣ କରିବି ମାଉସୀ । ମୁଁ ନାଚାର...

ମାଉସୀ ହସିଲେ । ଅଚ୍ଛ ଓଜନଥା ସେ ହସ । —ବାପାଙ୍କୁ ବୁଝାଅ, ଅନୁନୟ ବିନୟ କର । ଜନ୍ମ ଦେଇଛନ୍ତି ସେ । ନିଶ୍ଚୟ ବୁଝିବେ ତୁମ ମନ କଥା ।

ସେତେବେଳକୁ ଲୁହରେ ମୋ ଆଖି ସଜଳ ହୋଇ ଉଠିଥିଲା । ବିନ୍ଦୁ ବିନ୍ଦୁ ଲୁହ ଝରି ଆସିଲା ତଳକୁ ।

ମୋ ଦରଦରେ ମାଉସୀ ନିଜେ ବି ବ୍ୟଥିତା ହୋଇ ଉଠିଥିଲେ । ମନକୁ ଭୁଲାଇ ଦେବା ପାଇଁ କହିଲେ— ଆ 'ଟେବୁଲ୍ ଟେନିସ' ଖେଳିବା ।

ମୁଁ ବାଧା ଦେଲି । ସେ କିନ୍ତୁ ମାନିଲେନି । ମୋ ହାତକୁ ଧରି ଜୋର୍‌ରେ ଉଠାଇ ଦେଇ କହିଲେ—ସେ କଥା ହେବନି । ତତେ ଖେଳିବାକୁ ହେବ । ଖେଳରେ ମନ ଭୁଲି ଯିବ ଯେ ।

*

* *

*

ଦୁନିଆ ବଡ଼ ବିଚିତ୍ର । ମଣିଷ ହୋଇ ବି ମଣିଷ ଚିହ୍ନି ହୁଏନା । ଯେତିକି ନିଷ୍ଠୁର ଓ ସବଳ ହେବ, ଏ ବସ୍ତୁବାଦୀ ଦୁନିଆରେ ସେତିକି ଆଗେଇ ହେବ । ଯେତିକି ସରଳ ହେବ, ଯେତିକି ସହିଷ୍ଣୁଶୀଳ ହେବ— ଏ ଜଡ଼ ଦୁନିଆଁ ସେତିକି ଆଘାତ ଦେବ ତୁମକୁ । ସରଳତାର ଆଳରେ ଗରଳ ଭରି ଦେବ ତୁଣ୍ଡରେ ।

ସରଳତା ମୋ ଜୀବନର ଏକ ନିନ୍ଦନୀୟ ଦୁର୍ବଳତା । ଦୁନିଆକୁ ଖିନ୍-ଭିନ୍ କରି ପରୀକ୍ଷା କରି ସାରିବା ପରେ ବି ନିଜକୁ ଜଟିଳ କରି ଗଢ଼ି ପାରିନି । ମୋର ଜନ୍ମଗତ ଦୋଷ ସେ··ପ୍ରକୃତିଗତ ଅଭ୍ୟାସ । ସରଳ ଜୀବନ ଯାପନ କରି ପର ପାଖରେ ହୃଦୟ ମୁକାଳି ଦେଇ ଆପଣାର କରି

ଆଣିବାରେ ମୋର ବେଶୀ ଆନନ୍ଦ । ସେଥିପାଇଁ ମୁଁ ସବୁରି ପାଖରେ ନମ୍ର, ଧୀର, କିନ୍ତୁ ବିନମୟରେ ପାଏ କ'ଣ ? ଅନ୍ୟଠାରୁ ସ୍ୱଠତା, କପଟତା ତଥା ଲାଞ୍ଛନା ।

ଆଘାତ ଉପରେ ଆଘାତ ପାଇ ମୋ ମନର ସବୁଗ ଟିକକ ଭାଙ୍ଗି ପଡ଼ିଛି । ଆଜିକାଲି ଅନେକ ସମୟ ନୀରବ ରହିବାକୁ ମୁଁ ଭଲ ପାଏଁ । ଗାମ୍ଭୀର୍ଯ୍ୟତା ମୋତେ ଭଲ ଲାଗେ । ନୀରବ ରହି ଜୀବନର ପୃଷ୍ଠା ଖୋଲାଏ । ଭାବି ଭାବି ବେଦମ ହୋଇ ଉଠେ । କେତେବେଳେ ହସେ, କେତେବେଳେ କାନ୍ଦେ । ମନ କଥା ମନରେ ଗୁମୁରି ମନରେ ମରେ ।

ଘନୀଭୂତ ଦୁଃଖ ମୋର ଯେତେବେଳେ ସୀମା ଲଙ୍ଘିଯାଏ ସେତେ-ବେଳେ ମୁଁ କ୍ଷତ ବିକ୍ଷତ ହୋଇ ଉଠି ଲେଖିବସେ ଉପନ୍ୟାସ । ପାଣ୍ଡୁଲିପିର ପ୍ରତି ପୃଷ୍ଠାରେ ମନର ପୁଞ୍ଜିଭୂତ ଦୁଃଖକୁ ଭରିଦେଇ ମୁଁ ଆଶ୍ୱସ୍ତ ହୁଏ । କିନ୍ତୁ ମୁହଁ ଖୋଲି କହି ପାରେନା କାହାକୁ । ମୋର ବା ଆପଣାର ହୋଇ ଅଛି କିଏ ? ଯେଉଁମାନେ ଅତି ନିଜର ବୋଲି ଦେଖାଇ ହୁଅନ୍ତି ସେମାନଙ୍କର ହୃଦୟ କପଟତାରେ ସଢ଼ି ଉଠିଛି । ମୋଠାରୁଁ ଶୁଣି, ମୋ ଦୁଃଖକୁ ଅନ୍ୟ ପାଖରେ ସମାଲୋଚନା କରି ବସନ୍ତି ସେମାନେ । ଟିକିଏ ବି ବୁଝନ୍ତିନି ମୋ ସରଳତା···ଦଣ୍ଡକପାଇଁ ଭାବନ୍ତିନି ମୋ ମନର ଭାବ । ବଦନାମ କରି ବେଶ୍ ବାହାବା ନିଅନ୍ତି । ତାଲି ମାରି ହସି ଉଠନ୍ତି । ନିମିଷକ ପାଇଁ ମୋ ଦୁଃଖରେ କେହି ଦୁଃଖୀ ହୁଅନ୍ତିନି··ମୋ ଦରଦରେ କାହାର ହୃଦୟ ତରଳି ଯାଏନି । ଦୁନିଆଁ ଉପରୁ ମୋ ଆସ୍ଥା କମି ଯାଇଛି ।

ରକ୍ତ ପ୍ରାଣର ହାହାକାର ଭରି ଖଣ୍ଡିଏ ପାଣ୍ଡୁଲିପି ଲେଖିଥିଲି ଅନେକ ଦିନ ତଳେ । ତାହା ଅସମାପ୍ତ ହୋଇ ପଡ଼ିଥିଲା··ଆଜି ପୁଣି ସ୍ମୃତି ତଳେ ତୋଫାନ ଉଠିଛି । ହଜିଲା ପାଣ୍ଡୁଲିପିର ବିଷୟବସ୍ତୁ କ୍ରମ ଖୋଜି ପାଇଛି । କଲମ ରୂପ ଦେଇ ଗୁଲ୍ଲି ଭାବନାକୁ ଦାହାନ କରି....

ଭିତରକୁ ଆସି ପାରେ କି ?

ଚମକି ପଡ଼ି ଚାହିଁଲି ପଛକୁ । ଦୁଆରବନ୍ଧ ଆରପଟେ ଠିଆ ହୋଇଛି ଦୀପାଳୀ । ଅଧରରେ ସ୍ମିତ ହାସ୍ୟର ଛଟା ।

ଆଖିରେ ମୋର ଆଶ୍ଚର୍ଯ୍ୟର ସମାରୋହ । ଅନେକାଳେଡ ଦୀପାଳୀ ଆସେନ । ଆଜ କମିତ ହଠାତ୍ ଆସି ଯାଇଛ । ଆଶ୍ଚର୍ଯ୍ୟ ସାଥୀରେ ଭୟ ବ ଦୁଇଗୁଣ ବଢି ଉଠିଛୁ । ପୁଷ୍ପାସ୍ମା ଯଦ ଦେଖି ନେବ ତେବେ···ମନକଥା ଗୁପି ରଖି କହିଲ—ଭଦ୍ରାମୀର ଆଦବ କାଇଦା ରଖି ଭିତରକୁ ଆସ ।

ହାଇହିଲ୍‌ର ମଚମଚ ଶବ୍ଦରେ ପଶି ଆସିଲ ଦୀପାଳୀ । ତା ଯୋତାର ଶବ୍ଦ ସାଥୀରେ ମୋ ଶଙ୍କିତ ହୃଦୟର କମ୍ପନ ତାଲ ଧରିଛୁ । ପୁଷ୍ପାସ୍ମା ଶୋଇଛୁ ପାଖ ଘରେ । ପାଦ ଶବ୍ଦରେ ନିଦ ଭୁଟି ଯାଇପାରେ···ମୁହଁରେ ହସ ଆଙ୍କି ପଚାରିଲି···କମିତ ଆସିଲ ହଠାତ୍ ?

ଏଇ ଆପଣଙ୍କ ଆଡ଼େ ଭୁଲ । କ'ଣ ଆସିବା ପାଇଁ କାରଣ ଦରକାର ।

ଆଦୌ ନୁହେଁ, ତୁମ ପାଇଁ ପୁଣି କାରଣ ?

ପାଖ ଚୌକିରେ ବସି ପଡ଼ିଲ ଦୀପାଳୀ । ମୁଁ ପୁଣି ଲେଖାରେ ମନ ଦେଲି ।

କ'ଣ ଲେଖୁଛନ୍ତି ଯେ !

ସେଇ ଯେଉଁ ପାଣ୍ଡୁଲିପିଟି ଅଧା ହୋଇ ପଡ଼ିଥିଲ ବୋଲି କହୁଥିଲି ।

କଥାବସ୍ତୁର ଖିଅ ପାଇଲେ ତ !

ହଁ, ସାମାନ୍ୟ ଟିକଏ ଖାପଛଡ଼ା ହୋଇ ଯାଇ ପାରେ, ସାଧାରଣ ପାଠକଙ୍କ ଦୃଷ୍ଟିରେ ତାହା ପଡ଼ିବନି....

'ସାଧାରଣ ପାଠକ' ଗୋଷ୍ଠୀରେ ଆପଣ କେଉଁମାନଙ୍କୁ ନଅନ୍ତି ?

ଯେଉଁମାନେ ଭାବ, ଭାଷାକୁ ନମିତ୍ତ କରି କେବଳ ଘଟଣା ପଛରେ ଧାଇଁବାକୁ ଭଲ ପାଆନ୍ତି ।

ସେମାନଙ୍କ ଭିତରେ ଯେ ଅସାଧାରଣ ପାଠକ ନାହାନ୍ତି ଏ ଧାରଣା କିପରି କଲେ ?

ପାଠକର ମନସ୍ତତ୍ତ୍ୱ ନେଇ ପଛେ ପରେ ଆଲୋଚନା କରିବା ଆଗେ କୁହ, ଆସିବାର ମତଲବ ?

ମତଲବ ଖୁବ୍ ପରିଷ୍କାର, ଆଗେ କଲମ ଛାଡ଼ି ଉଠନ୍ତୁ । ଯିବାକୁ ହେବ ।

କୁଆଡେ ?

ବଗାକୁ । ମାଉସୀଙ୍କର ଆଜି ଆପଣଙ୍କୁ ନିମନ୍ତ୍ରଣ । ଚାଲନ୍ତୁ ବଜାର ବାଟ ଦେଇ ଯିବା । ସେ ତେଣେ ରାହି ବସିଥିବେ ।

ତୁମେ ତେବେ ଅପେକ୍ଷା କର । ଆଉ କିଛି ମୁଁ ଲେଖିଦିଏଁ । ବେଳତ ଅନେକ ଅଛି । ଏତେ ତରତର କାହିଁକି ?

—ବାହାରେ...ମୁଁ ନୀରବରେ ବସି ରହିବି ଆଉ ଆପଣ ଉପନ୍ୟାସର ନାୟକ ନାୟିକାଙ୍କୁ ନେଇ ମସ୍ତ ରହିବେ ! ତାହା ମୁଁ ଆଦୌ କରାଇ ଦେବିନି...କହି ଚଟ୍‌କରି ମୋ ହାତରୁ ଖାତାଟି ଛଡ଼ାଇ ନେଲା ଦୀପାଳୀ ।

ଦିଅ ଦୀପାଳି, ସୁନାଟି ପରା ! ଛି, ଫେରାଇ ଦିଅ ।

ନାଁ, ନାଁ, ନାଁ ଜମାରୁ ଦେବିନି । ଯିମିତି ଯଦି ଜୁଲମ କରିବେ ତେବେ ଚିରି ଚିରି କରି ଫିଙ୍ଗି ଦେବି । ଦେଖନ୍ତୁ ଫାଜିଲ୍—ଆପଣ ଉଠି ସାର୍ଟ ପିନ୍ଧିବେ ନା ଫାଡ଼ିବି ?

ସତେ ତୁମେ ବଡ଼ ଦୁଷ୍ଟ ହୋଇ ଗଲଣି, କଥା ମାନୁନ ଜମାରୁ ।

ଏମିତି ସ୍ୱାର୍ଥପର ପରି କଥା କହିଲେ କିଏ ମାନିବ ଯେ ?

ବେଶ ଖାତାଟି ଦିଅ ଥୋଇ ଦିଏଁ ।

ନାଁ, ଆପଣ ଆଗ ପ୍ୟାଣ୍ଟ ସାର୍ଟ ପିନ୍ଧନ୍ତୁ । ମୁଁ ଫେରାଇ ଦେଉଛି । ସଞ୍ଜ ଆସି ହେଲାଣି ଅଥଚ ଉପନ୍ୟାସ ଲେଖା ଚାଲିଛି । ଆଉ ମୁଁ ଯଦି ଆପଣଙ୍କୁ ବାଦ ଦେଇ କିଛି କରି ବସେ ତେବେ ଆପଣ ଅଭିମାନ କରି ବସିବେ । ନୁହେଁ ? ବଡ଼ ଏକବାଗିଆ ଆପଣ...

ଦୀପାଳୀ କଥାରେ ବାଧ୍ୟ ହୋଇ ବିଛଣା ଛାଡ଼ିଲି ।

ରାସ୍ତାର ଦୀପ୍ତ ଆଲୋକରେ ଲଗାଲଗି ହୋଇ ଦୁହେଁ ଚାଲିଛୁ । ଅନ୍ୟମାନେ ଆମକୁ ନବ ବିବାହିତା ଦମ୍ପତି ଭାବି ପାରନ୍ତି । କିନ୍ତୁ ଦୀପାଳୀ ମଥାରେ ସିନ୍ଦୁରର ଟିକା ନାହିଁ—ଅଛି ଅନୁଢ଼ାର ସ୍ୱାକ୍ଷରିକା ରୂପେ ଗୋଟିଏ କ୍ଷୁଦ୍ର କୁଙ୍କୁମର କଳି । ଚାଲୁ ଚାଲୁ ଦୀପାଳୀ କହିଲା—କାଲି ଆପଣ ମାଉସୀଙ୍କ କଥାରେ ଆହତ ହୋଇଥିଲେ ନା ?

କେଉଁ କଥା ?

ମୁଁ କଣ ଜାଣେନା ଯେ ମୋତେ ଆପଣ ଲୁଚ୍ଚାଇ ବସିଛନ୍ତି ? ମାଉସୀଙ୍କଠୁ ସବୁ ଶୁଣିଛି । ସେଇଥି ପାଇଁତ ଆଜି ଆପଣଙ୍କୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ ସେ କରିଛନ୍ତି । ସତେ ଆପଣଙ୍କ ମନରେ କ'ଣ ଦୁଃଖ ହେଉନି ?

ତା ତ ସ୍ୱାଭାବିକ ।

କାହିଁକି ଶୁଣେ ? ଆପଣଙ୍କର ନିଜ ଉପରେ ତେବେ ବିଶ୍ୱାସ ନାହିଁ ?

ନିଜ ଉପରେ ନିଶ୍ଚୟ ଅଛି । କିନ୍ତୁ···

କଥା ଛଡ଼ାଇ ନେଇ ଦୀପାଲୀ କହିଲା—କିନ୍ତୁ ପର ଉପରେ ବିଶ୍ୱାସ ନାହିଁ । ମାନେ, ମୋ ଉପରେ ନାହିଁ । ଏଇଆତ ? ହେଲେ ମନେ ରଖନ୍ତୁ ବିନୁ ବାବୁ ! ଆପଣ ଯାହାକୁ ପର ବୋଲି ଭାବି ଆସ୍ଥା ହରାଇ ବସିଛନ୍ତି ସେ ଯେ ଆପଣଙ୍କୁ ଅତି ଆପଣାର ବୋଲି ଭାବେ । ଏତେ ଦିନର ମିଳାମିଶାରେ ବି ଆପଣ ଦୀପାଲୀକୁ ଚିହ୍ନି ପାରିଲେନି ।

ସେ କହି ଚାଲିଛି କଥାରେ ପୂର୍ଣ୍ଣଚ୍ଛେଦ ନଟାଣି । ଆମେ ଆଗେଇ ଆସିଲୁଣି ବହୁତ ଦୂର । ଯିଏ ଖୋଜିଗଲେ ଫଟୋ ଏମ୍ପୋରିୟମ ପଡ଼ିବ । ମୁଁ କହିଲି—ଚାଲ ଫଟୋ ଉଠାଇବା ଦୀପାଲୀ ।

କାହିଁକି ଏ ସଉକ ?

ଏହା ତ ଖୁବ ସ୍ୱାଭାବିକ ।

କିନ୍ତୁ ମୁଁ ଯେ ରାଜି ନୁହେଁ । ଆପଣଙ୍କର ତ ଅନ୍ୟ ଉପରେ ବିଶ୍ୱାସ ନାହିଁ ଆଉ ଅନ୍ୟର ଫଟୋଟିଏ ନେଇ ବା କରିବେ କ'ଣ ? ପରେ ହୁଏତ ଅନ୍ୟ କେଉଁଠି କୈଫିୟତ ଦେବାକୁ ପଡ଼ିବ । ମୋ ପାଇଁ ନିନ୍ଦା ନେବେ କାହିଁକି ?

ଦୀପାଲି—ତୁମେ କହି ପାରିଲ ଇମିତି କଥା !

ମୁଁ ତ ଠିକ କହୁଛି । ନିର୍ଲିପ୍ତ କଣ୍ଠରେ ସେ ଉତ୍ତର ଦେଲା ।

ଦୁଃଖରେ ଭାଙ୍ଗି ପଡ଼ିଲି ମୁଁ । ଦୀପାଲୀ ବି ନୀରବ । ସିମିତି ନୀରବତା ଭିତରେ ଦୁହେଁ ଆସି ମାଉସୀଙ୍କ ବସା ଧରିଲୁ । ମୋତେ ବାହାରେ ଛାଡ଼ି ଦେଇ ସେ ଚାଲିଗଲା ଭିତରକୁ ।

ବ୍ୟଥିତ ଭାବନାର କୁଆଁ ଝୁଲା ଭିତରେ ମୁଁ କ୍ଳାନ୍ତ ହୋଇ ଉଠିଥିଲି । ପିଣ୍ଡା ଉପରର ଇଜିଚେୟାର ଦେହରେ ନିଜର ଭାବନାବ୍ୟସ୍ତ ଶରୀରଟିକୁ ଢ଼ଳେଇ ଦେଲି ।

ପୁରୁଣା ଯୁଗର ଆକାଶ ଦେହରେ ପାହାଆ ଜହ୍ନ ଉଠି ଆସିଲାଣି । ଛୋଟ ବଡ଼ ନକ୍ଷତ୍ରଗୁଡ଼ିକ ଆଖି ତରାଟି ଚାହିଁଛନ୍ତି ପୃଥିବୀକୁ—ମୁଁ ଖୋଲା ଖିଆଲି ଦୃଷ୍ଟିରେ ଚାହିଁଛି ସେଇ ଆଡ଼କୁ । ବର୍ତ୍ତମାନର ପ୍ରାଚୁର୍ଯ୍ୟାନ୍ଧକାର ତଳୁ ଅତୀତର ଉଜ୍ଜ୍ୱଳ ସଞ୍ଚାର ପୁନେଇ ସ୍ମୃତି ଏକ ବିରାଟ ଯବନିକା ତୋଳି ଧରିଛି ମୋ ମନ ଭିତରେ । ଭିତରେ ଅସରନ୍ତି ଭାବନାର ଉଚ୍ଛ୍ୱାସ...

ପରପାଟିଂ ବଦଳାଇ ଆସିଛି ଦୀପାଳୀ । ମୋର ଭାବୁକ ପ୍ରାଣ ନେଇ ସେ ବେଶ୍ ସଚେତ । ନହାତି ଛୋଟ ଛୋଟ କଥାର ଖିଅ ଧରି ମୁଁ ଯେପରି ଭାବି ଭାବି ବେଦମ୍ ହୋଇ ଉଠେ, ଏକଥା ସେ ଭଲ ଭାବରେ ଜାଣେ । ଏଇ ଭାବନା ମଣିଷ ଜୀବନକୁ ଉଜାଡ଼ି ଦିଏ...ତାର୍ ବିବେକ ଶକ୍ତି ପଙ୍ଗୁ କରି ପକାଏ... ଜୀବନ ଭିତରୁ ଜୀବନୀ ଶକ୍ତିକ ଲୁଟି ନିଏ । ଦୀପାଳୀ ସେଇଥି ପାଇଁ କେବେ ମୋତେ ଏକୁଟିଆ ଭାବିବା ପାଇଁ ଛାଡ଼ି ଦିଏନି । ମୋ ଭାବନା ଉପରେ ସେ ଅନେକ ପ୍ରକାର ଦୁଷ୍ଟାମୀ କରି ବସେ...କେତେ ଯୁଗର କଥା ଆଣି ପକାଏ...

ପଛପଟୁ ଧୀରେ ଆସି ମତେ ଝୁଙ୍କାଇ ଦେଲେ ଦୀପାଳୀ ।

କ'ଣ ଭାବୁଛନ୍ତି ଶୁଣେ !

ମୁଁ ଆଶ୍ୱସ୍ତ ହେଲି ।

ନା କିଛିତ ଭାବୁନି । କେବଳ ଆମର ଏଇ ପୁରୁଣା ପୃଥିବୀ ନେଇ ଚିନ୍ତା କରୁଥିଲି । ଏଇ ମଣିଷ ଜାତି...ବଡ଼ ସ୍ୱାର୍ଥପର । ସେମାନେ ସ୍ନେହ ନେଇ ତାର ପ୍ରତିଦାନ ଦେଇ ପାରନ୍ତିନି । ଆଘାତ ଦେଇ ସୁନା ସଂସାରକୁ ଚୂନା କରି ଦିଅନ୍ତି ।

ଭୁଲ ବୁଝିଛନ୍ତି ଜଜ୍ ବାବୁ ! ଆଗେ ନିଜକୁ ଚିହ୍ନି ଶିଖନ୍ତୁ । ତାପରେ ଅନ୍ୟକୁ ଚିହ୍ନିବା ପାଇଁ ଚେଷ୍ଟା କରିବେ । —ଦୀପାଳି ଆଖିରେ କାଦମ୍ବରୀ ହରିଣୀର ବିକଳ ନିର୍ଯ୍ୟାସ ।

ମୋ କଥାର ମର୍ମ ବୁଝି ପାରନ୍ତ ବୋଧେ ?

ଢେର୍ ବୁଝିଛି ମୁଁ । ଫଟୋ ଉଠାଇବାକୁ ବାରଣ କଲି ବୋଲି ଆପଣ ମୋ ଉପରେ ଅଭିମାନ କରିଛନ୍ତି । କିନ୍ତୁ ଭାବନ୍ତୁ ତ ଦେଖି, ଆପଣ ଯଦି ମୋତେ ବାସ୍ତବିକ ଭଲ ପାଉ ଥାଆନ୍ତେ ତେବେ ଫଟୋ ଉଠାଇବା ପାଇଁ ମୋ ଅନୁମତି ନେବାରେ କି ଆବଶ୍ୟକ ଥିଲା ? ଯେଉଁ ଅଧିକାର ପାଇଛନ୍ତି ତାର ବଳରେ କ'ଣ ଆପଣ ମୋର ଫଟୋଟିଏ ଉଠାଇ ନେଇ ପାରି ନଥାନ୍ତେ ? ଆପଣ ଢେର ସ୍ନେହ-ମମତା ଦେଇଛନ୍ତି ବିଜୁବାବୁ ! କିନ୍ତୁ ଆଜି ପର୍ଯ୍ୟନ୍ତ ମୋ ଅନ୍ତର ବୁଝି ପାରି ନାହାନ୍ତି···ଦୀପାଳୀର କଣ୍ଠ ବାଷ୍ପରୁଦ୍ଧ ହୋଇ ଉଠିଥିଲା । ମୋ ହାତ ଉପରେ ଦୁଇ ଧାର ଲୁହ ଗଡ଼ାଇ ଦେଇ ସେ ହଠାତ୍ ଭିତରକୁ ଛୁଟିଗଲା ।

ପଛରୁ ଡାକି ପାରିଲି ନି ମୁଁ···ଅଟକିବା ପାଇଁ ଅନୁରୋଧ ବି କରି ପାରିଲି ନି । କେମିତି କରନ୍ତି ? ପୁରୁଷ ହେଲେ ବି ମୋ ମନରେ କ'ଣ ଅଭିମାନ ନାହିଁ ? ସେଇଠାରେ ଏକ୍ଲା ହୋଇ ବସି ରହିଲି ।

ଭାତ ଥାଳି ଧରିଲା ବେଳକୁ ରାତି ବାରଟା । ପେଟର ଭୋକ ସଞ୍ଜ ପହରୁ ଦୀପାଳୀ ଲୁହଙ୍କର ମୁହଁ ଭିତରେ ହଜି ଯାଇଛି । ଖାଇବା ପାଇଁ ଆଦୌ ଇଚ୍ଛା ନାହିଁ । ତଥାପି ଥାଳି ପାଖରେ ବସିଲି । ଦୀପାଳୀ କେଉଁଠି ଶୋଇ ଯାଇଛି ବୋଧହୁଏ ନିଦରେ । ଦେଖା ନାହିଁ ତାର । ଏଣୁ ତେଣୁ ଦୁଇ ଗୁଣ୍ଡା ଖାଇ ନେଇ ଉଠିଲି । ମାଉସୀ କହିଲେ—ରାତି ଅନେକ ହେଲାଣି ବିଜୁ ! ବସାକୁ ନ ଯାଇ ଶୋଇପଡ଼ ଏଇଠି ।

ଭାରାକ୍ରାନ୍ତ ମନରେ ଫେରିବା ପାଇଁ ମୁଁ ବି ଚାହୁଁ ନ ଥିଲି । ତାଙ୍କ କଥାରେ ରାଜି ହୋଇ ଗଲି । ମୋ ପାଇଁ ବିଛଣା ସଜାଡ଼ି ଦେଇ ମାଉସୀ ଚାଲିଗଲେ ଖାଇବା ପାଇଁ ।

ବିଜୁଳି ଆଲୁଅ ଲିଭାଇ ଦେଇ ମୁଁ ଶେଯ ଉପରେ ଗଡ଼ି ପଡ଼ିଲି । ଆଖିରେ ନିଦ ନାହିଁ । ଭାବନାର ସଂଘର୍ଷ ଭିତରେ ମୁଁ ଗୋଟିଏ ଲୌହ ପିତୁଳା ପାଲଟି ଯାଇଛି । ଦୀପାଳୀ ଆଜି ଅଭିମାନ କରିଛି । ମୋର ସାମାନ୍ୟ

କଥାରେ ତା ମନରେ ଆଞ୍ଚ୍ ଆସିଛି । ମୋର ଅତି ଆଦରର ଦୀପାଳୀ··· ଅତି ସୋହାଗର ଦୀପାଳୀ···ଅତି ଆପଣାର ଦୀପାଳୀ ମୋ ଛାତି ଉପରେ ସାଇତି ଦେଇ ଯାଇଛି ଦୁଇଧାର ଲୁହ । ଆଖିକୁ ମୋର କମିତି ବା ନିଦ ଆସିବ ?

ଖୁବୁ ଖୁବୁ କାହାର କଅଁଳ ହାତର ପରଶ ଅନୁଭବ କରି ଚମକି ଉଠିଲି ମୁଁ—କିଏ ?

ଦୀପାଳୀ···ଅନ୍ଧକାର ଭିତରେ ଅତି ଚୁପ ଗଲା ଶୁଭିଲା !

ତୁମେ··· ? ଏତେବେଳ ପର୍ଯ୍ୟନ୍ତ କେଉଁଠି ଥିଲ ?

କଣଘରେ ଶୋଇଥିଲି ।

ବେଶ୍ ଶୋଇବ ଯାଅ ।

ଦୀପାଳୀ ନିଜ ମଥା ମୋ ଛାତି ଉପରେ ନଇଁ ଦେଇ କହିଲା—ଛି, ବଡ଼ ଅଭିମାନୀ ଆପଣ । ସାମାନ୍ୟ କଥାରେ ଅଭିମାନ କରି ବସିଲେ ନା ? ନାରୀ ସିନା ଯୁଗ ଯୁଗ ଧରି ପୁରୁଷ ଉପରେ ଅଭିମାନ କରେ କିନ୍ତୁ ଆପଣ ଠିକ୍ ତାର ଓଲଟା । କୁହନ୍ତୁ, ମୋତେ କ୍ଷମା ଦେଲେ ତ ? ଦୁନିଆରେ କିଏ କେତେ ଭୁଲ କରି ଯାଉଛି, ତାର ତ ପୁଣି କ୍ଷମା ଅଛି ? ଆଉ ମୋର ଏ ଛୋଟିଆ ଭୁଲର କ'ଣ ମାର୍ଜନା ନାହିଁ ?

ଯାଅ ଶୋଇବ ଦୀପାଳୀ ।

ଆପଣଙ୍କ ଛାତି ଉପରେ ଏମିତି ଶୋଇଲେ କେତେ ଭଲ ଲାଗନ୍ତା ସତେ । ଅନେକ ସମୟରେ ସେ ସୁଯୋଗ ଜୁଟିଲେ ମଧ୍ୟ ସଙ୍କୋଚ ଲାଗେ । ଆଜି ଏ ନିଶ୍ଚିତ ସୁଯୋଗରୁ ମୋତେ ବଞ୍ଚିତ କରିବେ ?

ଛି, ସୁନାଟି ପରା, ତମେ ଯାଅ ? ମାଉସୀ ଯଦି ହଠାତ୍ ପହଞ୍ଚି ଯିବେ, ଭାବିବେ କ'ଣ ?

ଆପଣ ମୋତେ କ୍ଷମା ଦେଇଛନ୍ତି ତ ?

ହୁଁ···

କ୍ଷଣକରେ ଦୀପାଳୀ ମୋ ପାଖରୁ ଉଠି ଆସିଲା ।

*

*   *

*

ଠିକ୍ ଛଅଟାରୁ ନିଦ ଭାଙ୍ଗି ଯାଇଛି । ଧଡ଼ପଡ଼ ହୋଇ ବାହାରକୁ ଉଠି ଆସି ଦେଖିଲି ମାଉସୀ ଉଠିପଡ଼ି ଦାନ୍ତ ଘଷିବାରେ ମନ ଦେଇଛନ୍ତି । ବାର୍ଥରୁମ୍ ଭିତରେ ମୁହଁଟିକୁ ଭଲକରି ଧୋଇନେଇ କହିଲି—ଯାଉଛି ମାଉସୀ ।

ଏଁ—ଦାନ୍ତ ନ ଘଷି ଚାଲିଯିବୁ ?

ନ ହେଲେ କିମିତି ହେବ କୁହନ୍ତୁ ତ ! ପୁଟୁଁଙ୍କା ଜାଣେନି ମୋର ରହିବା କଥା । ଆସିଲାବେଳେ ତାକୁ କହି ଆସିନି । ବିରକ୍ତ ହେଉଥିବ ସେ ।

ଅତି କଷ୍ଟରେ ମାଉସୀଙ୍କଠାରୁ ବିଦାୟ ନେଇ ରିକ୍ସା ଧରିଲି । କେତେ ପ୍ରକାର ଆଶଙ୍କାରେ ମନଟି ଆନ୍ଦୋଳିତ ହେଉଥାଏ । ବସା ସାମନାରେ ରିକ୍ସାରୁ ଓହ୍ଲାଇ ପଡ଼ି ପଡ଼ିଲେ କାବା ହୋଇଗଲି ମୁଁ । ଦାଣ୍ଡରେ ଗୋଟାଏ ବଳଦ ଗାଡ଼ି ଥୁଆ ହୋଇଛି । ଦୁଇ ପାଖରେ ଦୁଇଟି ଧଳା ବଳଦ କୁଟା ଖାଇବାରେ ଲାଗି ପଡ଼ିଛନ୍ତି । ଏତ ଆମର ଗାଡ଼ି । ବଳଦ ଦୁଇଟି ବି ଆମ ଘରର । କିମିତି ଆସିଲା ଗାଁରୁ ? କିଏ ଆଣିଲା ?

ମନ ଭିତରେ ଦ୍ୱନ୍ଦ୍ୱର ପାହାଡ଼ ଧରି ପାଦ ଟିପି ଭିତରକୁ ପଶିଯାଉ ଥିଲି । ହଠାତ୍ ପୁଟୁଁଙ୍କୁ ଦେଖି ଅଟକିଗଲି ।

କାଲି ରାତିରେ କେଉଁଠି ଥିଲ ବିଜୁ ବାବୁ ? ବାପା ଆସି ଖୋଜା ହେଉଛନ୍ତି ।

ବାପା ଆସିଛନ୍ତି ? ଅଦ୍ଭୁତ ଆଶ୍ଚର୍ଯ୍ୟ ହୋଇ ଉଠିଲି ମୁଁ । କାହିଁ ତାଙ୍କରତ ଆସିବାର ନ ଥିଲା ।

ନଥିଲେ କ'ଣ ହେଲା । ଦେଖୁଛ ତ କାଲି ରାତିରେ ଆସି ପହଞ୍ଚି ଛନ୍ତି । ଗାଁରୁ ଗାଡ଼ି ପାଇଁ ଆଗରୁ ଚିଠିଆଡ଼େ ଲେଖିଥିଲେ । ଆଜି ଭୋରରୁ ଗାଡ଼ି ଆସି ପହଞ୍ଚିଛି । ଚାଲ ଭିତରକୁ ଯାଅ ।

କଥାରେ ତା ମନରେ ଆଞ୍ଚ୍ ଆସିଛି । ମୋର ଅତି ଆଦରର ଦୀପାଳୀ··· ଅତି ସୋହାଗର ଦୀପାଳୀ···ଅତି ଆପଣାର ଦୀପାଳୀ ମୋ ଛାତି ଉପରେ ସାଇତି ଦେଇ ଯାଇଛି ଦୁଇଧାର ଲୁହ । ଆଖିକୁ ମୋର କମିତି ବା ନିଦ ଆସିବ ?

ଷିରୁ ଷିରୁ କାହାର କଅଁଳ ହାତର ପରଶ ଅନୁଭବ କରି ଚମକି ଉଠିଲି ମୁଁ—କିଏ ?

ଦୀପାଳୀ···ଅନ୍ଧକାର ଭିତରେ ଅତି ଚିହ୍ନା ଗଳା ଶୁଭିଲା ।

ତୁମେ··· ? ଏତେବେଳ ପର୍ଯ୍ୟନ୍ତ କେଉଁଠି ଥିଲ ?

କଣଘରେ ଶୋଇଥିଲି ।

ବେଶ୍ ଶୋଇବ ଯାଅ ।

ଦୀପାଳୀ ନିଜ ମଥା ମୋ ଛାତି ଉପରେ ନଢ଼ ଦେଇ କହିଲା—ଛି, ବଡ଼ ଅଭିମାନୀ ଆପଣ । ସାମାନ୍ୟ କଥାରେ ଅଭିମାନ କରି ବସିଲେ ନା ? ନାରୀ ସିନା ଯୁଗ ଯୁଗ ଧରି ପୁରୁଷ ଉପରେ ଅଭିମାନ କରେ କିନ୍ତୁ ଆପଣ ଠିକ୍ ତାର ଓଲଟା । କୁହନ୍ତୁ, ମୋତେ କ୍ଷମା ଦେଲେ ତ ? ଦୁନିଆରେ କିଏ କେତେ ଭୁଲ କରି ଯାଉଛି, ତାର ତ ପୁଣି କ୍ଷମା ଅଛି ? ଆଜି ମୋର ଏ ଗୋଟିଆ ଭୁଲର କ'ଣ ମାର୍ଜନା ନାହିଁ ?

ଯାଅ ଶୋଇବ ଦୀପାଳୀ ।

ଆପଣଙ୍କ ଛାତି ଉପରେ ଏମିତି ଶୋଇଲେ କେତେ ଭଲ ଲାଗନ୍ତା ସତେ । ଅନେକ ସମୟରେ ସେ ସୁଯୋଗ ଜୁଟିଲେ ମଧ୍ୟ ସଙ୍କୋଚ ଲାଗେ । ଆଜି ଏ ନିଶ୍ଚିତ ସୁଯୋଗରୁ ମୋତେ ବଞ୍ଚିତ କରିବେ ?

ଛି, ସୁନାଟି ପରା, ତମେ ଯାଅ ? ମାଉସୀ ଯଦି ହଠାତ୍ ପହଞ୍ଚି ଯିବେ, ଭାବିବେ କ'ଣ ?

ଆପଣ ମୋତେ କ୍ଷମା ଦେଇଛନ୍ତି ତ ?

ହଁ···

ନିଶବ୍ଦରେ ଦୀପାଳୀ ମୋ ପାଖରୁ ଉଠି ଆସିଲା ।

*

* *

*

ଠିକ୍ ଭୋରରୁ ନିଦ ଭାଙ୍ଗି ଯାଇଛି । ଧଡ଼ପଡ଼ ହୋଇ ବାହାରକୁ ଛୁଟି ଆସି ଦେଖିଲି ମାଉସୀ ଉଠିପଡ଼ି ଦାନ୍ତ ଘଷିବାରେ ମନ ଦେଇଛନ୍ତି । ବାର୍ଥରୁମ୍ ଭିତରେ ମୁହଁଟିକୁ ଭଲକରି ଧୋଇନେଇ କହିଲି—ଯାଉଛି ମାଉସୀ ।

ଏଁ—ଦାନ୍ତ ନ ଘଷି ଚାଲିଯିବୁ ?

ନ ହେଲେ କିମିତି ହେବ କୁହନ୍ତୁ ତ ! ପୁଷ୍ପାସି ଜାଣେନି ମୋର ରହିବା କଥା । ଆସିଲାବେଳେ ତାକୁ କହି ଆସିନି । ବିରକ୍ତ ହେଉଥିବ ସେ ।

ଅତି କଷ୍ଟରେ ମାଉସୀଙ୍କଠାରୁ ବିଦାୟ ନେଇ ରିକ୍ସା ଧରିଲି । କେତେ ପ୍ରକାର ଆଶଙ୍କାରେ ମନଟି ଆନ୍ଦୋଳିତ ହେଉଥାଏ । ବସା ସାମନାରେ ରିକ୍ସାରୁ ଓହ୍ଲାଇ ପଡ଼ି ପହୁଲେ କାବା ହୋଇଗଲି ମୁଁ । ଦାଣ୍ଡରେ ଗୋଟାଏ ବଳଦ ଗାଡ଼ି ଥୁଆ ହୋଇଛି । ଦୁଇ ପାଖରେ ଦୁଇଟି ଧଳା ବଳଦ କୁଟା ଚୋବାଇବାରେ ଲାଗି ପଡ଼ିଛନ୍ତି । ଏତ ଆମର ଗାଡ଼ି । ବଳଦ ଦୁଇଟି ବି ଆମ ନଜର । କିମିତି ଆସିଲା ଗାଁରୁ ? କିଏ ଆଣିଲା ?

ମନ ଭିତରେ ଦ୍ୱନ୍ଦ୍ୱର ପାହାଡ଼ ଧରି ପାଦ ଚିପି ଭିତରକୁ ପଶିଯାଉଥିଲି । ହଠାତ୍ ପୁଷ୍ପାସିଙ୍କୁ ଦେଖି ଥମିଗଲି ।

କାଲି ରାତିରେ କେଉଁଠି ଥିଲ ବିଜୁ ବାବୁ ? ବାପା ଆସି ଖୋଜ ହେଉଛନ୍ତି ।

ବାପା ଆସିଛନ୍ତି ? ଆହୁରି ଆଶ୍ଚର୍ଯ୍ୟ ହୋଇ ଉଠିଲି ମୁଁ । କାହିଁ ତାଙ୍କରତ ଆସିବାର ନ ଥିଲା ।

ନଥିଲେ କ'ଣ ହେଲା । ଦେଖୁଛ ତ କାଲି ରାତିରେ ଆସି ପହଞ୍ଚିଛନ୍ତି । ଗାଁକୁ ଗାଡ଼ି ପାଇଁ ଆଗରୁ କୁଆଡ଼େ ଲେଖିଥିଲେ । ଆଜ ଭୋରରୁ ଗାଡ଼ି ଆସି ପହଞ୍ଚିଛି । ହଉ ଭିତରକୁ ଯାଅ ।

ପୁଷ୍ପାସୀ ପାଣି ପାଇଁ ଗୁଲିଗଲା । ମୁଁ ଅତି ସନ୍ତର୍ପଣରେ ଭିତରକୁ ପାଦ ବଢ଼ାଇଲି । ଉପରେ ଗ୍ଲୁବ ଜଳୁଥାଏ ।

ତଳକୁ ମୁହଁ ପୋତି ମଝି ପିଣ୍ଡାରେ ବାପା ବସିଛନ୍ତି । ନିହାତି ବିଚଳିତ ପରି ଜଣା ଯାଉଛନ୍ତି । ନିଶ୍ଚୟ ମୋର କଥା ଭାବି ଭାବି ଅସ୍ଥିର ହୋଇ ଉଠିଛନ୍ତି ସେ । ଧୀରେ ଆଗେଇ ଯାଇ ତାଙ୍କ ପାଦ ତଳେ ମୁଣ୍ଡ ଲଗାଇଲି ।

ସେ ଆରକ୍ତ ଚାହାଣିରେ ମୋତେ ଥରେ ଚାହିଁ ନେଇ ଅନ୍ୟ ଆଡ଼କୁ ମୁହଁ ବୁଲାଇଲେ । ତାଙ୍କ ପିଞ୍ଜର ଭିତରେ ଦୀର୍ଘଶ୍ୱାସର ହୁଲା ଉଠିଛି । ମୁହଁରେ ଗମ୍ଭୀରତା ଓ କଣ୍ଠରେ ରୁକ୍ଷତା ଆଣି କହିଲେ—କୁଆଡେ ଯାଇଥିଲୁ ବିଜୁ ?

ଅପରାଧୀଙ୍କ ପରି ଜବାବ ଦେଲି—ଜଣେ ବନ୍ଧୁଙ୍କ ଘରକୁ ।

କାହିଁକି ?

ମୋତେ ନିମନ୍ତ୍ରଣ କରିଥିଲେ ସେ ।

ନିଜ ଘର ଛାଡ଼ି ଅନ୍ୟ ଜଣକ ଘରେ ରାତିଟା ପୁହାଇ ଦେବା କଥା ପରି ଉଚ୍ଚ ଶିକ୍ଷିତ ଆଉ ବିବାହିତ ଯୁବକ ପକ୍ଷରେ କେତେ ଦୂର ସମିଚୀନ ତାହା ଜାଣୁ ତ !

ସେ ମୋତେ ରାତିଟା ରହିଯିବା ପାଇଁ ବାଧ୍ୟ କଲେ ।

ବାପା ଗର୍ଜି ଉଠିଲେ—ରହିଯିବା ପାଇଁ ବାଧ୍ୟ କରି ପାରନ୍ତି ଅଥଚ ନିଜେ ନିମନ୍ତ୍ରଣ କରିବାକୁ ନ ଆସି ଜଣେ ଯୁବତୀଙ୍କୁ ପଠାଇ ଦେଇଥିଲେ କାହିଁକି ?

ସରମରେ ଜରସି ଯାଇ ନୀରବ ହେଲି ମୁଁ ।

ବାପା ପୁଣି କହିଲେ—ପୁଷ୍ପାସୀଠାରୁ ସବୁ ଶୁଣିଛି । ଦୀର୍ଘ ଦିନ ଧରି ତୁ ସେ ଘରକୁ ଯିବା ପାଣୋର ଦେଇ ବସିଲୁଣି ଏକଥା ମଧ୍ୟ ମୋତେ ଅଛପା ନାହିଁ । ଘରେ ତୋର ବିବାହିତା ସ୍ତ୍ରୀ—କୁଳର ଲକ୍ଷ୍ମୀ ସେ । ଅଥଚ ତୁ·····। ଛି, ଛି, ପାଠ ପଢ଼େଇ ତୋତେ ମଣିଷ କରିଥିଲି କ'ଣ ଏମିତି ଆଦର୍ଶ ଦେଖାଇବୁ ବୋଲି ? ଖାନଦାନୀର ଇଜ୍ଜତ ଉପରେ ତୁ ଆଜି

କଳଙ୍କ ଲେପି ଦେବାକୁ ଯାଉଛୁ ? ତୁଆ ହେଉନୁ ଯେ ଜଗତେ ମାତ୍ର ଦେଇ ଶାସନ କରବ । ବର୍ତ୍ତମାନ ଘର ନିର୍ଭର କରୁଛି ତୋ ଉପରେ । କିନ୍ତୁ ତୁ କରୁଛୁ କ'ଣ ? ତୋର ଯେଉଁ ଉନ୍ନତ ବ୍ୟକ୍ତିତ୍ୱର ସୂଚନା ମୁଁ ଅଳ୍ପ ପିଲାଟି ଦିନରୁ ପାଇଥିଲି, ତାକୁ ଏଇ ଦିନ କେଇଟା ଭିତରେ ପୋଡ଼ି ଜାଳି ଦେଇ ବସିଲୁଣି ନା ? ହଉ ଯାହା ତ କରିଛୁ କରିଛୁ । ବର୍ତ୍ତମାନ ମୋ ସାଥିରେ ତୋତେ ଘରକୁ ଯିବାକୁ ପଡ଼ିବ । ଶୀଘ୍ର ନିତ୍ୟକର୍ମ ଶେଷ କରି ବାହାରି ପଡ଼ ।

ମୁଁ ପ୍ରତିବାଦ କର ପାରିଲିନି । ପ୍ରତିବାଦ କରିବା ପାଇଁ ମୋ ଦେହରେ ଶକ୍ତି ନଥିଲା । ମନକୁ ଭୁଲାଇ ଦେଇ ନିତ୍ୟକର୍ମ ଶେଷ କରିବାରେ ଲାଗି ପଡ଼ିଲି । ଖିଆପିଆ ଶେଷ ହେବା ବେଳକୁ ଖରା ମୁଣ୍ଡ ଉପରକୁ ଉଠିଥିଲା । ଖାଇ ନେବା ପରେ ପରେ ବାପା ଯିବା ପାଇଁ ଉଦ୍‌ବିଗ୍ନ ହୋଇ ଉଠିଲେ । ରାତି ହୋଇଯିବା ଭୟରେ ଗାଡ଼ିଆଳ ବି ତର ତର ହୋଇ ଉଠିଲାଣି ।

ଏ ମଧ୍ୟରେ କିଛି ସମୟ ପାଇଁ ବାହାରକୁ ଯାଇଁ ଦୀପାଳୀକୁ ଖବରଟା ଜଣାଇ ଦେବାପାଇଁ ମୁଁ ଯଥେଷ୍ଟ ଚେଷ୍ଟା କରିଛି । ବାପାଙ୍କୁ ବହୁତ ପ୍ରକାର ଆଳ ଦେଖାଇଛି । ଅଥଚ କୌଣସି ଉପାୟରେ କୃତକାର୍ଯ୍ୟ ହୋଇ ପାରିନି ।

ଗାଡ଼ି ଦେହରେ ଜିନିଷ ପତ୍ର ଲଦି ବାପା ଚଞ୍ଚଳ ହୋଇ ଉଠିଲେ ଯିବାପାଇଁ । ଅନ୍ୟମନସ୍କ ଭାବରେ ମୁଁ ଲୁଗାପଟା ସଜାଡ଼ି ବସିଲି । ଦୀପାଳୀ କେବେ ଖବର ପାଇ ପାରୁନି । ବହୁତ ଭାବଚିନ୍ତା ସୁଟକେଶ ଭିତରୁ ରାଇଟିଂ ପ୍ୟାଡ୍‌ଟି କାଢ଼ିଲି । ଆଗକୁ ପଛକୁ ଚାହିଁ ତରତରରେ ଦୁଇପଦ ଲେଖିଦେଇ ଗାଁ ଠିକଣାଟି ଦେଇଦେଲି । ଚିଠିଟିକୁ ବନ୍ଦ କରି ବାହାରକୁ ଆସିଲି । ପଡ଼ିଶା ଘରର ଚାକର ଟୋକା ସଦା ଠିଆ ହୋଇଛି ଗେଟ୍ ପାଖରେ । ପୁଣି ଥରେ ସବୁ ଆଡ଼କୁ ସତର୍କ ଦୃଷ୍ଟି ଖେଳାଇ ନେଇ ଚିଠି ଖଣ୍ଡିକ ତା ହାତରେ ଧରାଇ ଦେଲି । ଗୋଟିଏ ଟଙ୍କା ତାକୁ ଦେଇ ଚିଠିଟି ଜରୁରୀ ଡାକ ଘରେ ପକାଇ ଦେବା ପାଇଁ ତାଗିଦ କରି ଦେଲି । ସଦା ଟଙ୍କାଟିକୁ ପକେଟରେ ସାଇତି ହସି ହସି ପୋଷ୍ଟ ଅଫିସକୁ ଚାଲିଗଲା । ଗୋଟାଏ

ମସ୍ତବଡ଼ କାମ ଶେଷ ହୋଇ ଯାଇଛି । ଅଶାନ୍ତ ଭରା ମନ ଭିତରେ ଶାନ୍ତିର କ୍ଷୀଣ ପ୍ରଲେପ ଅନୁଭବ କଲି ।

ବାପା ଗାଡ଼ି ଭିତରକୁ ଉଠି ଗଲେଣି । ଅଥଚ ମୋ କାମ ଶେଷ ହୋଇନି । ବାପା ଚଢ଼ି ଉଠିଲେ—କ'ଣ ଏତେବେଳ ପର୍ଯ୍ୟନ୍ତ କରୁଛୁ ବାବୁ ?

ରୁମାଲରେ ଲୁହ ପୋଛି ପଦାକୁ ବାହାରି ଆସିଲି । ଗାଡ଼ି ଯୋଚି ସରିଲାଣି । ବଳଦ ଆଡେଇ ଉଠିଲି ଗାଡ଼ିକୁ ।

ଭିତରେ ବିଛଣା ପରି ହୋଇଛି । ବେଶ ଲମ୍ବା ଚଉଡ଼ା । ଆମ ଦୁହିଁଙ୍କ ପାଇଁ ଢେର । ଗୋଟାଏ କଡ଼ ମାଡ଼ିବସିଛନ୍ତି ବାପା । ତାଙ୍କ ସାମନାରେ ମୁଁ । ଭାବନାର ଆନ୍ଦୋଳନ ମୋ ଛାତି ତଳେ ତଳେ ଚହଲି ଉଠିଛି । ଦୀପାଲୀ ପାଇଁ ମୋ ଭିତରର ଆତ୍ମା କାନ୍ଦୁଛି । ଭାବନାର ସୋଲ ଭିତରେ କେତେ ଖାଲ ଢିପ ଡେଇଁ ଗାଡ଼ି ଚାଲିଛି ଆଗକୁ । ଗାଡ଼ିର ଚକ ବି କେଁ କେଁ ଶବ୍ଦ କରି ଗଡ଼ୁଛି ।

ସଦର ରାସ୍ତା ଛାଡ଼ି ମଫସଲ ରାସ୍ତା ଛୁଇଁଲା ଆମ ଗାଡ଼ି । ଗାହିର ବିଲର ଧାରେ ଧାରେ ଅଣଓସାର ରାସ୍ତାଟି ଲମ୍ବି ଯାଇଛି କାହିଁ କେତେ-ଦୂର । ମାଟି କାଦୁଅର ରାସ୍ତା । ରଡ଼ ଖରାରେ ଶୁଖି ବେଶ ଟାଣ ଧରି ଯାଇଛି ।

ବଇଶାଖର ଟାଣୁଆ ଖରାରେ ମରଣର ଲହରୀ ଛୁଟାଇ ଦୂର ଟାଙ୍ଗରା ଭୂଇଁରେ ମରୀଚିକାର ଖେଳଘର ଚାଲିଛି । ସହ୍ୟ ହେଉନି । ସତେ ଯିମିତି ଝିଲମିଲ ହୋଇ ଖରାଜଳା ବିଲ ଗୁଡ଼ିକରୁ ନିଆଁ ହୁଳା ଉଠୁଛି । ଦଲକାକୁ ଦଲକା ଖରା ଛାଟିକି ଆସି ମୋ ପାଦ ଉପରେ ବିଛୁଡ଼ି ପଡ଼ୁଛି । ଗରମରେ ଝାଉଁଳେଇ ଗଲେଣି ମୁଁ । ଆଉ ସ୍ଥିର ହୋଇ ବସି ପାରିଲିନି । ଖରା ତାପରୁ ପାଦକୁ ଟାଣି ନେଇ ବାପାଙ୍କ କରକୁ ଲାଗି ଶୋଇ ପଡ଼ିଲି । ଭାବନାଅବଶ ଆଖିପତା ମୋର ମୁଦି ହୋଇ ଆସିଲା ।

ଗାଡ଼ି କେତେବେଳେ ଆସି ଆମ ଦାଣ୍ଡରେ ଅଟକିଲା ମୋତେ ଜଣା ନାହିଁ । ପାତଳା ନିଦ ବହଳ ଧରି ଯାଇଛି । ପୁଣି ପାତଳା ଧରିବା ଯାଇଁ ଆହୁରି ଢେର ସମୟ ବାକି । ଅବଚେତନ ଅଙ୍ଗ ଉପରେ ହଠାତ

କାହାର ପରଶ ଅନୁଭବ କରି ଚମକି ଉଠିଲି ମୁଁ । ବୁଢ଼ୀ ମା ଆଲୁଅଟିଏ ମୋ ସାମନାରେ ଦେଖାଇ କହୁଛି—ଅଚାନ୍ତା ନିଦ ଭାଙ୍ଗିବ ନାହିଁ କି ବାବୁ ? ଏତେ ଦିନ ପରେ ଘରକୁ ଆସିଛୁ ଯେ ଗାଡ଼ିଟା ଭିତରେ ଶୋଇ ଯାଉଛୁ । ଆ ଭିତରକୁ ।

ମୁହଁ ଆଗରେ କିରୋସିନ ଆଲୁଅଟା ବଡ଼ ଖରାପ ଲାଗିଲା ମୋତେ । ନିଦ ପୁରା ଗ୍ରାଡ଼ିନି । ଆଖି ପତା ମାଡ଼ି ମାଡ଼ି ପଡ଼ୁଛି । ଅଳସରେ ଦେହ ଭରି ଉଠିଛି । ସିମିତ ଭଣଭଣିଆ ମୁହଁରେ ଉଠି ଆସି ମା' ପାଦ ତଳେ ମୁଣ୍ଡ ଲଗାଇଲି ।

ବୁଢ଼ାଟିଏ ହେଇଥା ବାପ ।—ବୁଢ଼ୀ ମା ଆଶୀର୍ବାଦ କଲା ।

ପୁରୁଣା କାଳର ଘର ଆମର । ଚାରି ପାଞ୍ଚ ପୁରୁଷ ତଳର ତିଆରି । ପିଣ୍ଡା ଗୁଡ଼ିକ ଖୁବ ଉଚା । ପଥର ପାହାଚ ପଡ଼ିଛି ଉଠିବା ପାଇଁ । ମାଆ ପଛେ ପଛେ ମୁଁ ମଧ୍ୟ ଉପରକୁ ଉଠିଗଲି ।

ମୋ ଶୋଇବା ଘର । ମଝାଳିଆ ଲଣ୍ଠନଟିଏ ଜଳାଇ ଦେଇ ପାଖଆଖ ଝରକାର ଗୋଟିଏ କବାଟକୁ ଆଉଜି ଠିଆ ହୋଇଛି ଶେଫାଳୀ । କୋହମିଶା ଅଭିମାନରେ ଫୁଲି ଉଠିଛି ସେ । ମୋ'ରି ଉପରେ ଅଭିମାନ···ମୋର ଦୀର୍ଘ ନୀରବତା ନେଇ ତାର ପ୍ରବଳ ଅଭିମାନ । ଘର ଭିତରକୁ ପଶିଯିବା ମାତ୍ରେ ଚାରି ଆଖି ଏକାଠି ହୋଇ ଗଲା । ଶେଫାଳୀ ମୋ ପାଦ ତଳେ ମୁଣ୍ଡ ଲଗାଇ ଓଲଗି ହେଲା । ତୁଣ୍ଡରେ କିଛି ଭାଷା ନାହିଁ । ମୁହଁ ଖୋଲି କିଛି କହି ପାରିଲାନି । ନୀରବରେ ଲେଉଟି ଗଲା ପୁଣି ଝରକା ପାଖକୁ ।

ତାର ମନୋଭାବ ମୁଁ ବୁଝିଲି । ବାସ୍ତବିକ ସେ ଅଭିମାନ କରିଛି । ନାରୀ ସେ । ଅଭିମାନ ତାର ଗର୍ବ, ଅଭିମାନ ତାର ଅଳଙ୍କାର...ଅଭିମାନ ତା' ଜୀବନର ସର୍ବସ୍ୱ । ସେ ତାର ପ୍ରାପ୍ୟ ପାଇନି···ତାର ବିକଳ ପ୍ରାଣ ପାଇଁ ଉପାଦାନ ଖୋଜି ପାଇନି । ପୁଞ୍ଜିଭୂତ ଅନୁଶୋଚନା ତା ମନ ତଳେ ପରିଳ ବୋଲି ଦେଲାଣି । ତେଣୁ ସେ ଅଭିମାନ କରିଛି । ଚାହିଁ ବସିଛି ମୋଠାରୁ ସ୍ନେହ ଆଉ ସାନ୍ତ୍ୱନାଭିଜା କଥା ପଦେ ପାଇଁ । ମୁଁ ତାକୁ ମିନତି କରିବି, ଅନୁରୋଧ କରିବି, ସୋହାଗରେ ତୋଳି ଧରିବି କୋଳରେ । ତେବେ ଯାଇ ତାର ଅଭିମାନ ତୁଟିବ ।

ସବୁ ବୁଝି ବି କିଛୁ ବୁଝି ପାରିଲିନି । ତାର ଅଭିମାନ ଆଜି ମୋ ପ୍ରାଣକୁ ବ୍ୟାକୁଳ କରୁନି···ତାର ମଧୁଢୋଳା ଅଧର ହସଟି ମୋତେ ଉନ୍ମାଦ କରୁନି । ମୁଁ ପଥର ପାଲଟି ଯାଇଛୁ । କେବଳ ଘାପାଳୀ ସେ ପଥର ଭିତରେ ଜଳର ସନ୍ଧାନ ପାଇପାରେ—କିନ୍ତୁ ଶେଫାଳୀ ନୁହେଁ !

କିନ୍ତୁ ଶେଫାଳୀ କ'ଣ ବୁଝିଛି ମୋ ଅନ୍ତରର କଥା । କିମିତି ବୁଝିବ ? ତାର ଆଦରର ଦେବତା ଯେ ଏତେ ନିମ୍ନକୁ ଖସି ଯାଇପାରେ ଏ କଳ୍ପନା ସେ ଘନକ ପାଇଁ ବି ମନକୁ ଆଣିନି । ବ୍ୟର୍ଥ ଆଶା ତା ଅନ୍ତର ତଳେ ତେଉଁ ଉଠିଛି ।

ପୋଷାକତକ ଦେହରୁ ଉତାରି ଦେଇ ମୁଁ ନୀରବରେ ବିଛଣା ଉପରେ ଶୋଇଗଲି । ବେଡ଼େଜାଇବିଶ୍ପ ପଲଙ୍ଗ ଦେହରୁ ମଲ୍ଲୀ ଫୁଲର ବାସନା ଉଠୁଛି । ଶେଫାଳୀ ବିଛଣା ଉପରେ ଫୁଲ କେତୋଟି ବିଛି ଦେଇଛି ବୋଧହୁଏ ।

କେତେବେଳେକେ ସେ ମୋ ଆଡ଼କୁ ମୁହଁ ଫେରାଇଲା । ଆଶାର ବ୍ୟର୍ଥତାରେ ତାର ଭରା ଅଭିମାନ ମନ ଭିତରେ ମରି ଯାଇଛି । ଲୁହଧାର ପଣତରେ ପୋଛି କହିଲା—ଭାତ ଆଣିବି ?

ମୁଁ ଉତ୍ତର ଦେଲିନି ।

ନଖାଇ ଶୋଇ ପଡ଼ୁଛ ଯେ ? ଭାତ ଆଣି ଦେଉଛି ।

ଗମ୍ଭୀର ହୋଇ ଉତ୍ତର ଦେଲି—ଖାଇବିନି ।

କାହିଁକି ? କଟକ ଗୁଣ୍ଡିଲାରୁ ଭୋକ ଶୋଷ ବି ମରିଗଲା ?

ନାଁ···ମୋ ଦେହ ଭଲ ନାହିଁ ।

କ'ଣ ହୋଇଛି ?

ଏତେ କଥାରୁ କ'ଣ ପାଇବ ତମେ ? ମୋ କଥା ମୁଁ ବୁଝିବି ।

ଅଧିକାର ଅଛି ବୋଲି ତ ପଚାରିଲି । ତୁମ ଦୁଃଖରେ କ'ଣ କେହି ଆଉ ଭାଗୀ ହୋଇ ପାରେ ନା ?

ଇସ, ଜମ ଦରଦତ ମୋ ପାଇଁ ନୁହଁ !

ତୁମେ ତାହୁଁ କେବଳ ବୁଝିବ ? ତୁମ ପ୍ରାଣରେ ତ ଅନ୍ୟପାଇଁ ବିନ୍ଦୁଏ ବି ମମତା ନାହିଁ । ତାହା ମୁହଁରେ ହସ ଦେଖିବାକୁ ତୁମେ ବ୍ୟସ୍ତ । ସତ ତୁମର ମମତା ଥାଆନ୍ତା ତେବେ ମୋର ଏତେ ବିକଳ ଡାକ ଶୁଣି ବି ତୁମେ କ'ଣ ପଥର ପରି ଦୂରେଇ ରହି ପାରି ଥାଆନ୍ତ ? ପରୀକ୍ଷା କରୁଥିଲ ପରା— ପରୀକ୍ଷା ତ ନୁହେଁ, ସମ୍ପର୍କ ତୁଟାଇ ଦେବା ପାଇଁ ରାସ୍ତା ଖୋଜୁଥିଲ । ପୁଣି ଆଜି କିମିତି ଆସିଲ ? ଗୋଟାଏ ଯୁଗ ପରେ ତ ଫେରିଛ । ମନ ଦୁଃଖ କଥା ପଦେ ବି କହିବନି ?

ବେଶ୍ କଥାକୁ ସଜାଇ ତ କହି ପାରିଲଣି ?

ଶେଫାଳୀ ଆଖି ଯୋଡ଼ିକରେ ଲୁହ ଭରିଲା । ପୁଣି କାନ୍ଦିଲା ପରି । କ୍ରୋଧ ମିଶା ଅଭିମାନ କଣ୍ଠରେ କହିଲା— ତୁମର ଏ ଦୀର୍ଘ ଅବହେଳା ମୋତେ ଯଥେଷ୍ଟ ଭାଷା ଶିଖାଇ ଦେଇଛି । ମଣିଷ କିମିତି ସାଧାରଣ ଧରଣର ଆହତ ନ ହେଲେ ତାର କ'ଣ ଭାଷାଜ୍ଞାନ ଆସେ ?

ହଉ ସେତିକି ଥାଉ । ନିଜ କାମରେ ଯାଅ ।

ମୋର ସବୁ କାମ ଆଜି ଦିନରୁ ଶେଷ ହୋଇ ଯାଇଛି । କେବଳ ତୁମକୁ ଖାଇବାକୁ ଦେଲେ ସରିଲା ।

ମୁଁ ତ ଖାଇବିନି ବୋଲି ମନାକଲି । କାହିଁକି ବିରକ୍ତ କରୁଛ କହିଲ ? ମାରବରେ ଦଣ୍ଡେ ଶୋଇବାକୁ ଦିଅ ।

ଦେହ ପରା ଭଲ ନାହିଁ । ବୁଲି ମୋଡ଼ି ଦେବି ।

ଲୋଡ଼ା ନାହିଁ ।

କଥାରେ ଅବାଧ୍ୟ ହୋଇ ଶେଫାଳୀ ଲାଗି ଆସୁଥିଲା ମୋ ପାଖକୁ । ବାହାରୁ ଥାଇ ବୁଢ଼ୀମା ଡାକ ପକାଇଲା — ବାପାକୁ ଗଣ୍ଡାଏ ଖାଇବାକୁ ଦେଇ ଯା ଶେଫ !

ବାଧ୍ୟ ହୋଇ ଶେଫାଳୀ ଉଠିଲା । ମନା କରିବାର ଆଉ ବାଟ ନ ଥିଲା ତା'ର ।

*

*   *

*

ବହୁତ ଉଚ୍ଚୁରରେ ଝରଣା ଗ୍ରୁଡ଼ିଲା । ରାତିରେ ନଖାଇ ଶୋଇ ଯାଇଥିଲି । ଶେଫାଳି ଯଥେଷ୍ଟ ଅନୁରୋଧ କରିଛି । ଦୁଧ ଗରମ କରି ଆଣି ମୁହଁ ପାଖରେ ଦେଖାଇଛି । ତଥାପି ମୁଁ ଅନୁରୋଧ ଶୁଣିନି । ଝରଣାକୁ ଉଠିନି କି କିଛି ଖାଇନି ।

କାମଦାମ ଶେଷ କରି ଶେଫାଳୀ ଶୋଇବା ପାଇଁ କେତେ ରାତିରେ ଫେରିଛି ସେକଥା ଜଣାନାହିଁ ମୋତେ । ମୋ ନିଦରେ ଆଖି ଆଣିନି ସେ । ସାହସ କରି ପାରିନି ବୋଧହୁଏ । ଝରଣା ଗୋଟିଏପାଖ ଆଡ଼କୁ ଶୋଇ ଯାଇଥିଲା । କଣ ରାତିରେ ବୁଢ଼ ବୁଢ଼ିଆ ନଦେଖା ସପନ ଦେଖି ଭାଙ୍ଗିଗଲା । ଝରଣାପାଖକୁ ଚାହିଁ ଦେଲି ଥରେ । ନିଦ୍ରେଇ ଲଣ୍ଠନଟି ଜଳୁଛି । ତଳେ ଖଟ ପକାଇ ଶୋଇ ଯାଇଛି ଶେଫାଳୀ । ତାର ଅଦ୍ଭୁତ ପାଣ୍ଡୁର ମୁହଁଟି ସ୍ପଷ୍ଟ ଦେଖା ଯାଉଛି ! ମଳିନତା ଭରି ଉଠିଛି । ଆଖିର କୋଣ ଲୋତକ ବେଇ ଧାର ଉନ୍ନତ ଗଣ୍ଡ ତଳକୁ ଖସି ପଡ଼ିବା ଆଗରୁ ଯାହାକୁ ପବନ ବାଜି ଶୁଖି ଯାଇଛି । ଏଇ ଘଡ଼ିଏ ହେବ ଶୋଇଛି ହୁଏତ ! କୋହ ଅମେଳ । ନିଦୁଆ ଗ୍ରୁଡ଼ ତଳୁ ରହି ରହି ଉଠୁଛି ।

ବ୍ୟାକୁଳ ହେଲିନି ମୁଁ । ତଳୁ ଉଠାଇ ଆଣି ପାଖରେ ଶୋଇ ଦେବା ପାଇଁ ହାତ ବଳାଇନି ଜମାରୁ । ପୁଣି କର ଲେଉଟାଇ ଶୋଇ ପଡ଼ିଲି ।

ଝରଣା ଗ୍ରୁଡ଼ ଉଠିଲା ବେଳକୁ ଖରା ଉଠି ଆସିଲାଣି । ଶେଫାଳୀ ଗାଧୋଇ ଆସି ଦେବାର୍ଚ୍ଚନରେ ଲାଗି ପଡ଼ିଛି । ଧୀରେ ବାହାରକୁ ବାହାରି ଆସିଲି ମୁଁ ।

ଗାଧୁଆ ତୁଠରେ ବସି ଦାନ୍ତକାଠି ଖଣ୍ଡିକ ପାଟିରେ ଦେଇ ଦେଇ ଭାବି ଚାଲିଛି ଶେଫାଳୀ କଥା । ରାତି ଖଣ୍ଡିକ ନଷ୍ଟପ୍ରାୟ ପାଇ ଯିବଣି । ରାଗ କରିଥିବ । ଖୁବ୍ ଛୋଟ ଛୋଟ କଥାରେ ସେ ଅଦ୍ଭୁତ ହୋଇ ଉଠେ, ଅଭି

ଏପରି ଅଦ୍ଭୁତ ଚିଠି ପାଇ ସେ କ'ଣ ଶାନ୍ତି ପାଇ ଥିବ ? ପ୍ରହୃତ ନାଗୁଣୀ ପରି ତାଣ୍ଡ ଉଠିଥିବ ତାର ମନ । ମୁଁ ମୋର ପ୍ରକୃତ ଅସୁବିଧାଟି ଜଣେଇ ଦେଇନି କଷ୍ଟର ସତ୍ୟର ପରଦା ଖୋଲି ଦେବାପାଇଁ । ସାହସ ନ ଥିଲା ମୋଠି । ଅନ୍ତରର ଅନେକ କଥା ତା ପାଖରେ ଛପି ରହି ଯାଇଛି । ଜାଣିବାର ସୁଯୋଗ ପାଇନି ସେ । ତୁଣ୍ଡ ଖୋଲି କହିବାର ସାହସ ନାହିଁ ମୋଠି । ଯେଉଁ ଦୀପାଲୀ ଗୋଲାପଟି ପରି ଏତେ କୋମଳ ହୋଇ ଉଠିଛି ମୋ ପାଖରେ, ସେହି ଦୀପାଲୀ ମୋ ଅନ୍ତରର ଗନ୍ଧ ପାଇଲେ ହୋଇ ଉଠିବ ରୁଦ୍ରଠାରୁ ଅଧିକ ଭୟଙ୍କର । ବଜ୍ରଠାରୁ ଆହୁରି କଠିନ । ଯେଉଁ ନିଛକ ଛଳନା ମୁଁ ଆଜି ଯାଏ କରି ଆସିଛି···ମିଥ୍ୟାର ପଙ୍କିଳତା ଭିତରେ ମୁଁ ଯିମିତି ନିଖୁଣ ଅଭିନୟ କରି ଆସିଛି, ସେକଥା ପଦାକୁ ଛିଟିକି ପଡ଼ିବା ଆଗରୁ ମୁଁ ନିଷ୍ଠୁର ଦୀପାଲୀକୁ ଡାକି ଆଣିଥିବି ଅତି ଆପଣାର କରି । ସେତେବେଳେ ସେ କ'ଣ ମୋତେ ଆଉ ଭୁଲ୍ ବୁଝିବ ?

ଅବଳା ସେ···ଛିନ୍ନ ବଲ୍ଲରୀ ପରି ସବୁଜ ପ୍ରାଣ । ମନ ତାର ଲୋଡ଼େ ପୁରୁଷର ଆଶ୍ରୟ, ପୁରୁଷର ସାହାଚର୍ଯ୍ୟ । ସେ ଯାହାକୁ ଥରୁଟିଏ ଭଲ ପାଇବସେ ତାହାର ଭିତରେ ହଜି ଯିବାପାଇଁ ତାର ପ୍ରାଣ ଆକୁଳ ହୋଇ ଉଠେ । ଆକର୍ଷଣର ଜୋରରେ ସେ ତାର ସମସ୍ତ ବିଚାରକୁ ପାଶୋରି ଯାଏ ନିମିଷକ ଭିତରେ । ଆଉ ଦୀପାଲୀ··ବିବାହର କେଇଟି ଦିନ ପରେ ସେ ମୋର ପ୍ରତାରଣାକୁ ବଳେ ବଳେ ପାଶୋରି ଦେବ । ଭୁଲ୍ ବୁଝିବାର ଆଉ ଅବକାଶ ନଥିବ ।

ଯଦି ବିବାହ ପୂର୍ବରୁ ଜାଣି ପାରେ···ତେବେ କ୍ଷତି କ'ଣ ? ଦୀପାଲୀ କ'ଣ ଦୂରେଇ ଦେବ ମୋତେ ? କେବେ ନୁହେଁ । ଏତେ ଦୃଢ଼ ମମତାକୁ ସେ ପାଶୋରି ଦେଇ ପାରିବନି । ବରଂ ସାହାଯ୍ୟ କରିବ ମୋତେ । ଶେଫାଳୀର ବିଲୋପ ପାଇଁ ଉପାୟ ବତାଇ ଦେବ । ଇମିତି କେତେ କଥା ଭାବି ଅନେକ ଥର ଦୀପାଲୀ ଆଗରେ ମୋ ଅନ୍ତରକୁ ଖୋଲେଇ ଦେବାପାଇଁ ଆଗଭର ହୋଇ ଉଠେ । ପୁଣି ପର କ୍ଷଣରେ ମନ ଭିତରଟା ଦବି ଆସେ । ସାହସ କରି କହି ପାରେନି କିଛି । ଚିଠିଟି ଭିତରେବି ବାପାଙ୍କର ସନ୍ଦେହ ତାକୁ ଜଣାଇ ଦେଇନି । କଲମ ଚଳିଲନି ଲେଖିବାକୁ । ହାତରେ

ପ୍ରାଣ ନଥିଲା ପରି ଅନୁଭବ କଲି । ଅନ୍ୟ ଏକ ଅସୁବିଧା ଦେଖାଇ ଲେଖି ଦେଇଛୁ ।

ଦୀପାଳୀ ଅଭିମାନ କରିଥିବ । ନାଁ, ବୋଧହୁଏ କରିନଥିବ । କାହା ଉପରେ କରନ୍ତା ? ସାଗରର ସୀମା ରେଖା ନ ଛୁଇଁବା ପର୍ଯ୍ୟନ୍ତ ନଦୀର ବେଗ କେବେ ବଢ଼େନି...ଅବଗୁଣ୍ଠନ ମୁକୁଳା କଅଁଳ ସିତାଂଶୁର ଧୃଷ୍ଟତା ଝଲକ ନ ଦେଖିବା ପର୍ଯ୍ୟନ୍ତ କଇଁ କୁଣ୍ଡରେ ହସ ଫୁଟେନି । ଠିକ୍ ସେମିତି ମଣିଷର ଜୀବନ । ଆଶ୍ୱାସନା ପାଇବାର ଆଶା ନ ଦେଖିଲେ ସେ କେବେ ବ୍ୟର୍ଥ ଅଭିମାନ କରି ବସେନି । ଦୀପାଳୀ ରାଗ କରିଥିବ ଚିଠିଟି ପାଇ । ମନ ତାର ଚକିତ ମନ୍ଥି ହୋଇ ଉଠିଥିବ । କିନ୍ତୁ ସେ ଅଭିମାନ କରି ପାରି ନଥିବ କେବେହେଲେ । ଚିଠିଟି ପାଇ ନିଶ୍ଚୟ ଉତ୍ତର ଦେବ ।

ବାସ୍ତବିକ୍ ସ୍ନେହର କି ନିବିଡ଼ ଆକର୍ଷଣ ! ଦିନକୁ ତିନି ଖଣ୍ଡ ଚିଠି ଲେଖିବାକୁ ତର ଅଣ୍ଟେ କିନ୍ତୁ ଖଣ୍ଡେ ବି ନିଜ ଲୋକ ପାଖକୁ ଲେଖିବାକୁ ବେଳ ମିଳେନି । ସୁଷାସ୍ୱକ ଚିଠି ଲେଖିବା ପାଇଁ ଉତ୍କଣ୍ଠା ଆସେନି । ବାପ ମା' ଭାଇ ଭଉଣୀ ସମସ୍ତେ ପାଶୋରି ହୋଇ ଯାଆନ୍ତି ମନରୁ । କିନ୍ତୁ ପ୍ରେମର ଫଲ୍‌ଗୁ ଧରି ପାହାନ୍ତ ପହରର ସପନ ଭୁଟାଇ ବି ଚିଠି ଲେଖିହୁଏ...ପରୀକ୍ଷା ପାଇଁ ପ୍ରସ୍ତୁତ ହେଉ ହେଉ ରାଇଟିଂପ୍ୟାଡ୍ ଉପରକୁ ହାତ ଚାଲିଯାଏ...କଲେଜ୍‌ରେ ଲେକ୍‌ଚର୍ ଉପରୁ ମନ ଫେରାଇ କ୍ଲାସ୍‌ରେ ବି ଲେଖି ଦେଇ ହୁଏ । ଡାକ ବେଳ ହେଲେ ମନ ଛଟପଟ ହୋଇ ଉଠେ । ସେଦିନ ଶୋଷ ବି ପାଶୋରି ଯାଏ । ଡାକ ପିଅନ୍‌ର ଘଣ୍ଟି ଶୁଣି ଖାଇବା ଥାଳି ପାଖରୁ ଉଦ୍‌ବେଗରେ ଉଠି ଯିବାକୁ ହୁଏ । କେତେ ଚିଠି ଆସେ । କେଉଁଥିରେ ପେଟ ପୁରେନି । ସବୁକୁ ଖେଳେଇ ଦେଇ ଆଖି ଦୁଇଟି ଅଧୀର ହୋଇ ଖୋଜିଯାଏ ଅତି ଆପଣାର ହାତ ଲେଖା ଦୁଇ ଧାଡ଼ିକୁ । ପରିଚିତ ସେ ଅକ୍ଷର...ନିହାତି ଜଣାଶୁଣା ।

ଭାବନା ମୋର ଶାଖା ମେଲିଛି । ବାପାଙ୍କ ସାମନାରେ ସବୁ କଥା ଖୋଲି ଦେବାକୁ ପଡ଼ିବ । ସମାଜର ଶୃଂଖଳ ଓ ସଂସ୍କୃତିର କାରା ଆଡ଼କୁ ଚାହିଁ ବସିଲେ ମନର ଆଶା ଆଶା ଭିତରେ ଶୁଖି ମଉଳି ପଡ଼ିବ । ହେଲେ ବାପା କ'ଣ ମୋର ଏଇ ଯୁକ୍ତି ମନଇ ଶୁଣିବେ ? କାତର ମନର ଭୟ

ବେଦନାରେ ତାଙ୍କର ରୁକ୍ଷ ପ୍ରାଣ ସିକ୍ତ ହୋଇ ପାରିବତ । ଶେଫାଳୀ ଯେ ଆମ ଦୁହିଁଙ୍କର ବିବାହ ପାଇଁ ଏକ ବିରାଟ ପ୍ରତିବନ୍ଧକ । ତାର ପଦଚିହ୍ନ ଯଦି ଲିଭି ଯାଆନ୍ତା ଦୁନିଆଁରୁ ...

କେଇ ଦିନ ବା ତାର ଏ ଖେଳ । ଝୁରି ଝୁରି ଝଡ଼ି ପଡ଼ିବ ସେ । ମଣିଷ ବଞ୍ଚିବା ପାଇଁ ମନର ଯେଉଁ ଖୋରାକ ଲୋଡ଼ା, ସେ ଖୋରାକ ଯେ ତାର ମୁଠି ତଳେ ଶୁଖି ପଥର ପାଲଟି ଗଲାଣି । ଅଙ୍ଗାର ପ୍ରାଣକୁ ଧରି ସେ କେମିତି ବା ତିଷ୍ଠି ପାରିବ ? ଆଘାତ ଉପରେ ଆଘାତ, ଠୋକର ଉପରେ ଠୋକର ପାଇ ତା ମେରୁଦଣ୍ଡ ଚୂନା ହୋଇ ଗଲାଣି । ଲୁହ ଲହୁରେ ଆହତ ହୋଇ ଉଠିଛି ତା ଭିତରର ଆତ୍ମା । ଅନୁଶୋଚନା ଭିତରେ ମନର ମଣିଷ କ୍ଷତ ବିକ୍ଷତ ହୋଇ ଉଠିଛି । ସେଇ ରକ୍ତାକ୍ତ ପ୍ରାଣ ଧରି ଧୂଳି ଉପରେ ଢଳି ପଡ଼ିବ ସେ । ତା ପରେ…?

ଆଖି ଆଗର ରାସ୍ତା ବେଶ୍ ପିଚ୍ଛିଳ ହୋଇ ଉଠନ୍ତା । ବାପାଙ୍କୁ ଆଉ ଏତେଟା ବୁଝାଇବା ପାଇଁ ହୁଅନ୍ତାନ । ଅତି ସହଜରେ ସେ ରାଜି ହୋଇ ଯାଆନ୍ତେ ।

ଭାବନାର କଳା ବଉଦ ମନ ଭିତରେ ଧକ୍କା ଖାଇ ଚାଲିଛି । ତାନ୍ତ ଘଷା ଶେଷ ହୋଇ ପାରିନି ସେ ପର୍ଯ୍ୟନ୍ତ । ଅଧା ଘଷା କାଠି ଖଣ୍ଡିକ ହାତରେ ଧରି ମୁଁ ଆକାଶ ପାତାଳର ସ୍ୱପ୍ନ ଦେଖୁଛି । ହଠାତ୍ ବାପାଙ୍କର ଡାକରେ ଚମକି ଉଠିଲି ।

ସେତେବେଳକୁ ଗାଧୋଇ ଆସିଲୁଣି । କ'ଣ କରୁଛୁ ଏପର୍ଯ୍ୟନ୍ତ ? ପାଣି ଭିତରେ ଘଣ୍ଟା ଘଣ୍ଟା ଧରି ବସି ବେମାରକୁ ବରଣ କରିବୁ ନା କ'ଣ ?

ଭାବନା ଥମି ଗଲା ଭୟରେ । ମୁଁ ଚଞ୍ଚଳ ହେଇ ଉଠିଲି । ହେଲେ ମନ ତଳର ସପନ ତୁଟିନି ସେ ପର୍ଯ୍ୟନ୍ତ । ଦୀପାଳୀର କଥା କେଇପଦ ମୁଣ୍ଡ ତଳେ ଗୁମୁରି ଉଠିଛି, "ଛି, ବଡ଼ ଦୁର୍ବଳ ଆପଣ ବିଜୁବାବୁ । ପୁରୁଷ ହୋଇ ଆପଣ ଯଦି ଏତେ ଭୟ କରି ପାରିଲେ ତେବେ ନାରୀ ହୋଇ ମୁଁ ବା ସାହସ ଆଣିବି କେଉଁଠୁ ? ପହିଲେ ନିଜକୁ ଚିହ୍ନିବାକୁ ଚେଷ୍ଟା କରନ୍ତୁ । ତା ପରେ ଅନ୍ୟକୁ ଦେଖିବେ ।"

ଦାନ୍ତକାଠି ଖଣ୍ଡିକ ଫିଙ୍ଗି ଦେଇ ପାଣି ଭିତରକୁ ପଶିଲି ମୁଁ ।

* * * *

ସ୍ମୃତି ତଳେ ଯେତେବେଳେ ଚାପ ଭରି ଉଠିଆଏ, ସେତେବେଳେ ଖାଁ ଖାଁ ମନଟା ଟିକିଏ ଶୀତଳ ଲେପ ପାଇବା ପାଇଁ ଯାହାର କଅଁଳ ପାପୁଲିଟିକୁ ଖୋଜି ବସେ ତାକୁ ନପାଇବା ପର୍ଯ୍ୟନ୍ତ ଶ୍ରୋକ ଶୋଷ ପର୍ଯ୍ୟନ୍ତ ବି ଚେଇଁ ଆଡେ଼ ହଜିଯାଏ । କଟକ ସ୍ମୃତିବାର ବୃତ୍ରେଟି ଦିନ ପୂରିଗଲା । ପାଞ୍ଚଦିନ ତଳେ ଦେଖା ହୋଇଥିଲା ଦୀପାଳୀ ସାଥିରେ । ଗୋଟିଏ ଦିନ ଗୋଟିଏ ଯୁଗପରି ଲାଗୁଛି । ମନ ପବନ ଘୋଡ଼ାରେ ଚଢ଼ି ହଇଲା ମନଟି ଉଡ଼ି ଯାଉଛି ଅନେକ ଦୂର । ଦୀପାଳୀର ଛଳ ଛଳ ଆଖି, ଢଳ ଢଳ ହସ, ଢଳ ଢଳ ମୁହଁ ମୋତେ ଆକୁଳ କରି ଦେଉଛି । ସ୍ମୃତି ତଳେ ନିଆଁ ଜଳୁଛି । ପ୍ରତ୍ୟେକ ଥରେ ଦୀପାଳୀର ଗୋରା ମୁହଁର ଅବିକଳ ନକଲ । ହସିବା ଚେଷ୍ଟା କରି ବି ହସି ପାରୁନି । ସାଙ୍ଗ ସାଥୀଙ୍କ ସହିତ ପଡିଏ ମନ ଖୋଲି କଥା ବି ହୋଇ ପାରୁନି । ମୂକ, ନିର୍ବାକ ପାଲଟି ଯାଉଛି ମୁଁ । ମୋର ଅନ୍ୟ ମନସ୍କତା ସମସ୍ତଙ୍କ ମନରେ ମୋ ପାଇଁ ସନ୍ଦେହ ବଢ଼େଇ ଦେଉଛି । ତଥାପି ମୁଁ ନିଜକୁ ବଦଳାଇ ପାରୁନି ।...

ବାପାଙ୍କ ପାଖରେ ମନ କଥା ଖୋଲି କହିବାତ ଦୂରର କଥା, କଟକ ଫେରି ଯିବାପାଇଁ ଅନୁମତି ଟିକକ ବି ଆଣି ପାରୁନି । ଅନେକ ଥର ସାହସ ଠୁଳ କରି ଆଗେଇ ଯାଇଛି କିନ୍ତୁ, ତାଙ୍କର ସେ ଶାନ୍ତ ସୌମ୍ୟ ମୁହଁଟିକୁ ଚାହିଁ ଦେଖାମାତ୍ରେ ମୋର ସବୁ ଦମ୍ଭ ଭୁଷୁଡ଼ି ପଡ଼ୁଛି । କଣ୍ଠନଳୀ ଭେଦି ଅଭିଯୋଗ ଓଣ୍ଠ ପର୍ଯ୍ୟନ୍ତ ଆସି ପାରୁନି । କହିବି କହିବି ହୋଇ ଫେରି ଆସିଛି । ଅଭିଯୋଗ ବାଢ଼ିବା ପାଇଁ ରାସ୍ତା ଖୋଜି ପାଉନି ।

ନିଛାଟିଆ ଖରା ବେଳଟାରେ ବିଛଣା ଉପରେ ବସି ଭାବୁଥିଲି କେତେ କଥା । ଉତ୍ତେଜିତ ଭାବନା ନେଇ ଉଠି ଆସିଲି ପଦାକୁ । ଦୁଆର ବନ୍ଧ ଟପି ଆଗକୁ ପାଦ ବଢ଼ାଇଛି, ଠିକ୍ ସାମନାରେ ଭେଟିଲି ବୁଢ଼ୀ ମା'କୁ ।

ହାତରେ କ'ଣ ଧରି ଫେରୁଥିଲା ସେ । ମୋତେ ଦେଖି ନେଇ କହିଲା—ଏ ଅବେଳଟାରେ କୋଉଠିକି ବାହାରି ପଡ଼ିଲୁ ଭଜ୍ ?

ବସି ବସି ଭଲ ଲାଗିଲାନି । ଖାଲି ଟିକିଏ ବୁଲି ଆସେ ।

ଏ ହଡ଼ୁହଡ଼ିଆ ଖରାଟାରେ ?

ତୋର ସେଥିରେ ଅଛି କ'ଣ ? ସାମାନ୍ୟ ଖାପଛଡ଼ା କଣ୍ଠରେ ଜବାବ ଦେଇ ଚାଲି ଯାଉଥିଲି, ପଛପଟୁ କମିଜ୍‌ଟା ଟାଣି ଧରିଲା ସେ ।

ତୁ କାହିଁକି ଇମିତି ହେଉଛୁ କହିଲୁ ?

କିଛିତ ହେଇନି ।

ତୁ ଜାଣୁ, ତୋର ଏଇ ପ୍ରକାର ବ୍ୟବହାର ନେଇ ବାପା ବଡ଼ ବ୍ୟସ୍ତ । ଗୋଟିଏ ବୋଲି ପୁଅ । କେତେ ଆଶା କରିଥିଲୁ ତୋତେ । ଶେଷରେ ଇମିତି ହେଲୁ ନା ?

କ'ଣ ହେଲି ଯେ ?

କ'ଣ ବା ନ ହୋଇଛୁ ? ଝିଲେଇ ଆଖି ବୁଜି ବୁଜି ଦୁଧ ପିଉଛି ପରା । ହେଲେ ତୋର ଏ ଢଙ୍ଗ ରଙ୍ଗ ନ ବୁଝୁଛି କିଏ ? ତୁ କ'ଣ କରିବୁ ? ସେତ ମୁଣ୍ଡଟାକୁ ବିଗାଡ଼ି ଦେଇ ସାରିଲଣି ।

କଥାଟା ମୋ ଦେହରେ ଚଟ୍‌କରି ଲାଗିଗଲା । ଶକ୍ତ କରି ପଚାରିଲି—କାହା କଥା କହୁଛୁ ତୁ ?

ସେଇ ବା । ଯାହା ଘରକୁ ଖେଳି ଖାଇ ଯାଇଥିଲୁ ସେ ଦିନ । ତୋର କ'ଣ ମନ ନାହିଁ ? ହଇରେ ବାପ, ପାଠ ପଢ଼ିତ ମଣିଷ ହୋଇଛୁ । ଆଚ୍ଛା, କହିଲୁ ଭଲା—ଏ ଦୁଇ ଦିନଆଁ ରୂପର ଭେଲିକି କ'ଣ ସବୁଦିନେ ରୁହେ ନାଁ । ଏ କଅଁଳ ଛନ ଛନ ମନ ସବୁବେଳେ ଥାଏ ? ଦିନେ ନା । ଦିନେ ନରମି ଆସିବ । ଯାହାକୁ ଧରି ସବୁଦିନେ ସୁଖୀ ହେବୁ, ଭବିଷ୍ୟତକୁ ଘର ଦୁଆର କରି ଆନନ୍ଦରେ ରହିବୁ—ତାକୁ ତୁ ଆଜି ଗୋଟାଏ କୋଉ ଅଜଣା ଝିଅ ବୁଦ୍ଧିରେ ପଡ଼ି ପାଶୋରି ଦେଉଛୁ ? ଛି, କାହିଁକି ତାକୁ ଇମିତି କନ୍ଦଉଛୁ କହିଲୁ !

ମୁଁ ନବାକ ଚାହାଣିରେ ବୁଢ଼ୀମା' ମୁହଁକୁ ଚାହିଁଲି ।

ସେ କଥାରେ ଗ୍ରେଭ ନ ଦେଇ କହି ଚାଲିଛୁ—ଶେଫାଳୀ ମୋ ଘରର ଲକ୍ଷ୍ମୀ । ରୂପରେ, ଗୁଣରେ କେଉଁଥିରେ ସେ ଊଣା କହିଲୁ ! ତୋର ପାଇଁ ତା ଆଖିରେ ସବୁବେଳେ ଲୁହ । ଦଣ୍ଡେ ପାଇଁ ବି ମନରେ ସରାଗ ନାହିଁ । ସେଦିନୁ ତ ଘରକୁ ଆସିଲୁଣି । ଏକାଠି ଦୁହେଁ ବସି ପଦେ ମନ ଖୋଲି କଥା ହୋଇଛନ୍ତି ? ତୁ ଆସିବାର ଖବର ପାଇ ପାଦ ତାର ତଳେ ଲାଗୁ ନଥିଲା । ଅଧ ଓଳିଏ ଦିନରୁ ସବୁ କାମ ତୁଟାଇ ଅନେଇ ବସିଥିଲା ତୋତେ । କାହିଁକି ତୋଠାରୁ କ'ଣ ଇମିତି ଅବହେଳା ପାଇବ ବୋଲି ? ତୋତେ ସେ ଯେତିକି ଖୁସି କରିବାକୁ ଚାହୁଁଛି, ତୁ ତାକୁ ସେତିକି ଦୁଃଖ ଦେଉଛୁ । ଛି, ଏପରି ଲକ୍ଷ୍ମୀକୁ ଅବହେଳା କରନ୍ତି ? ଯେତେ ଯେଉଁଠି ଦେଖିଲେ ବି ମୋ ଶେଫ ପରି ସୁଧାର ଶାନ୍ତ ପିଲାଟିଏ ତୁ କ'ଣ ଆଉ କେଉଁଠି ପାଇବୁ ?

ଦୀପାଳୀର ଅପମାନ ଶୁଣିବା ପାଇଁ ଧୈର୍ଯ୍ୟ ନଥିଲା ମୋ ଦେହରେ । ରାଗରେ କୁହୁଳି କୁହୁଳି କହିଲି—ତୋ ଶେଫାଳୀ ତୋତେ ସୁନ୍ଦର, କିନ୍ତୁ ମୋତେ ନୁହେଁ । ଯେ କାନ୍ଦିବାକୁ ଚାହୁଁଛି, ସେ ଇମିତି କାନ୍ଦି କାନ୍ଦି ମରୁ । ଷଡ କ'ଣ ?

କ'ଣ କହିଲୁ ? ଗର୍ଜି ଉଠିଲା ବୁଢ଼ୀ ମା । ଗୋଟାଏ କୋଉ ଛତରଖାଇ ଲାଗି ମୋ କୁଳ ବୋହୂକୁ ତୁ ମାରି ଦେଇ ବସିଛୁ ? ତୋର ବୁଦ୍ଧି ବିବେକ କୁଆଡ଼େ ଗଲାକିରେ ! ମୋ ଶେଫ ପୁଣି କାନ୍ଦି କାନ୍ଦି ମରିବ ? ଆଉ ହସି ହସି ଧାଇଁ ଆସିବ କିଏ ବା ? ଏ ଘର ଦୁଆର ଆଉ କାହାପାଇଁ ? ସେ ବାରବୁଲି ଝିଅ ପାଇଁ ? ମୋ ଅଲିଅଳ କୁଳବୋହୂ, ଶେଫାଳୀ ଠାରୁ ସେ କ'ଣ ବେଶୀ ଗୁଣର ନାଁ ରୂପର ? ହଇରେ, ସ୍ନୋ, ପାଉଡର ଗୋଳହୋଇ ଚକ୍ ଚକ୍ ହୋଇ ଉଠିଲେ ସେଥିରେ କ'ଣ ସବୁ ହୋଇଗଲା ? ସେ ରୂପ କେଇ ଦିନ ପାଇଁ ବା ? ଆଖି ପେଚୁଲାକେ ବୟସ ଖସି ପଡ଼ିଲେ ହାତରେ ଲୁହ ପୋଛୁଥିବୁ ଯେ । ଯାହାପାଇଁ ତୁ ଆଜି ପାଗଳ ପରି ମୋ ମା'କୁ ଗୋଇଠା ମାରି ଚାଲିଛୁ, ଦିନ ଆସିବ ସେ ତୋତେ ଦୂରେଇ ଦେବାପାଇଁ ବି ପଛେଇବ ନାହିଁ । ଆଜି କାଲିକାର ଫେସନବାଲି

ଝିଅଟି ସେ ! ପାଠ ଦୁଇ ଅକ୍ଷର ପଢ଼ି ସହରରେ ରହିଲେ ଛୋପରୁ କେତେ ଟୋକାଙ୍କୁ ସେମାନେ ଏକାବେଳକେ ସ୍ନେହ କରି ପାରନ୍ତି, ଏ କଥା କ'ଣ ତୁ ବୁଝୁନୁ ? ବଜାର ଦାଣ୍ଡରେ ମୁଣ୍ଡ ମୁକୁଲାକରି ସଞ୍ଜ ପବନ ଖାଇବାରେଇ ଚରିତ୍ର ବଳେ ମାଡ଼ି ଆସୁଥିବ । ଅଚେଇ ଢଙ୍ଗଆଁ ସେ ସବୁ । କାହିଁକି ମା' ତୁ ଉଠିକୁ ସେଥିରେ କହିଲୁ ?

ବୁଢ଼ୀମା ସାଙ୍ଘାତିକ ଧରଣର ଉତ୍ତେଜିତ ହୋଇ ଉଠିଛି । ତୁଣ୍ଡରେ ତା'ର ବାତ୍ସଲ୍ୟ ବାଜୁନି । କଥାଟା ବାଧୁଛି ବୋଧହୁଏ । ସାମାନ୍ୟ ଡରି ଗଲି ମୁଁ । ପାଖ ଘରେ ବାପା ଶୋଇ ଯାଇଛନ୍ତି । ଯଦି ତାଙ୍କର ନିଦ ଛୁଟିଯାଏ ତେବେ ଅବସ୍ଥା ସାଙ୍ଘାତିକ ହୋଇ ଉଠିବ । କଣ୍ଠରେ କୋମଳତା ଆଣି କହିଲି—ଭୁଲ୍ ବୁଝନା ମା । ପରେ ଏ ବିଷୟରେ କଥା ଭାଷା ହେବା ।

ବୁଢ଼ୀମା'ର ଗରମ କଥା ନରମ ଧରିଲା । ମୋ ପିଠି ଉପରେ ଥରେ ହାତ ବୁଲାଇ ଆଣି କହିଲା—ଛି, ସୁନାଝି ପରା ଇମିତି ଦୁଷ୍ଟ ହୁଅନ୍ତି ? ଛି ଛି ଲୋକେ ଶୁଣିଲେ କହିବେ କ'ଣ ? ସେ ଚାଲିଗଲେ ପ୍ରକୃତି ଗ୍ରନ୍ଥ ଦେ ।

ନୀରବରେ ତା କଥାକୁ ସମର୍ଥନ କରି ମୁଁ ଆଗକୁ ପାଦ ବଢ଼ାଇଲି । ଫୁଲ୍ ଫଳରେ ବହଳ ଗଛଟା ନଇଁ ପଡ଼ିଛି । ସତେ ଯିମିତି ମୋ ମୁଣ୍ଡ ଉପରେ ଓଜାଡ଼ି ହୋଇ ପଡ଼ିବ—

*

*  *

*

ଶେଫାଳୀ ଆଜି ନିଜକୁ ବେଶ୍ ସୁନ୍ଦର କରି ସଜାଇଛି । ଗୋରା ଦେହ ଉପରେ ଚିକ୍କଣ କଳା ରଙ୍ଗର ଖଣ୍ଡେ ଶାଢ଼ୀ । ମଥା ବୁଲି ପାଖକୁ ଘେରାଇ ଦୁଇସରିଆ ବେଣୀଟିଏ । ତା ଉପରେ ଯୁଇମଲ୍ଲୀ ଫୁଲର ବେଷ୍ଟରଣ । ସିନ୍ଦୂରର ଗୋଟିଏ ବିନ୍ଦୁ ଠିକ୍ କପାଳ ମଝିରେ ଚକ୍ ଚକ୍ କରୁଛି । ପାଦରେ ଅଳତା । ଡାହାଣ ହାତ ମଝି ଆଙ୍ଗୁଠିରେ ଗୋଟିଏ ପଥର ବସା ମୁଦି, ଉଜ୍ଜ୍ୱଳ ଲ୍ୟାମ୍ପ ଆଲୁଅରେ ଜଳୁଛି । ଝଲଦମଣା

ଦେହ ଉପରେ ଅତ୍ୟାଧୁନିକା ଫରପାଟୀ ଠିକ୍ ଗୋଟିଏ ଦୁଧ ଅଳତା ଗୋଳା । ଅନୁଢ଼ା ରାଜକୁମାରୀ ଭଳି ତୋଳିଛି ତାକୁ । ଦହିଣା ପବନରେ ଉଡ଼ୁଛି ତାର ପଣତ । ଅର୍ଥଭରା ଦୃଷ୍ଟି ଖେଳାଇ ରାସ୍ତା ପଥର ସ୍ୱାଗତିକା ପରି ଠିଆ ହୋଇଛି ସେ ।

କାହାଲାଗି ତାର ଆଜି ଏ ରୂପର ସମ୍ଭାର ? ଆଖିକୁ ସୁନ୍ଦର ଦେଖା ଯାଉଥିଲେ ମଧ୍ୟ ମୁଁ ତା ରୂପକୁ ତାରିଫ କରି ପାରିଲିନି ।

କବାଟର ଶିକୁଳି ଦେଇ ଶେଫାଳୀ ଲ୍ୟାମ୍ପ ଆଲୋକଟା ସାମାନ୍ୟ କମେଇ ଖର ଦୀର୍ଘଶ୍ୱାସଟାଏ ଟାଣି ଉଠି ଆସିଲା ବିଛଣା ଉପରକୁ ।

ମୁଁ ନିଶ୍ଚଳ ଭାବରେ ଶୋଇ ରହିଥିଲି । ମୋର ଗୋଟିଏ ହାତକୁ ଅତି ନିବିଡ଼ ଭାବରେ ଚିପି ଧରି ଫୁଙ୍କୁଳା ଛାତି ଉପରେ ମଥା ନତ ଦେଲା । ଘୃଣାରେ ମୁଁ କମ୍ପି ଉଠିଲି ।

ଶେଫାଳି...

ଶେଫାଳୀ ନୀରବ । କୋହ ମିଶା ନିଶ୍ୱାସ ବାଜୁଛି ମୋ ବୁକୁ ଉପରେ । ଦେହର ସମସ୍ତ ଶକ୍ତି ଠୁଳ କରି ଘାଲେଇ ପଡ଼ିଛି ସେ । ଉପରୁ ଉଠାଇ ଦେବାପାଇଁ ଚେଷ୍ଟା କଲି । କିନ୍ତୁ ପାରିଲିନି । କହିଲି, ସରାଗହୀନ ବୁକୁ ଉପରେ ମଥା ପିଟି କିଛି ଲାଭ ହେବନି ଶେଫାଳୀ । ସେ ଛାତି ଭିତରେ ତୁମ ପାଇଁ ଆଉ ଉତ୍ତାପ ନାହିଁ—ସମବେଦନା ଜଣାଇବାପାଇଁ ଦରଦ ଶୁଖି ଯାଇଛି ଅନେକ ଦିନୁ । ଉଠ ତୁମେ—

ଅଚଳ ଶେଫାଳୀର ସଜଳ ନୟନ କୋଣରେ କ୍ରନ୍ଦନର ନିର୍ଯ୍ୟାସ । ଛଳ ଛଳ କଣ୍ଠରେ କହିଲା—ମୋତେ ଆଉ ହତାଶ କରନି ଦେବତା । ମୁଁ [illegible]ନି । ତୁମର ଏ ଅବହେଳା ଜମାରୁ ସହି ପାରିବନି । ତୁମେ ମୋତେ ପାଦରେ ଠେଲି ଦିଅନି—ଘୃଣାରେ ତଡ଼ି ଦିଅନି ପାଖରୁ । ଦୋଷ ଯଦି କରିଥାଏ ତେବେ ଶାସ୍ତି ଦିଅ । ମୁଣ୍ଡ ପାତି ସହି ନେବି । କିନ୍ତୁ ତୁମର ଏ ନିର୍ମମତା ଆଉ ସହି ପାରିବନି । କୁହ ଦେବତା—କୁହ ତୁମେ ରୁଷ୍ଟ କ'ଣ !

ତୁମଠାରୁ ମୋର କିଛି ଲୋଡ଼ା ନାହିଁ ଶେଫାଳୀ । ତୁମେ ମୋତେ ସୁଖୀ କରିଇ ପାରିବନି । ଜୀବନର ସୁନ୍ଦର ପରିସର ଭିତରେ ମରଣର କାଳିମା ଦେଖିବାକୁ ଆକୁଳ ହୋଇ ଉଠନି । ତୁମର ବା ନାହିଁ କ'ଣ ?

ଯୌବନ ଭରା ରୂପ ଅଛି—ବସ୍ତ୍ରର ସମ୍ଭାର ଅଛି—ମହୁଆ ନିଶାରେ ମାତାଲ କରିବାପାଇଁ ଆଖି ଦୁଇଟିରେ କଟାକ୍ଷ ବି ଅଛି । ଏ ବିରାଟ ଦୁନିଆରେ ତୁମ ରୂପପାଇଁ ଢେର ପୂଜକ ମିଳିବେ ।

ବିମୂଢ଼ା ଦୃଷ୍ଟିରେ ଶେଫାଳି ମୋ ମୁହଁକୁ ଦଣ୍ଡେ ଚାହିଁଲା । କଣ୍ଠ ତାର ଥରୁଛି ।

ଏ କ'ଣ ତୁମ ଅନ୍ତରର କଥା ? କମିତି ସାହସ କଲ କହିବାପାଇଁ ? କମିତି ତୁମର ତୁଣ୍ଡ ଖୋଲିଲା ?

ବୁକୁର କୋହ ଆଉ ଆଖିର ଲୁହ ଅଟକାଇ ଶେଫାଳୀ କାନ୍ଦୁଛି । ମୁଁ ତାକୁ ଜୋର୍ କରି ଛାତ ଉପରୁ ଖସାଇ ଆଣି ଘର ଲେଉଟାଇଲି ।

ନଗୁଟିଆ ସପନଟିଏ ଦେଖି ବିଛଣା ଛାଡ଼ିଲି ବେଳକୁ ଶଙ୍ଖସାର ବହଳ ଅନ୍ଧକାର ପତଳା ଧରି ଆସିଥାଏ । ହେଲେ ସମ୍ପୂର୍ଣ୍ଣ ଭୋର ହୋଇନି । ମୁଣ୍ଡ ଉପରର ଲ୍ୟାମ୍ପଟି ଢକ୍ ଢକ୍ ହୋଇ ଜଳୁଛି । ଶେଫାଳୀ ଶୋଇ ଯାଇଛି ନିଦରେ । ତା ମୁହଁକୁ ଦଣ୍ଡେ ଚାହିଁଲି । ରାତିର ଶେଷ ପବନରେ ଅଳ ଉଠିଛି ଶିମିଠି । ନିଦରେ ବ୍ୟାଘାତ ନ ଦେଇ ଧୀରେ ବିଛଣା ଛାଡ଼ି ଉଠି ଆସିଲି ପଦାକୁ ।

ଘରର ସମସ୍ତେ ଶୋଇ ଯାଇଛନ୍ତି । ସ୍ୱପ୍ନ ବିଶୃଙ୍ଖଳିତ ଜୀବନର ଏକ ବିରାଟ ଅଭିନୟ ଲାଗିଛି ଦୁନିଆଁର ଅଙ୍ଗନେ ଅଙ୍ଗନେ । ଫାଙ୍କା ମନରେ ସାଇକେଲ୍‌ଟି ଧରିଲି ।

ସାଇକେଲ୍ ଛୁଟିଛି ଅଙ୍କା ବଙ୍କା ରାସ୍ତା ଦେଇ ଆଗକୁ । ଆଖି ସାମନାରେ ଅନେକ ଚେନା ରାସ୍ତା । ଧୂଳି ଧୂସରିତ ହୋଇ ଲମ୍ବି ଯାଇଛି କାହିଁ କେତେ ଦୂର । ନୀଳ ଆକାଶଟା ବି ଧୂସର ରଙ୍ଗ ଧରି ଆସିଛି । ଅସୀମ ଦୁନିଆଁର ବେଳାଭୂମି ଉପରେ ରାସ୍ତା ଖୋଜି ଖୋଜି ମୋ ସାଇକେଲ୍ ଲକ୍ଷ୍ୟହୀନ ପରି ଆଗେଇଛି ।

ଅଳକା ନଦୀ । ଶୁଭ୍ର ସିକତାର ଏକ ବହଳ ଗାଲିଚା କାହିଁ କେତେ-ଦୂର ଲମ୍ବି ଯାଇଛି । ବନ୍ଧକଡ଼କୁ ସାଇକେଲ୍‌ଟା ଥୋଇ ଦେଇ ଖସି ଆସିଲି ତଳକୁ ।

ଖରା ଉତ୍ତାପରେ ଅଶାନ୍ତି ବୋଧ କରିବା ଯାଏଁ ନଈ ବାଲିରେ ବସି ଖେଳୁଥିଲି । ଶେଷରେ ଭଙ୍ଗା ମନ ଧରି ଫେରିଲି ଘରକୁ ।

ଡାକ୍ତର ବକୁଳଗଛ ତଳେ ସାଇକେଲ୍‌ଟି ଅଉଜାଇ ଦେଇ ପିଣ୍ଡା ଉପରକୁ ଉଠି ଆସିଲାବେଳକୁ ଦୁଆର ବନ୍ଧ ଓଗାଳି ଠିଆ ହୋଇଛି ଶେଫାଳୀ । ହାତରେ ତାର କପ୍‌ଭର୍ତ୍ତି ଚା' । ଗରମ ବାମ୍ଫ ବାହାରୁଛି ।

ଶେଫାଳୀ ଅଭିଯୋଗ ସ୍ୱରରେ କହିଲା—ରାତି ନ ପାହୁଣୁ କେଉଁ-ଆଡ଼େ ଚାଲି ଯାଇଥିଲ ? ନିଅ, ଶୀଘ୍ର ଖାଇ ଦିଅ ।

ମୁଁ ଚା' ଖାଇବିନି । କଡ଼ା ଗଳାରେ କହିଲି ।

ସେକଥା ହେଇ ପାରିବନି । ତୁମେ ଯଦି ନ ଖାଇବ ତେବେ ମୁଁ ବି ତୁମକୁ ବାଟ ଛାଡ଼ିବିନି ।

ଶେଫାଳୀ...

ରାଗିବ ତ ? ରାଗ । ମନଭରି ରାଗ । ସବୁ ମୁଣ୍ଡପାତି ସହି ନେବି । କିନ୍ତୁ ଚା' ନ ଖାଇଲେ ମୁଁ ଆଦୌ ବାଟ ଛାଡ଼ିବିନି ।

ରାଗ ମୋର ମୁଣ୍ଡ ପର୍ଯ୍ୟନ୍ତ ଉଠି ଆସିଥିଲା । ଜୋର୍‌ରେ ଠେଲି ଦେଲି ତାକୁ । ହଠାତ୍ ଚା' ଭର୍ତ୍ତି କପ୍‌ଟି ତାର ଅଳତାରଞ୍ଜିତ ପାଦ ଉପରେ ଲେଉଟି ପଡ଼ିଲା । ସବୁତକ ଗଡ଼ି ଯାଇଛି । ଗରମରେ ପାଦ ଉପର ପାତଳା ଚମ ବି ସିଝି ଉଠିଛି । ଯନ୍ତ୍ରଣାରେ ଅଧୀର ହୋଇ ଶେଫାଳୀ ଚିପା ଗଳାରେ ଚିତ୍କାର କରି ଉଠିଲା ।

ପାଖଘରୁ ବାପା ପାଟି କରି ଉଠିଲେ—କ'ଣ ହେଲା ମା ?

ନା, କିଛି ହୋଇନି ବାପା ! ହାତରୁ ଚା' କପ୍‌ଟା ଖସି । ପଡ଼ିଲା ! ମୋ ଦୋଷକୁ ଘୋଡ଼ାଇବା ପାଇଁ କହି ପକାଇଲା ଶେଫାଳୀ । ଆଖିରୁ କେଇ ବିନ୍ଦୁ ଲୁହ ଝରି...ମାଟି ବତୁରି ଗଲା ।

*
* *
*

ଗୁଇ ନେହଟାଣି ବେଳ....

ଶାଶୁ ଲୋକ ପଠାଇ ଥିବାରୁ ବାପାଙ୍କ ଆଦେଶ କ୍ରମେ ଶଶୁରଘର ଉଦ୍ଦେଶ୍ୟରେ ବାହାରି ପଡ଼ିଲି ମୁଁ ।

ଆମ ଘର ସାମନା ବିଲ ଖଣ୍ଡିକ ଟପିଲେ ଶ୍ୱଶୁର ଘର । ଡ଼ାକେ ବାଟ କମାରୁ । ଏକା ଗାଁ କହିଲେ ଚଳେ । କେବଳ ଗମ୍ଭୀର ବିଲ ଖଣ୍ଡିକ ଦୁଇଟି ଗାଁକୁ ଅଲଗା କରି ଦେଇଛି ଆଉ ତାକୁ ସଂଯୋଗ କରି ଦେଇଛି ବିଲ ମଝିର ସରୁ ରାସ୍ତାଟିଏ ।

କେଇଟି ମୁହୂର୍ତ୍ତ ପରେ ମୁଁ ଶେଫାଳୀ ଘରେ ପହଂଚିଲି । ଶାଶୁ ବାଟ ଚାହିଁ ବସିଥିଲେ । ମୋତେ ଦେଖି ଆଗ୍ରହରେ ଧାଇଁ ଆସିଲେ ଆଗକୁ । ନମ୍ର ଭାବରେ ତାଙ୍କ ପାଦ ତଳେ ମୁଣ୍ଡ ଲଗାଇଲି ମୁଁ ।

ଘର ଭିତରେ ସପ ଖଣ୍ଡେ ବିଛାଇ ଦେଇ କହିଲେ—ବସ ବାବୁ । ଢ଼କେ ଡାକିଲେ ତ ଆସନ୍ତ । କେତେଥର ଲୋକ ଯାଇ ଫେରିଆସିଛି । ହଁ, ପାଠ ପଢ଼ି ବଡ଼ ଲୋକ ହେଲ । ଆଉ ଆମ ପରି ଗରିବଙ୍କୁ କାହିଁକି ପଚାରିବ ?

ଅଳ୍ପ ହସି ମୁଁ କହିଲି—ଛି, ଆପଣ ସେପରି କାହିଁକି ଭାବୁଛନ୍ତି ? ଘରକୁ ତ ମୁଁ ଖୁବ୍ ଅଳ୍ପ ସମୟ ପାଇଁ ଆସେ । ବେଳ ଅଣ୍ଟେନି ଏଆଡ଼େ ଆସିବାକୁ ।

ସେ ଦଣ୍ଡେ ନୀରବ ରହି କହିଲେ—ହଁ, ଅନେକ ଦିନ ହେବ ତ ଘରକୁ ଆସୁ ନ ଥିଲ ବୋଲି ଶୁଣୁଥିଲି । ଶେଫାଳୀକୁ ପଚାରିବାରୁ ସେ କହିଲା—ତାଙ୍କର କ'ଣ କାମ ପଡ଼ିଛି ଯେ, କମାରୁ ସମୟ ମିଳୁନି । ସେଥିପାଇଁ ସେ ଆସି ପାରୁ ନାହାନ୍ତି ।

ଶେଫାଳୀ ବୁଦ୍ଧିକୁ ମନେ ମନେ ଯେତିକି ତାରିଫ୍ କଲି, ସେତିକି ଆଶ୍ଚର୍ଯ୍ୟ ହେଲି ତାର ଧୈର୍ଯ୍ୟ ଦେଖି । ତଥାପି ବ୍ୟସ୍ତ ହୋଇ ଉଠିନି ସେ ।

ଠିକ୍ ଏତିକିବେଳେ ଗୋଟିଏ ହାତ ଆଳିଆରେ ପାନ ଓ ସିଗାରେଟ ଆଣି ଶେଫାଳୀର ସାନ ଭଉଣୀ ଶିଉଳି ଥୋଇଦେଲା ମୋ ସାମନାରେ । ନିଜର ହୋଇ ଫେରି ଯାଉଥିଲା । ଡାକିଲି—ଶୁଣ ଶିଉଳି !

ସେ ଅଟକି ଠିଆ ହେଲା । ଭରା ଯୌବନର ଖସାଡ଼ିଆ ମୁହଁଟି ତାର ତଳକୁ ହୋଇ ଯାଇଛି ।

ଏ ଭଦ୍ରତା କେବେଠୁଁ ଶିଖିଲୁ ?

ବଙ୍କାଳ ଭ୍ରୂ ଉପରେ ପ୍ରଶ୍ନବାଚୀର ଇଙ୍ଗିତ ଦେଇ ସେ ଚାହିଁଲା ମୋତେ ।

ମୁଁ ସିଗାରେଟ୍ ଓ ପାନ କୌଣସିଟା ଖାଏନା ବୋଲି ଅନେକ ଆଗରୁ ତୁ ଜାଣିଛୁ ବୋଧହୁଏ ।

ଶିଉଳି ତୁଣ୍ଡ ଖୋଲିଲା ।

ସେ ତାଲିକା ରଖିବା ମୋର କାମ ନୁହେଁ । ଯାହାର କିଛି ନ ଖାଇବା କଥା, ସେ ପୂର୍ବରୁ ବାରଣ କରି ଦେଇଥିଲେ ବରଂ ଆମେ ଏ ଝଞ୍ଜଟରୁ ତ୍ରାହି ପାଇ ଯାଇ ଥାଆନ୍ତୁ ।

ବେଶ୍ କଥା ତ କହି ଶିଖିଲୁଣି ?

ଆଉ କ'ଣ ଆପଣ ଏକା ଶିଖି ଥାଆନ୍ତେ ?

ହଉ ବସ । ସ୍ୱୈରିଣୀଙ୍କ ପରି ମୁହଁ ଲୁଚାଇ କୁଆଡ଼େ ପଳଉଚୁ ?

ମଫସଲ ଗାଁରେ ବଢ଼ି ଥିଲେ ବି ଶିଉଳି ଦେହରେ ଆଧୁନିକତାର ପରଶ ଲାଗିଛି । ପାଠ ବି ମାଇନର ପର୍ଯ୍ୟନ୍ତ ପଢ଼ିଛି । ବେଶୀ ସମୟ ଘର କଣରେ ମୁହଁ ଲୁଚାଇବାକୁ ସେ ଘୃଣା କରେ । ମୋ ମୁହଁରୁ ସ୍ୱୈରିଣୀ ଶବ୍ଦଟା ଶୁଣି କେଜାଣି କ'ଣ ଭାବିଥିବ ପାଇଁ ତା ଜିଭ ଖିଲ୍ ଖିଲ୍ ହୋଇ ଉଠୁଥିଲା । କିନ୍ତୁ ମାଉ ଉପସ୍ଥିତି ତା ଗତିକୁ ରୋକି ଦେଲା ଅନେକଟା । ମୁହଁକୁ ଫୁଲେଇ ଦେଇ ସେ ନୀରବରେ ବସି ପଡ଼ିଲା ।

ତୁ ବନ୍ଧୁ ସାଥିରେ କଥା ହେଉଥା ଶିଉଳି ! ମୁଁ ଆସୁଛି—ଶାଶୁ ଅନ୍ୟ କାମରେ ଘରୁ ବାହାରି ଗଲେ ।

ଶିହଳ ମୋଠୁ କିଛି ଦୂରରେ ବସିଛି । ମୁଁ କହିଲି—ତଳଟାରେ ବସିଛୁ କାହିଁକି ? ବିଛଣା ଉପରକୁ ଆସୁନୁ, ତୋ ରୂପକୁ କ'ଣ କିଏ ପିଇ ଯାଉଛି ?

ଶ୍ଳେଷ ଫାଜିଲ !

ମୁଁ ନୁହେଁ ମ । ଯେ ଫାଜିଲ ସେ ଅଦୃଶ୍ୟରେ ଅଛନ୍ତି । ସମୟ ହୋଇ ଆସିଲଣି ଯେ । ଆପେ ଆପେ ଫାଜିଲକୁ ଦେଖିବୁ । କିନ୍ତୁ ସେତେବେଳେ ଫାଜିଲ ବୋଲି କ'ଣ କହି ପାରିବୁ ଆଜ୍ଞ ?

ଦେଖ, ଏଣୁ ତେଣୁ ବକିଲେ ମୁଁ ଉଠିଯିବି । ଅଝଟିଆ କଣ୍ଠରେ ଶିହଳ କହିଲା ।

ଆଚ୍ଛା, ଲାଜ କରୁଛୁ ପରା ? ଜମାରୁ ମନ ଥିବ କି ? ଏକୁଟିଆ ବେଳେ ଶୋଇ ଶୋଇ ଅଙ୍ଗୁଳି ରେଖା ଗଣୁଥିବ କିଏ ମ ?

ବୃଥା ଅଭିମାନରେ ଶିହଳର ମଣ୍ଡାପିଠା ପରି ମୁହଁଟି ଲାଲ ହୋଇ ଉଠିଲା । ସରମରେ ସଢ଼ି ଯାଇଛି ସେ ।

ଆଉ ଟିକିଏ ଚଡ଼େଇ ଦେଇ ମୁଁ କହିଲି—ରାଗ କଲୁ ପରା । କିନ୍ତୁ ଭିତର ମନ କ'ଣ ଝୁରୁଛି କହିଲୁ ? ଇମିତି ନରମ କଥା ଆହୁରି ଦୁଇପଦ ଶୁଣିବା ପାଇଁ । ସତେମ—ଯେ ଯାହାକୁ ଭଲ ପାଉଥାଏ, ତା ଅନୁପସ୍ଥିତିରେ ତା'ର କଥା ଘଣ୍ଟା ଘଣ୍ଟା ଧରି ଭାବିବାକୁ, ନିଜ ସାଥୀମାନଙ୍କ ସହିତ ତା ବିଷୟ ଆଲୋଚନା କରିବାକୁ ବେଶ୍ ଭଲ ଲାଗେ ନୁହେଁ ?

ରାଗରେ ତମ ତମ ହୋଇ ଶିହଳ ଉଠି ଯାଉଥିଲା । ହଠାତ୍ ସାମନାରୁ ପଶି ଆସିଲେ ଶାଶୁ । ହାତରେ ଧରିଥିବା ଜଳଖିଆ ଥଳ ମୋ ଆଗରେ ରଖି ଦେଉଁ ଦେଉଁ କହିଲେ—କୁଆଡେ ଯାଉଛୁ କି ? ଯା'ତ କାଚ ଗିଲାସ ଧୋଇ ଭାଇ ପାଇଁ ଗିଲାସେ ପାଣିଆଣିବୁ ।

ହାତ ଧୁଅ ବାବୁ ! ଜଳଖିଆ ଟିକେ ଖାଇଦିଅ ।

ଇଚ୍ଛା ନ ଥିଲେ ବି ଭଦ୍ରତା ରକ୍ଷାକରି ହାତ ଧୋଇଲି । ଶିହଳ ଗିଲାସେ ପାଣିଧରି ଫେରିଛି । ଡାକିଲି—ଆ ଖାଇବୁ ।

ଲାଜରେ ସେ ନୀରବ ଅଭିଯୋଗ ବାଢ଼ିଲା ।

ଶାଶୁ କହିଲେ, ଶରଧାରେ ଡାକିଲେ କ'ଣ ଲାଜ କରନ୍ତି ?

ମୁହଁକୁ ପୋଛି ସେ ଖାଇ ବସିଲା । ସେ ପର୍ଯ୍ୟନ୍ତ କଂରୁ ତା'ର ରାଗ ଅମିଣ୍ଟ । ମୋର ରହସ୍ୟବୋଲା କଥାରେ ସେ ଭୀଷଣ ଚିଡ଼ି ଯାଇଛି । ଖାଇସାରିବା କ୍ଷଣି ଆଉ ମୁହୂର୍ତ୍ତେ ବି ଅପେକ୍ଷା ନକରି ବାହାରକୁ ଚାଲିଗଲା । ମୋ ପାଖରେ ଶାଶୁ ବସିପଡ଼ି ପୁଣି ଆରମ୍ଭ କଲେ ଦୁଃଖ ସୁଖ ।

ମାଉସୀ...ମାଉସୀ.......

ବାହାରେ କାହାର ପରିଚିତ କଣ୍ଠସ୍ୱର ଶୁଭିଲା । ଶାଶୁ ଉତ୍ଫୁଲ୍ଲ ହୋଇ ଜବାବ ଦେଲେ—କିଏ, ଅଳକା ? ଆସ ଭିତରକୁ ।

ହାଇହିଲ ଯୋତାର ଆୱାଜ ସୃଷ୍ଟି କରି ଭିତରକୁ ପଶି ଆସିଲା ତନ୍ୱୀ ଅଳକା । ମୋ ଉପରେ ତାର ଆଖି ପଡ଼ିଯିବା ମାତ୍ରେ ହଠାତ୍ ସେ ଚମକି ଉଠିଲା । ମୁଁ ବି ନିଜ ଭିତରେ ଅତି ଭୟଙ୍କର ଭାବରେ କମ୍ପି ଉଠିଥିଲି । ମୁହଁ ମୋର ଅଜଣା ଆଶଙ୍କାରେ ମଉଳି ପଡ଼ିଲା । ଅଳକାର ସନ୍ଦେହ ଭରା ଚାହାଣିରେ ଲକ୍ଷ ପ୍ରଶ୍ନବାଚୀର ଇଙ୍ଗିତ । ଅପଲକ ଭ୍ରୂଲତା ଟେକି ସେ ନିର୍ବାକ ପାଲଟି ଯାଇଛି ।

ମୁଁ ବି ତାପାଇ ଅଶୁଭ ଭାବନାରେ ବେଦମ ହୋଇ ଉଠିଲିଣି । ଅଳକା ମୋର ପରିଚିତା । ଥରେ ନୁହେଁ, ଦୁଇ ଥର ନୁହେଁ—ଥର ଥର କରି ଅନେକ ଥର ତାକୁ ଦୀପାଲୀ ପାଖରେ ଦେଖିଛି । ତା ସାଥିରେ ଦୀପାଲୀର ଘନିଷ୍ଠ ବନ୍ଧୁତା । ଆମ ଦୁହିଁଙ୍କର ଜୀବନର ବୃତ୍ତ ଅଳକାକୁ ଅଛପା ନାହିଁ । ଦୀପାଲୀ ଜରିଆରେ ମୋର ମଧ୍ୟ ତା ସହିତ ବେଶ ମନ ଖୋଲି କଥାବାର୍ତ୍ତା ହୁଏ । ସେହି ଅଳକା ଆଜି ଏପରି ଏକ ଜଟିଳ ପରିସ୍ଥିତିରେ ଅନାହୁତା ପରି ଦେଖା ଦେଇଛି ମୋ ଆଗରେ ।

ମୋର ବର୍ଦ୍ଧିଷ୍ଣୁ ବୟସର ଆଶାୟୀ ମନ ଭିତରେ ଦୁନିଆର ସବୁ କିଛି ଭୟ ଆସି ଜମା ହୋଇଛି । ମୁଁ ବିବାହିତ ବୋଲି ଅଳକା ଯଦି ଜାଣିପାରେ...

ଶାଶୁ ଆଗ୍ରହରେ ପଚାରିଲେ—ଏହାଙ୍କୁ ଚିହ୍ନୁ ନାହଁ ? ତୁମରି ସେଇ କଟକରେ ଏହାଙ୍କ ଘର । ବଙ୍ଗାଳୀ ଘରର ଝିଅ । ଖୁବ୍ ସୁନ୍ଦର ବ୍ୟବହାର । ମାଟ୍ରିକ୍ୟୁଲେସନ ପାସ୍ କରିଛନ୍ତି । ନାଁ, ଅଳକା, ଏଇ ଆମ ଗାଁ ପାଖ କୁସୁମପୁର ଗାଁକୁ ଗଲା ମାସରେ ଗ୍ରାମସେବିକା ହୋଇ ଆସିଛନ୍ତି । ଶିଉଳି

ସାଥିରେ ଖୁବ ମନ ମିଳିଛି । ସେଥିପାଇଁ ପ୍ରତି ସପ୍ତାହରେ ଥରେ ଦୁଇଥର ଆମ ଘରକୁ ବୁଲି ଆସନ୍ତି ।

ତା ପରେ ଅଳକାକୁ ମୋ ପରିଚୟ ଦେବାକୁ ଯାଇ ଗୋଟି ଗୋଟି କରି ସବୁକଥା ଖୋଲି ଦେଲେ ତା ଆଗରେ । ଶେଫାଳୀକୁ ଯେ ମୁଁ ଭଲ ପାଇ ବିବାହ କରିଛି ଏକଥା ମଧ୍ୟ କହିବାକୁ ସେ ଭୁଲି ଗଲେନି ।

ପରିଚୟ କରାଇ ଦେବାପରେ କହିଲେ ସେ—ବସ ଅଳକା । ଏଥର ତ ପରିଚିତ ହେଲ । କଥାବାର୍ତ୍ତା ହେଉଥାଅ । ମୁଁ ତୁମ ଲାଗି ପାନ ଆଣେ ।

ଶାଶୁ ଉଠିଗଲେ । ହେଲେ ଅଳକା ବସି ପାରିଲାନି । ତା ଦେହରେ ପ୍ରାଣ ନଥିଲା ସେତେବେଳକୁ । ମାଟି ଲେପା କାନ୍ଥକୁ ଆଉଜି ପଡ଼ି ସେ ମୂକ ପାଲଟି ଯାଇଛି ।

ମୁଁ ଅତିଷ୍ଠ ହୋଇ ଉଠିଥିଲି । ଗ୍ରୀଷ୍ମ ଜର୍ଜ୍ଜରିତ ଘୂର୍ଣ୍ଣି ପରି ମଥା ମୋର ଘୂରୁଥିଲା । ଅଳକା ନିଶ୍ଚୟ ମୋ ବିବାହ ସମ୍ପର୍କରେ ଦୀପାଳୀକୁ ଜଣାଇ ଦେବ । ମୋର ଏ ଦୀର୍ଘ ପ୍ରତାରଣାର ପରଦା ଖୋଲିଯିବ ଆଉ କେତୋଟି ମୁହୂର୍ତ୍ତ ଭିତରେ । ଦୀପାଳୀ ଜାଣିବ....ମାଉସୀ ଶୁଣିବେ । ତାପରେ···? ତାପରେ ମୋର ଅବସ୍ଥା ହେବ କ'ଣ ? ମୋ କୃତଘ୍ନତା ପାଇଁ ଦୁନିଆଁରେ କେହିବି ମୋତେ କ୍ଷମା ଦେଇ ପାରିବେନି । ଏତେ ଦିନର ସ୍ନେହ ମମତା ଉପରେ ପଡ଼ି ମାଟିର ଏକ ବହଳ ଆସ୍ତରଣ ନେଶି ହୋଇଯିବ ଆଖି ପଛୁଳାକେ···

ହଠାତ୍ ଅଳକାର ଗୋଟିଏ ହାତକୁ ଚାପି ଧରି ଗଦ୍ ଗଦ୍ କଣ୍ଠରେ କହିଲି—ମୋତେ କ୍ଷମା ଦେବନି ଅଳକା ?

କ୍ଷମା ! ଆପଣ କା' କ ଅନ୍ୟାୟ କରିଛନ୍ତି ?

ତୁମ ପାଖରେ କରିନି; କିନ୍ତୁ ଦୀପାଳୀ ନିକଟରେ ଯେଉଁ ଅନ୍ୟାୟ କରି ବସିଛି ତାର ବିଚାର ତୁମେ କରିବ । ମୁଁ ଅନ୍ୟାୟ କରିଛି···ମୋ ପ୍ରାଣ ଅନ୍ୟାୟ କରିଛି···ମୋ ହୃଦୟର ପ୍ରତ୍ୟେକ ଅଣୁ ପରମାଣୁ ଅନ୍ୟାୟ କରି ବସିଛି । ତୁମରି ଉପରେ ବର୍ତ୍ତମାନ ସମ୍ପୂର୍ଣ୍ଣ ନିର୍ଭର କରୁଛି ମୋର

ଦୀର୍ଘ ଭବିଷ୍ୟତ ଆଉ ବିରାଟ ଜୀବନ । ତୁମେ କ'ଣ ମୋତେ ହତାଶ କରିବ ଅଳକା ?

ଆପଣ କି ପ୍ରକାର ଉପକାର ଚାହାନ୍ତି ମୋଠାରୁ ?

ବେଶୀ କିଛି ନୁହେଁ । ତୁମେ ମୋ ବିବାହ ସମ୍ପର୍କରେ ଦୀପାଳୀକୁ ଆଦୌ କିଛି କହିବନି । ସେ ଯିମିତି ଏହାର ଗନ୍ଧ ପର୍ଯ୍ୟନ୍ତ ନ ପାଏ । ବୁଝି···ପାରିଲ ?

ଅଳକାର ଅନ୍ତର ଚିରି ଦୀର୍ଘଶ୍ୱାସ ଉଠିଲା ।

ଘରେ ବିବାହିତା ସ୍ତ୍ରୀ ଥାଇବି ଆପଣ ଆଉଜଣେ ସୁକୁମାରୀ କୁମାରୀର ସରଳ ସବୁଜ ଜୀବନକୁ ଜାଣି ଜାଣି ଧ୍ୱଂସ ମୁଖକୁ ଟାଣିନେଲେ କାହିଁକି ବିଜୁବାବୁ ? ଏପରି ଛଳନାରେ କି ତୃପ୍ତି ପାଇଲେ ଆପଣ ?

ଛଳନା ନୁହେଁ ଅଳକା ! ବାସ୍ତବିକ୍ ମୁଁ ଦୀପାଳୀକୁ ଜୀବନଠାରୁ ଅଧିକ ଭଲପାଏଁ । ମୋ ହୃଦୟ ଖୋଜେ ଦୀପାଳୀର ସାନିଧ୍ୟ···ମୋର ଆକୁଳ ମନ ଖୋଜେ ତାର ପରଶ । ତାକୁଇ ଝୁରି ଝୁରି ମରିବି ମୁଁ । ଏ ମୋର ଅନ୍ତରର କଥା ଅଳକା !

କିନ୍ତୁ ଆପଣ ଯେ ବିବାହିତ ! ତା ଆଖିରେ ଲୁହ ଚହଲିଲା ଆପଣ କିମିତି ବା ଦୀପାଳୀକୁ ତୋଳି ଆଣିବେ ଆପଣାର କରି ? ନାରୀ ହୋଇ ମୁଁ ଏ ହୀନତା ପାଇଁ ଆପଣଙ୍କୁ ପ୍ରଶ୍ରୟ ଦେଇ ପାରେ ନାଁ ।

ସେ ବିଷୟ ନେଇ ଚିନ୍ତା କରନି ତୁମେ, ଦେଖିବ ଦିନ କେଇଟା ଭିତରେ ଦୁନିଆଁ ଓଲଟ ପାଲଟ ହୋଇ ଉଠିବ । ଶେଫାଳୀକୁ ମୁଁ ଭଲ ପାଏ ନା । ତାକୁ ବିବାହ କରି ମୁଁ ସୁଖୀ ହୋଇ ପାରିନି । ଗୃହ ଭିତରଟା ମୋର ମରୁଭୂମି ପାଲଟି ଯାଇଛି । ତୁମେ ମୋର ଏ ବିପଦ ସମୟରେ ପାଷାଣୀ ହୋଇ ଉଠନା ଅଳକା । ତୁମର କଣିକାଏ ଅନୁଗ୍ରହ ପାଇଁ ମୁଁ ତୁମ ପାଦତଳେ ଆଜି ଭିକାରୀ ।···କହୁ କହୁ ମୋ ଆଖି ଅଶ୍ରୁ ଛଳ ଛଳ ହୋଇ ଆସିଲା ।

ଅଳକା ଦଣ୍ଡେ କ'ଣ ଭାବିଲା । ତା ପରେ ଆଉ ଗୋଟିଏ ଶୁଖିଲା ନିଶ୍ୱାସ ଗ୍ରୁଣ୍ଡି ଭଙ୍ଗା କଣ୍ଠରେ କହିଲା—ଆପଣଙ୍କର ଅନୁରୋଧ ରଖିବା ପାଇଁ ମୁଁ ଚେଷ୍ଟା କରିବି ବିଜୁବାବୁ !

ବାହାରେ ପାଦଶବ୍ଦ ଶୁଭିଲା । ଅଳତାର ହାତ ଗୁଣ୍ଡ ପଛେଇ ଗଲି ମୁଁ । ଶାଶୂ ପାନ ଥାଳିଅଟି ଅଳତା ଆଗରେ ରଖିଦେଲେ ।

ମୁଁ ଯିବାପାଇଁ ବାହାରିଲି ।

ଆଉ କେବେ ଆସିବ ? ଶାଶୂ ପଚାରିଲେ ।

ସୁବିଧା ଦେଖି ଆସିବି !

ଅଧିକା ପ୍ରଶ୍ନ ପଚାରିବାକୁ ଅବସର ନଦେଇ ମୁଁ ପଦାକୁ ବାହାରି ଆସିଲି । ମୋ ଗ୍ରୁଡ଼ ଭିତରଟାରେ ସତେ ଯିମିତି କିଏ ହାତୁଡ଼ିରେ ଆଘାତ କରୁଛି, ସେଇଆ ମୁଁ ଅନୁଭବ କରୁଥାଏ ।

*

*      *

*

ବାଟବଣା ରାସ୍ତା ପରି ପ୍ରେମର ରାସ୍ତା ମଧ୍ୟ ଅସରନ୍ତି, ଥରେ ସେ ରାସ୍ତାରେ ପାଦ ଦେଲେ ଶେଷରେ ନପହଞ୍ଚିବା ପର୍ଯ୍ୟନ୍ତ ପ୍ରାଣ ତୃପ୍ତି ହୁଏ ନା । ସେ ରାସ୍ତାରେ ଯିଏ ଦୁର୍ଘଟଣା ଜମେ ଅଟକି ଯାଏ, ତାର ଅନୁତାପରେ ଜୀବନଟା ଦଗ୍ଧ ହୋଇଯାଏ ।

ଖାପାଲି ଚିଠି ଦେଇଛ । ଥର ଥର କରି ପଢ଼ିଛି ଅନେକଥର । ତଥାପି ମନ ପୂରୁନି । ସବୁଜର ଲହୁଲା ଜଅଁ ଭିତରୁ ସ୍ନେହ ଶୀତଳ ସ୍ପର୍ଶର କଳ୍ପନା କରି ଖାପାଲିର ଚିଠିଟିକୁ ପୁଣି ଥରେ ଖୋଲିଲି ।

ଅତି ସୋହାଗର 'ତୁମେ' !

ଚାଙ୍କୁ ଭୁଲିଗଲ ଅଥଚ ଗୋଟିଏ ମୁହୂର୍ତ୍ତ କ'ଣ ସମୟ ମିଳିଲାନି ତୁମକୁ ଆସିବାପାଇଁ ? ତୁମ ହାତର ଦୁଇଧାଡ଼ି ଲେଖା ପାଇ ମୁଁ ଯେ କେତେ ଦୂର ଆହତ ହୋଇ ହଉଛି ସେ କଥା ତୁମେ କପରି ବୁଝିବ ? ସତେ କହ, ତୁମ ଚିଠି ପଢ଼ି ଅଭିମାନରେ ଗ୍ରୁଡ଼ ଭିତରଟା ଖିନ୍ ଭିନ୍ ହୋଇ ହଉଛି । କିନ୍ତୁ କାହା ଉପରେ ବା ଅଭିମାନ କରିବି ? କିଏ ଅଛି ପାଖରେ ? ମନ-

ଦୁଃଖକୁ ମନରେ ମାରି ଆଖିର ଲୁହ ଧାରରେ ତୁମ ଚିଠିଟି ବଉସାଇ ଦେଉଛୁ । ତଥାପି କ'ଣ ବୁଝିବ ତୁମେ ?

କେଇଟି ଦିନ କେବଳ ଯାଇଛି କିନ୍ତୁ ମୋର ମନେ ହେଉଛି ଯେପରି ଯିମିତି ଅନେକ ଦିନ ହେବ ତୁମକୁ ଦେଖିନି । ଆଖି ଦୋ'ଟି ଆକୁଳ ହୋଇ ଖୋଜୁଛି ତୁମକୁ । ତୁମ ସାଥିରେ ସବୁବେଳେ କଥାହୋଇ ମନଟା ଇମିତି ଚଗଲା ହୋଇ ଯାଇଛି ଯେ ଆଉ କାହା ସାଥିରେ କଥା ହେବାକୁ ଆଦୌ ମନ ହେଉନି । ମୁଁ ମୂକ ପାଲଟି ଯାଇଛି ।

କେବେ ଆସୁଛ କୁହତ ! ନିହାତି ନିଛୁଟିଆ ଲାଗୁଛି । ଖୁବ୍ ଶୀଘ୍ର ଚାଲି ଆସିବ । ମୋ ରାଣ···ନହେଲେ ମୁଁ ବଞ୍ଚିବି କେମିତି ? ମୋ ଚିଠି ପାଇବାର ଦୁଇଟି ଦିନ ଭିତରେ ମୁଁ ଯେମିତି ତୁମକୁ ଦେଖିବାକୁ ପାଏଁ । ନଚେତ୍ ବିଶ୍ୱାସ କର ଆଉ କମାରୁ ତୁମକୁ କଥା କହିବିନି ।

ହଁ, ଗୋଟାଏ ଖବର ଶୁଣିବ ? ମାଉସୀ ଗତ କାଲିଠାରୁ କଲିକତା ଯାଇଛନ୍ତି । ମଉସା ଯାଉଥିଲେ । ତାଙ୍କ ସାଥିରେ ସେ ଗଲେ । ତୁମ ପାଖକୁ ଚିଠି ଦେବା ପାଇଁ ବେଳ ପାଇ ନାହାନ୍ତି । ହଠାତ୍ ତ ଚାଲିଗଲେ । କଲିକତାରୁ ହୁଏତ ଚିଠି ଲେଖି ପାରନ୍ତି । ମୋତେ ସାଥିରେ ନେବାପାଇଁ ଟଁକ୍ ଧରିଥିଲେ । ମୁଁ ଗଲିନି । ତୁମେତ ନାହଁ, ଆଉ ଏକାକିଆ କାହିଁକି ବା ଯାଆନ୍ତି ? କଲିକତାର ମୋହ ଆଉ ମୋ ମନରେ ନାହିଁ ।

ରହିଲି । ତୁମେ ଆସୁଛ କି ନାହିଁ କୁହତ ! ନିଶ୍ଚୟ ଆସିବ—ମୋ ରାଣ । ଏଁ—ମନେ ରହିଲା ତ ?

ତୁମର ପ୍ରାପ୍ୟ ନେବ ।

ତୁମର 'ମାନସୀ'

ଏକା ନିଶ୍ୱାସରେ ଚିଠିଟିକୁ ଶେଷ କରି ନେଇ ଛାତିରେ ଥରେ ଚାପି ଧରିଲି । କି ତୃପ୍ତି ! ନିରାଶା ଭିତରେ ଆଶାର ଦମକା ପବନ ପୁଣି ବୁକୁ ତଳେ କଲକଲ ହୋଇ ହଲି ଉଠିଲା । ମନ ଭିତରେ ପ୍ରତିଜ୍ଞା ଉଠିଲା, କାଲି ନିଶ୍ଚୟ ଏ ସବୁର ଗୋଟିଏ ନିଷ୍ପତ୍ତି କରି ମୋତେ ଗାଁ ଛାଡ଼ିବାକୁ ପଡ଼ିବ । ଶେଫାଳୀ ଜଳି ଯାଉ, ପୋଡ଼ିଯାଉ, ଲିଭିଯାଉ, ସେଥିପାଇଁ

ମୋର ଦୁଃଖ ନାହିଁ । କିନ୍ତୁ ଘାପାଳୀ କଥା ରଖିବାକୁ ହେବ । ତା ଗୁଣର ମାନ ଦେବାକୁ ପଡ଼ିବ । ସେଥିପାଇଁ ବିଦ୍ରୋହର ବହ୍ନି ଜାଳି ଦେବାକୁ ପଛୁଇବ କାହିଁକି ?

ଚିଠି ଖଣ୍ଡିକ ଗୁଞ୍ଜି ପକେଟରେ ରଖୁଛି, ହଠାତ୍ ଭିତରକୁ ପଶି ଆସିଲା ଶେଫାଳୀ । ନୀଳ କାଗଜ ଉପରେ ତାର ଚାହାଣି ପଡ଼ିବା ମାତ୍ରେ ଥମି ଗଲା ସେ । ବୋଧହୁଏ ସନ୍ଦେହ କରି ବସିଛି । ଧୀରେ ପାଖକୁ ଆସି କହିଲା—କି ଚିଠି ପଢ଼ା ହେଉଛି ଯେ ?

ରୁକ୍ଷ କଣ୍ଠରେ ଉତ୍ତର ଦେଲି—ତୁମର ସେଥିରେ କ'ଣ ଅଛି ?

ପଚାରିବାର ମୋର କ'ଣ ଅଧିକାର ନାହିଁ ?

କିନ୍ତୁ ସେ ଅଧିକାର ଅନେକ ଦିନୁ ତୁମେ ହରାଇ ବସିଛ···

ଶେଫାଳୀ ରାଗରେ ଫୁଲି ଉଠି କହିଲା—ଅଧିକାର ବୋଧହୁଏ ସେ ନୀଳ ଚିଠି ଲେଖିକାଟି ଲୁଟି ନେଇଛି ମୋଠୁଁ । ହେଉ, ଦୁଃଖ ନାହିଁ ମୋର ସେଥିରେ । ଗୋଟିଏ କଥା ପଚାରିବି, କହିବ ?

କୁହ ।

ମୋ ପାଇଁ ତୁମର ଅଶାନ୍ତି ନା ?

ମୁଁ ଉତ୍ତର ଦେଲିନି ।

ସତ କୁହ ! ମୋ ପାଇଁ ତୁମ ଜୀବନ ଯଦି ହା ହୁତାଶରେ ଭରି ଉଠିଥାଏ, ତେବେ ତୁମେ ଆଉ ଗୋଟିଏ ବିବାହ କଲେ ମୁଁ ଆଦୌ ବାଧା ଦେବିନି । ମୁଁ ଜାଣେ ମୋତେ ଭଲ ପାଇ ତୁମେ ସୁଖୀ ହୋଇ ପାରିନ । ତୁମ ମୁହଁରେ ଥରେ ହସ ଦେଖିଲେ ମୋ ହୃଦ ଆନନ୍ଦରେ ନାଚି ଉଠିବ । ବାପା ଯଦି ରାଜି ନ ହୁଅନ୍ତି ତେବେ ମୁଁ ତାଙ୍କ ପାଦ ଧରି ମିନତି କରିବି ।

ବିଦ୍ରୂପ କରୁଛ ମୋତେ ଶେଫାଳି !

ଶେଷରେ ଏଇଆ ବୁଝିଲନା ତମେ ? ତୁମ ପାଦ ଛୁଇଁ କହୁଛି, ତୁମର ଆନନ୍ଦରେ ମୋର ପରମ ତୃପ୍ତି—ଚରମ ଗୌରବ ।

ଶେଫାଳୀ ମୋ ପାଦ ଛୁଇଁବାକୁ ଯାଉଥିଲା । ମୁଁ ଚଟକରି ପାଦକୁ ଘୁଞ୍ଚାଇ ନେଲି । କହିଲି—ଆଉ ଆବଶ୍ୟକ ନାହିଁ ।

ଶେଫାଳି କାନ୍ଦୁଛି ।

ଶେଷରେ ପାଦ ସେବାରୁ ବି ବଞ୍ଚିତ କଲ ? କାହିଁକି ? ତୁମର କୌଣସି ତୃପ୍ତିରେ ତ ମୁଁ ବାଧା ଦେଇନ । ସେ ମୋ ପାଦ ଦୋ'ଟିକୁ ଯୁଡ଼ି ଧରି କଇଁ କଇଁ ହୋଇ କାନ୍ଦି ଉଠିଲା ।

ତାପରେ ଆଉ ବାଧା ଦେଲିନି ମୁଁ । ଆଖିରେ ଯେତେ ଲୁହ ଅଛି ସବୁ ସରି ଯାଉ ! ଲୁହତକ ଶେଷ ହୋଇଗଲେ ଆଉ ତ ସରିବ ନାହିଁ ? ନିଷ୍ଠୁର ପରି ମୁଁ ଆଖି ବୁଜି ପଡ଼ି ରହିଲି । ସେ ସେମିତି କାନ୍ଦୁଥାଏ—

ଶେଷ ରାତିର ନିଘୋଡ଼ ନିଦ ଭିତରେ ସପନ ଦେଖିଲି । ଦୀପାଳି ମୋ ଦେହକୁ ଆଉଜି ପଡ଼ି କହୁଛି, କଣ ହେଲଣି ତୁମେ ? କି ସୁନ୍ଦର ରୂପ ତୁମର କେବଳ ଖରି ଖରି କଣ ହେଲଣି । ସତେ, ତୁମର ଏ ଫୁଙ୍ଗୁଳା ଦେହ ଜମାକୁ ବୁଝୁ ହେଉନି । କାହିଁକି ଇମିତି ହେଉଛ କହିଲ ? ସତେ କ'ଣ ଏତେ ଭଲ ପାଅ ମୋତେ ? କିନ୍ତୁ ଶେଷରେ ମତେ ଧରିଆଣୁ ପେଲି ଦେଇ ଆଉ ଗୋଟିଏ ତାହାକୁ ବିବାହ ହୋଇ ପଡ଼ିବନି ତ !

ଝୁହୁଁକିନା ସପନ ତୁଟି ଗଲା । ଆଖି ମଳି ମଳି ଦେଖିଲି କେହି ନାହିଁ, ଶେଫାଳୀ ସେମିତି ମୋ ପାଦ ତଳେ ଶୋଇ ଯାଇଛି ନିଦରେ । ଝୋଳ ସରକା । ମନ୍ଦ ଜହ୍ନର ଶେତା ଆଲୁଅ ଲିଭି ଲିଭି ଆସିଲଣି । ଆଉ ଟିକ ପରେ ସକାଳ ହେବ । ମନଟା ଛଟପଟ ହେଲା । ବାହାରକୁ ବାହାରି ଆସିଲି ବଛଣା ଛୁଞ୍ଚି ।

ଖରା ପଡ଼ିବା ପରେ ପରେ ଘରକୁ ଫେରିଆସି ଦେଖିଲି ବାପା ସୁଟକେସ୍ ଖୋଲି ପୁରୁଣା ପାଇଡ ପତ୍ର ଖେଳଉଛନ୍ତି । ନୀରବରେ ତାଙ୍କ ପାଖକୁ ଯାଇ ଠିଆ ହେଲି । କେତେବେଳକେ ସେ ଖାତା ଉପରୁ ମୁହଁ ଫେରାଇଲେ ।

କ'ଣ ରେ ବିଜୁ ?

ମୁଁ ଆଜି କଟକ ଯିବି ।

କାହିଁକି ? କ'ଣ ଇମିତି କରୁଛୁ ? ମୋର ତ ଛୁଟି ପୂରି ଆସିଲାଣି ସାଙ୍ଗ ହୋଇ ଯିବା ।

ନାଁ, ମୁଁ ଆଜ୍ଞା ଯିବି ।

ବାପା ମୋ ମୁହଁକୁ ଝଟମଟ କରି ଚାହିଁଲେ ।

ତୋର ଯଦି ଇମିତି ଯିବାଭଳିଆ ମୋତେ ପଚାରିବା ଦରକାର କ'ଣ ?

ଆପଣ ମୋ ପରିସ୍ଥିତି ବୁଝି ପାରୁ ନ ଥିବାରୁ କହିବାକୁ ବାଧ୍ୟ ହେଲି ?

ଢେର ବୁଝିଛୁ । ବୁଝିବାକୁ କ'ଣ ବାକି ରହିଛି ଯେ ?

ତେବେ କଟକ ଯିବାକୁ ବାଧା ଦେଉଛନ୍ତି କାହିଁକି ?

ଲଜ୍ଜା ଲାଗୁନି ତତେ ଏପରି କଥା କହିବାକୁ—ଘରେ ବିବାହିତା ସ୍ତ୍ରୀ । ହେଲେ ତୁ ପୁଣି ଜିଦ ଧରି ତାକୁ ବିବାହ କରିଥିଲୁ ? ଆଜି ଏ ପରିବର୍ତ୍ତନ କାହିଁକି ?

ସେ ସବୁ ମୋର ବ୍ୟକ୍ତିଗତ କଥା ବାପା !

ବ୍ୟକ୍ତିଗତ କଥା ? ଚଢ଼ା ଗଳାରେ ବାପା କହିଲେ—ଗୋଟିଏ ଚରିତ୍ରହୀନା ଝିଅ ଏଭଳି ଟେକି ଦେଲା ତୋର ବ୍ୟକ୍ତିଗତ କଥା ?

ଭଦ୍ର ଘର ଝିଅକୁ ଚରିତ୍ରହୀନା କହି ଆପଣ ଅନ୍ୟାୟ କରୁଛନ୍ତି ବାପା ! ଅନ୍ୟକୁ ଦୋଷୀ ଭାବି କିଛି ଲାଭ ନାହିଁ ।

ତେବେ କ'ଣ ଦୋଷ ମୋର ! ଚରିତ୍ରହୀନା ନ ହୋଇଥିଲେ ସେ ଗୋଟିଏ ବିବାହିତ ଯୁବକ ମୁଣ୍ଡକୁ ଏପରି ବିଗାଡ଼ି ଦିଅନ୍ତା କି ! ଦେଖ ବିଜୁ, ପୁଅ ପରି ଘରେ ରହିବୁ ତ ରହ, ଏପରି କୁକର୍ମ କଲେ ତୋର ଏ ଘରେ ସ୍ଥାନ ନାହିଁ, ଏଇ ମୋର ଶେଷ କଥା—ବାପା ମୋ ଉପରେ ତୀକ୍ଷ୍ଣ କଟାକ୍ଷ ହାଣି କହିଲେ ।

ଯେଉଁ ଘରେ ଶାନ୍ତି ନାହିଁ, ସେ ଘରେ ମୁହୂର୍ତ୍ତେ ବି ରହି ପାରିବନି ମୁଁ ।

ବିଜୁ ! ସ୍ୱରରେ ଚିଡ଼ି ଉଠିଲେ ବାପା । ସେମିତି ଚଢ଼ା ଗଳାରେ କହିଲେ, ତେବେ କହିବାକୁ ଚାହୁଁଛୁ ଶେଫାଳୀ ତୋର ପସନ୍ଦ ନୁହଁ, କିନ୍ତୁ କିଏ ତତେ ଜିଦ ଧରିଥିଲା ଶେଫାଳୀକୁ ବାହା ହବାକୁ—ଶେଫାଳୀକୁ ଛାଡ଼ି ଆଉ ଗୋଟିକୁ, ତାକୁ ଛାଡ଼ି ଆଉ ଗୋଟିକୁ—ଛି, ଛି—ଏପରି ଛତର ହେଲୁଣି ବୋଲି ମୋର ଧାରଣା ନଥିଲା—କିନ୍ତୁ ଶୁଣି ରଖ, ଦୁନିଆ ପ୍ରଳୟ

ହେଲ ଯାଉ ପଛେ ଶେଫାଳୀ ଏଇ ଘରର କୁଳବୋହୂ ହୋଇ ରହିବ, ନିଶ୍ଚୟ ରହିବ—ଏମିତିଆ ପୁଅ ଥିଲେ କେତେ ନଥିଲେ କେତେ--

ଭଲ କଥା—ଏଇଆ ଯେବେ ଆପଣଙ୍କ ଶେଷ କଥା, ମୁଁ ଚାଲିଲି ।

ଅନ୍ତର ମୋର ରାଗରେ କୁହୁଳି ଉଠିଥିଲା । ଶେଷରେ ତାହା ଧୁ ଧୁ ହୋଇ ଜଳି ଉଠିଲା । ବାପା ମଧ୍ୟ ସେଇପରି ଆଣ୍ଠରେ କହିଲେ—ହଁ, ଏଇ ମୋର ଶେଷ କଥା ।

ଆଉ ଦଣ୍ଡେ ଅପେକ୍ଷା ନକରି ଘୃଣା ଓ ରାଗରେ ଶୋଇବା ଘର ଭିତରକୁ ପଶି ଆସିଲି । ଶେଫାଳୀ ଅନେକ ବେଳୁ ଉଠି ଆସି ଆମର କଥାବାର୍ତ୍ତା ଶୁଣୁଥିଲା । ଆଖିରୁ ଲୁହ ଧାର ଛୁଟି ଚାଲିଛି ତାର ।

କୁଆଡେ ଯାଉଛ ? ଛଳ ଛଳ କଣ୍ଠରେ ସେ କହିଲା ।

ହାର୍ଟଫେଣ୍ଡିକ ଦେହରେ ଗଳାଇ ଦେଇ କହିଲି—ତୁମଠାରୁ ବହୁ ଦୂରକୁ । ଏଥର ତୁମେ ନିଶ୍ଚିନ୍ତରେ ରହିପାର ।

ଛି, ବାପାଙ୍କ କଥାରେ ଇମିତି ରାଗ କରନ୍ତି ? ମୋ ରାଣ, ଯାଅନାହିଁ ତୁମେ । ମୁଁ ତୁମକୁ ଜୀବନ ଦେଇ ସାହାଯ୍ୟ କରିବି । ତମେ ଘର ଛାଡନି ।

ମୁଁ କାହାରି ସାହାଯ୍ୟ ଚାହେଁନା ଶେଫାଳି !

ମୁଁ ଚାଲି ଆସିବାକୁ ଆଗେଇ ଆସିଲି; କିନ୍ତୁ ଶେଫାଳି ଦୁଆର ମୁହଁକୁ ଓଗାଳି ଠିଆ ହୋଇ ରହିଲା ।

ରାସ୍ତା ଛାଡ ଶେଫାଳି !

ନାଁ ଛାଡିବିନି । ତୁମେ କେବେ ଯାଇ ପାରିବନି—ଅନ୍ତର ଥରା କୋହରେ ସେ ମୋ ଅଣ୍ଟାକୁ ଜାବୁଡ଼ି ଧରିଲା ।

ତା ହାତ ଛଡାଇବା ପାଇଁ ଚେଷ୍ଟା କଲି । କିନ୍ତୁ ମୋ ଅଣ୍ଟାରେ ତା ହାତ ଚାପି ପଡ଼ି ଯାଇଛି । ଆକୁଳ କଣ୍ଠରେ ମିନତି କରି କେତେ କ'ଣ ସେ କହି ଚାଲିଲା—କିନ୍ତୁ ତାର କୌଣସି କଥା ଯେପରି ମୋ ଅନ୍ତର କୁହରରେ ପ୍ରବେଶ କଲାନି । ବରଂ ମୋ ପ୍ରାଣ ଶେଫାଳୀ ବିରୁଦ୍ଧରେ ବିଦ୍ରୋହ କରି ଉଠିଲା—ମୁଁ ଶକ୍ତ ଠେଲା କରି ଠେଲି ଦେଲି ତାକୁ । କାନ୍ଥ ଦେହରେ ଧକ୍କା ଖାଇ ଥରି ଥରି ଲେଟି ପଡ଼ିଲା ସେ ଚଟାଣ ଉପରେ ।

ମୁଣ୍ଡ ଫାଟି ନହୁନୁହାଣ ହୋଇଗଲା । ଆର୍ତ୍ତ ଚିତ୍କାର କରି କଇଁ କଇଁ କାନ୍ଦି ଉଠିଲା ସେ ।

ଶବ୍ଦ ଶୁଣି ବୁଢ଼ୀ ମା ଧାଇଁ ଆସିଲା । ଭୂଇଁରେ ଲୋଟି ପଡ଼ିଛି ଶେଫାଳୀ । ରକ୍ତ ଦେଖି ମା ହାନିଆଁ ହୋଇଗଲା । ତାକୁ କୋଳରେ କୋଳ ଧରି କାନ୍ଦି ଉଠିଲା ମା ।

ପାଗଳଙ୍କ ପରି ସବୁ କାମ ଛାଡ଼ି ଧାଇଁ ଆସିଲେ ବାପା । ଶେଫାଳୀର ଅବସ୍ଥା ଦେଖି ବିମୂଢ଼ ହୋଇ ପଡ଼ିଲେ ସେ । ହୃଦୟରେ ତାଙ୍କର ନିଆଁ ଜଳୁଛି । ଆଖିରେ ହିଂସ୍ର ଛଟା ।

କ'ଣ କଲୁ ତୁ ମୂର୍ଖ ? କହି ମୋ ଗାଲରେ ଶକ୍ତ ଗୋଟାଏ ଚଟକଣା ବସାଇ ଦେଲେ ।

ଶେଫାଳୀ କାନ୍ଦୁ କାନ୍ଦୁ ପାଟିକରି ଉଠିଲା—ତୁମେ ତାଙ୍କୁ ମାରନା ବାପା ! ଆପଣଙ୍କୁ ମିନତି କରୁଛି ମତେ ଆମ ଘରେ ଛାଡ଼ି ଦେଇ ତାଙ୍କୁ ସୁଖୀ କରନ୍ତୁ...ସେ ସୁଖୀ ହେଲେ ମୁଁ ସୁଖୀ ହେବି ।

ବାପାଙ୍କର ରାଗ କମିନି । ସେ କେମିତି କହି ଚାଲିଛନ୍ତି—ଗୋଟାଏ କୁଳାଙ୍ଗାରକୁ ଜନ୍ମ ଦେଇ ମୁଁ ଅନୁତାପ କରୁଛି । ଯିଏ ଆମ ସମସ୍ତଙ୍କ ସୁଖକୁ ଜାଳି ପୋଡ଼ି ଦେଲା, ତାକୁ ମୁଁ ସୁଖୀ କରିବ ଘରକୁ ଗୋଟିଏ ଛତରଖାଇ ଆଣି । ତା ହେଇ ପାରିବନି । ଆଜଠାରୁ ସେ ମୋର କେହି ନୁହେଁ ।

କାହାରି କଥାକୁ କାନ ନ ଦେଇ ମୁଁ ଘରୁ ବାହାରି ଆସିଲି । ପଛରୁ ଶେଫାଳୀର ମୂର୍ଚ୍ଛିତ କଣ୍ଠସ୍ୱରରେ ବାତାବରଣ କମ୍ପି ଉଠିଥାଏ, ତାଙ୍କୁ ଛାଡନା ବାପା...ଛାଡ଼ି ଦିଅନ୍ତୁ ତାଙ୍କୁ...ତାଙ୍କର ଘର, ସେ ଯିବେ କୁଆଡେ...ମୁଁ ଚାଲିଯିବି...ବାପା ! ବାପା !!

ଆଉ କିଛି ଶୁଣା ଗଲାନି । ବୋଧହୁଏ ଶେଫାଳୀ ଚେତନା ହରାଇ ଥିଲା !

ମୁଁ ପଛକୁ ନ ଚାହିଁ ଏକ ଲକ୍ଷ୍ୟରେ ଚାଲିଥାଏ ଜଙ୍ଗଲ ଅଭିମୁଖେ...

*
*     *
*

ଦୀର୍ଘ ଛ ଘଣ୍ଟା ବାଟ ଚାଲିବା ପରେ କଟକ ମାଟି ଛୁଇଁଲା । ସେତେବେଳକୁ ରାତି ନ'ଟା ହୋଇଯାଇ ଥିଲା । ଜନ କୋଳାହଳ ଧୀରେ ଧୀରେ କମି ଆସୁଥାଏ । ଦଣ୍ଡେ ଘଡ଼ିଏ ଗୁଡ଼ିଏ ଗୋଟାଏ ଦୁଇଟା ରିକ୍ସା ଛୁଟା ଛୁଟି କରୁଥାଏ ।

କଟକରେ ପହଞ୍ଚି ପ୍ରଥମେ ଦୀପାଲୀ ସହିତ ସାକ୍ଷାତ କରିବା ପାଇଁ ମନଟା ଆକୁଳ ହୋଇ ଉଠିଲା । ଦୁଇପଦ ମନଖୋଲା କଥାବାର୍ତ୍ତା ପରେ ହୁଏତ ଚଞ୍ଚଳ ମନଟା ସାମାନ୍ୟ ଶାନ୍ତ ଧରିବ ।

ରିକ୍ସା ଗୁଡ଼ିଏ ଏକ ସଙ୍କୀର୍ଣ୍ଣ ଗଳି ପଶିଲା । ଆଗରେ ଦୀପାଲୀର ତ୍ରିତଳ ପ୍ରାସାଦ ଅସ୍ପଷ୍ଟ ଆଲୋକରେ ଝାପ୍ସା ଦେଖା ଯାଉଛି । ପ୍ରେୟସୀ ପାଇଁ ଏଇ ଚନ୍ଦ୍ରାଲୋକିତ ରାତି ହିଁ ଚରମ ଉପଲବ୍ଧିର ଅନୁକୂଳ ବାତାବରଣ । ଦୀପାଲୀ ସ୍ୱପ୍ନକଳ୍ପିତ ମନରେ ହୁଏତ ଶୁଭ୍ର କୋମଳ ଶଯ୍ୟା ଉପରେ ଢାଳେଇ ପଡ଼ିଥିବ ।

ବାରଣ୍ଡା ଉପରକୁ ଉଠିଆସି ଡାକିଲି—ପୂର୍ବାଶା···

କେତେବେଳେକେ ଭିତରୁ ନିଦୁଆ କଣ୍ଠରୁ ବାହୁଲା ଭୁଲା ଜବାବ ଆସିଲା—କିଏ ?

କବାଟ ଖୋଲ ତ !

ଚାକର ଟୋକା କବାଟ ମୁକୁଳା ଦେଇ ହାଇ ମାରିଲା । ପଚାରିଲି— ଦୀପାଲୀ କ'ଣ ଶୋଇ ଗଲାଣି ?

ହଁ, ଅଜ୍ଞା ! ଆଜି ତାଙ୍କର କ'ଣ ହୋଇଛି କେଜାଣି ସଞ୍ଜ ପହରୁ ଖଣ୍ଡିଏ ଚିଠି କେଉଁଠୁ ପାଇ ଖାଲି କାନ୍ଦୁଛନ୍ତି । ଏଇତ ଘଡ଼ିଏ ହେବ ନ ଖାଇ ଶୋଇ ଯାଇଛନ୍ତି । ଉପରକୁ ଯାଆନ୍ତୁ ।

ଜବାବ ନ ଦେଇ ଉଠିଲି ଉପରକୁ । ଉପର ମହଲାର ମଝି କୋଠରୀଟି ଦୀପାଳୀର ଶୋଇବା ଘର । ଦଣ୍ଡେ ଠିଆ ହୋଇ କବାଟର ଫାଙ୍କ ବାଟେ ଭିତରକୁ ଚାହିଁଲି । ଦୀପାଳୀ ଶୋଇନି । ନରମ ସୋଫା ଉପରେ ବସି ସେ କିବସ୍ଥ ମନରେ ଭାବୁଛି କେତେ କ'ଣ । କୌଣସି ଏକ ନିର୍ଦ୍ଦିଷ୍ଟ ବିନ୍ଦୁ ଉପରେ ତାର ଛଳ ଛଳ ଡୋଳା ଦୁଇଟି ନିବଦ୍ଧ ।

ମୃଦୁ କଣ୍ଠରେ ଡାକିଲି—ଦୀପାଳି !...

କିଏ ? ଚମକି ଉଠି ସେ ଜବାବ ଦେଲା ।

ମୁଁ ବିଜୟ ।

ତାପରେ ଦୁଆର ଖୋଲିଗଲା । ଦୀପାଳୀ ଝାଉଁଳାଲତା ପରି ଆସି ଛିଡା ହେଲା ଆଗରେ । ତାପରେ ମୁହଁ ଫେରାଇ ଭିତରକୁ ଚାଲିଗଲା ।

ଏତେ ରାତି ହେଲାଣି । ଶୋଇନ ଯେ ?

ନିଦ ହେଉନି । ଅସ୍ପଷ୍ଟ କଣ୍ଠରେ ସେ ଉତ୍ତର ଦେଲା ।

କ'ଣ ସବୁ ଭାବୁଥିଲ ବୋଧହୁଏ ?

ହଁ, ଭାବିବା ପାଇଁ ଉପାଦାନ ଯଥେଷ୍ଟ ମିଳିଛି....କିନ୍ତୁ ଭାବି କେମିତି ଚୁହନ୍ତୁ ? ହଁ, ଆପଣ ଏତେ ରାତିରେ କୁଆଡୁ !

ବର୍ତ୍ତମାନ ତ ଗାଁରୁ ଆସି ପହଞ୍ଚିଲି ।

ବସାକୁ ଯାଇ ନାହାନ୍ତି ?

ନା ।

କ'ଣ ଏତେ ଜରୁରୀ କାମ ମୋ ପାଖରେ ଥିଲା ଯେ ବସାକୁ ନ ଯାଇଁ ସିଧା ଏଠାକୁ ଚାଲି ଆସିଲେ । କାଲି ଭୋରରୁ ଆସିଥିଲେ କ'ଣ ହୋଇ ନ ଥାନ୍ତା ?

ତୁମର ହାତ ଲେଖା କେଇ ଧାଡି ମୋତେ ଜୋର୍ କରି ଏ ରାତିରେ ବି ତମ ପାଖକୁ ଟାଣି ଆଣିଲା । ବସାକୁ ଯାଇଥିଲେ ମୋତେ କ'ଣ ଶାନ୍ତି ମିଳି ଥାଆନ୍ତା ?

ସତେ ? ମୋ ପାଖରେ ତେବେ ଶାନ୍ତି ପାଇବା ପାଇଁ ଆସିଲେ ଆପଣ ? କଥାରେ ବିଦ୍ରୁପର ବୋଳ ଦେଇ କହିଲା ଦୀପାଳୀ ।

ସେ ବିଶ୍ୱାସ ଆଉ ଭରସା ମୋର ଅଛି ଦୀପାଳୀ ।

ବିଶ୍ୱାସ ଆଉ ଭରସା ? ଗାମ୍ଭୀର୍ଯ୍ୟ ସ୍ୱରରେ ଦୀପାଳୀ ପଚାରିଲା । ମଣିଷର ବୁଦ୍ଧି ବିବେକ ଖଟେଇ ତାର ଅର୍ଥ କେବେ ବୁଝିବାକୁ ଚେଷ୍ଟା କରିଛନ୍ତି ଆପଣ ? ମୋର ମନେ ହୁଏ ଆପଣ ସେ ରାସ୍ତା ଦେଇ କେବେ ଯାଇ ନାହାନ୍ତି ।

ଦୀପାଳୀର କଥାବାର୍ତ୍ତାରୁ ମୋର ସନ୍ଦେହୀ ମନ ଅଧିକରୁ ଅଧିକ ହତାଶ ହେଉଥାଏ । କିନ୍ତୁ କଥାର ମର୍ମ ବୁଝି ନ ପାରିଲା ଭଳି ମୁଁ ତା ମୁହଁକୁ ସନ୍ଦେହଭରା ଦୃଷ୍ଟିରେ ଚାହିଁଲି ।

ସତରେ ବିଜୁବାବୁ, ପୁରୁଷ ହୋଇ ଆପଣ କାପୁରୁଷତାର ପରିଚୟ କିପରି ଦେଲେ ?

ସାମାନ୍ୟ ବିଚଳିତ ହୋଇ କହିଲି—ମୋ ଉପରେ ଅଭିମାନ କରିଛ ଦୀପାଳୀ ?

ଅଭିମାନର ପ୍ରଶ୍ନ ଆଉ ଉଠୁନି । ଦୟା କରି ଆପଣ ଫେରି ଯାଆନ୍ତୁ ମୋ ପାଖରୁ । ସେଥିରେ ମୁଁ ଖୁସି ହେବି ।

ଦୀପାଳୀ···

ଆପଣଙ୍କୁ ଚିହ୍ନିବାକୁ ଆଉ ବାକି ନାହିଁ ବିଜୁ ବାବୁ ! ଯେଉଁ ଛଳନାର ଆବରଣ ତଳେ ଆଜି ପର୍ଯ୍ୟନ୍ତ ନିଖୁଣ ଅଭିନୟ କରି ଆସିଥିଲେ ତାର ଯବନିକା ଆଜି ଖୋଲି ଯାଇଛି । ଜଳନ୍ତା ନିଆଁରେ ଆହୁତି ନ ଦେଇ ଆପଣ ଫେରି ଯାଆନ୍ତୁ ।

ମୋତେ ଭୁଲ ବୁଝନି ଦୀପାଳି !

ଆପଣଙ୍କର କେଉଁଟା ଠିକ କହିଲେ ? ଆପଣଙ୍କ ଲେଖା ଗଳ୍ପ ଭୁଲ···ଉପନ୍ୟାସ ଭୁଲ···ଅଭିନୟ ଭୁଲ···ଆଉ ଆପଣ ନିଜେ ବି ଭୁଲ । ଛି, ଛି, ଏତେବଡ଼ ଅନ୍ୟାୟ କରିବା ପାଇଁ ଆପଣ କେମିତି ସାହସ କଲେ ? ଗୋଟିଏ ଅନୂଢ଼ାର ଭବିଷ୍ୟତ ଜାଳି ଦେଇ କି ଲାଭ ପାଇଥାଆନ୍ତେ ଆପଣ ? ମୋ ଆଖି ଖୋଲି ଦେଇଛି କିଏ ଜାଣ ? ଅଳକା !

ଅଳକା ନାଁ ଶୁଣି ଚମକି ଉଠିଲି ମୁଁ ।

ଭସ୍ମ କରନ୍ତୁନ ବଜୁବାବୁ ! ସ୍ନେହ-ମମତା ଓ ଭଲ ପାଇବା ଗୋଟାଏ ବ୍ୟବସାୟ ନୁହେଁ ।

ଝୁଦ୍ଧ ବେଦନାରେ ବ୍ୟଥିତ ହୋଇ କହିଲି—ମୋତେ ବିଶ୍ୱାସ କର ଦୀପାଳୀ । ତୁମକୁ ମୁଁ ମୋ ଜୀବନଠାରୁ ଅଧିକ ଭଲ ପାଏଁ । ଶେଫାଳୀ ମୋର କେହି ନୁହେଁ । ତୁମର ପାଇଁ ଆଜ ମୁଁ ସବୁ ଛାଡ଼ି ଧାଇଁ ଆସିଛୁ ତମର ପାଖକୁ ।

ଜୀବନରେ ମୋ ପରି ଶେଫାଳୀକୁ ବି ଜଣେ ଭଲ ପାଇଥିଲେ ନା··· ଇମିତି ଛଳ ଛଳ ଆଖିର ଅଶ୍ରୁ ନଗାଡ଼ି ବାପ ମା'ଙ୍କ ପାଖରେ ଜୁଲମକରି ତାକୁ ବିବାହ କରିଥିଲେ ନା ? କୁଆଡ଼େ ଗଲା ସେ ସ୍ନେହ ? ଧନ ଦେଇଟା ମୋ' ସହିତ ମିଳାମିଶାରେ ତାକୁ ପାଶୋର ଦେଇ ବସିଲେ ? କୁଆଡ଼େ ଗଲା ସେ ପ୍ରେମ !

ଏତେ ନିଷ୍ଠୁର ହୋଇ ହଠନା ଦୀପାଳୀ । ମୋ ଅବସ୍ଥା ବିଚାର-କର ।

ନାରୀ ନିଷ୍ଠୁର ନୁହେଁ । ସେ କେବେ ଛଳନା ବା ବିଶ୍ୱାସଘାତକତା କରେନା···ଏଇ କୃତଘ୍ନ ପୁରୁଷ ତାକୁ ଛଳନା ଶିଖାଏ··· ନିଷ୍ଠୁରତାର ବିଷ ତା ହୃଦୟରେ ଭରି ଦିଏ ।

କିନ୍ତୁ ମୁଁ କ'ଣ କେବେ ଭଲପାଇବାର ଛଳନା କରିଛି ତୁମ ପାଖରେ ଦୀପାଳି !

ଆଉର ଛଳନା କରିବାକୁ ବାକି ଅଛି ? ଆପଣ ଏତେ ଦିନ ଧରି ମୋ ରୂପକୁ ଭଲ ପାଉଥିଲେ, ମୋର ବୟସକୁ ଆଦର କରୁଥିଲେ—କିନ୍ତୁ ହୃଦୟକୁ ଭଲ ପାଉନଥିଲେ··· ଟିକିଏ ରହି ଯାଇ ବେଦନାହତ କଣ୍ଠରେ କହି ଚାଲିଲା ଦୀପାଳୀ—

ନିଜ ଲାଲସାର ଚରିତାର୍ଥ ପାଇଁ ଆପଣ ଗୋଟିଏ କଅଁଳ କୁମାରୀ ଜୀବନ ସହିତ ଯେଉଁ ଖେଳ ଆରମ୍ଭ କରିଥିଲେ, ତାର ପରିଣତି କେବେ କଳ୍ପନା କରିଥିଲେ ବଜୁବାବୁ ! ଶେଫାଳୀକୁ ଜାଳିପୋଡ଼ି ପୁଣି କହୁଛନ୍ତି ଶାନ୍ତି ପାଇବାକୁ ଆସିଛନ୍ତି ମୋ ପାଖକୁ । ଲଜ୍ଜା ଲାଗୁନି ଆପଣଙ୍କୁ···ତାପରେ

ଦୀପାଳୀ ଶେଯ ଉପରେ ଲୋଟିପଡ଼ି କାନ୍ଦି ଉଠିଲା । ସେମିତି କାନ୍ଦି କାନ୍ଦି କହିଲା—ଚାଲିଯାଆନ୍ତୁ ଏଠୁ...

ମୋ ଆଖି ବି ଛଳ ଛଳ ହୋଇ ଆସିଥିଲା । ଭଙ୍ଗା କଣ୍ଠରେ କହିଲି—ଘରେ ବିଦ୍ରୋହ କରି ଧାଇଁ ଆସିଥିଲି ତୁମ ପାଖକୁ ଦୀପାଳି, ମତେ ହତାଶ କରନା ? ଇମିତି ଜୋରକରି ତଡ଼ି ଦିଅନା ମୋତେ ?

ନାଗୁର ବିଜୁବାବୁ ! ଆପଣ ଫେରି ଯାଆନ୍ତୁ । ଅନ୍ତରର ସବୁ ଭଲ ପାଇବା ଦେଇ ମୁଁ ଅନୁରୋଧ କରୁଛି—ଆପଣ ଶେଫାଳୀ ପାଖକୁ ଫେରି ଯାଆନ୍ତୁ । ତେଣେ ସେ ଆଖିରୁ ଲୁହ ନଗାଡ଼ି ଚାହିଁ ବସିଥିବ । ସେ କି ଆକୁଳ ପ୍ରତୀକ୍ଷା ନାରୀ ହୋଇ ମୁଁ ତା' ଅନୁଭବ କରୁଛି । ତାକୁ ମୁଁ ଚକ୍ଷୁରେ ନ ଦେଖିଥିଲେ ବି ଗୋଟିଏ କାନ୍ତବିଧୁରା ପଲ୍ଲୀବଧୂର ସଜଳ ଆଖି ମୋ ଆଗରେ ନାଚି ଉଠୁଛି । ମୁଁ ତା ସହିତ ପ୍ରତାରଣା କରି ପାରିବିନି, ଆପଣ ଫେରି ଯାଆନ୍ତୁ । ଏବେବି ସେ ଆପଣଙ୍କର ଲେଉଟାଣି ପଥକୁ ଚାହିଁ ବସିଛି । ଗୋଟାଏ ଦୁଃସ୍ୱପ୍ନ ପରି ମୋତେ ପାଶୋରି ଦିଅନ୍ତୁ ।

ଏହା କ'ଣ ତୁମ ଅନ୍ତରର କଥା ଦୀପାଳୀ ? ମୋ ଉପରେ ତୁମର କ'ଣ ବିଶ୍ୱାସ ନାହିଁ ?

ଦୀପାଳୀ ଦୀର୍ଘଶ୍ୱାସ ଛାଡ଼ିଲା.... !

ଲେଖକ ଆପଣ । ମଣିଷର ମନକଥା ଆପଣଙ୍କ ଲେଖାରେ କୁଆଡେ ଫୁଟି ଉଠେ । ତେବେ ବି ଆପଣ ଗୋଟିଏ ନାରୀ ହୃଦୟକୁ ବୁଝି ପାରୁ ନାହାନ୍ତି ?

ମୋତେ କ୍ଷମାଦିଅ ଦୀପାଳି ! ଉଠିଯାଇ ଉଦ୍‌ବେଗରେ ତାର ଗୋଟିଏ ହାତକୁ ଚାପି ଧରିଲି ।

ପଛକୁ ହଟିଗଲେ ସେ ।

ଆପଣ ଆଜି ମୋ ପାଖରୁ ବହୁ ଦୂରକୁ ଚାଲି ଯାଇଛନ୍ତି । ତେବେ ବି ଅନ୍ତରରେ ଆପଣଙ୍କ ପ୍ରତି ମୋର ଶ୍ରଦ୍ଧା ଅଛି । ଆପଣଙ୍କର ବିଷାକ୍ତ ପରଶ ମୋର ଆଉ ଲୋଡ଼ା ନାହିଁ କବି......ଆପଣଙ୍କ ପ୍ରତିଭା ପ୍ରତି ମୋର ଆଦର ଅଛି । ମନେଥିବ, ଆପଣଙ୍କୁ ଥରେ କହିଥିଲି "ନାରୀ ଜୀବନରେ ଭଲପାଏଁ

ଜଣକୁ । ତାହା କେବେ ଖଣ୍ଡ ଖଣ୍ଡ ହୋଇ ପାରେନା ।” ମୋର ପହିଲି ବୟସରେ ଭେଟିଛି ଆପଣଙ୍କୁ...ନିଜକୁ ସମର୍ପି ଦେଇଛି ଆପଣଙ୍କ ନିକଟରେ···ସେଇ ଭଲ ପାଇବାର ସ୍ମୃତି ଚିରଦିନ ରହିବ ମୋ ହୃଦୟରେ । ବସ୍ତୁବାଦୀ ପୃଥିବୀରେ ନାରୀ ପୁରୁଷର ସମ୍ବନ୍ଧ ଯାହାହେଉ ପଛକେ, କିନ୍ତୁ ଏହା ନିରାଟ ସତ୍ୟ ଯେ ସବୁ ପୁରୁଷ କି ସବୁ ନାରୀ ଭିତରେ ଭଲ ପାଇବା ଏକମାତ୍ର ସତ୍ୟ ନୁହେଁ, କିନ୍ତୁ ଥରେ ହୃଦୟର ବିନିମୟ ହେଲାପରେ ତାହା ଆଉ ବିଯୁକ୍ତ ହୁଏନା, କବି ! ସବୁଦିନ ପାଇଁ ଦୀପାଳୀ ହୃଦୟରେ ତମର ଆସନ ଉଚ୍ଚରେ ରହିବ । କିନ୍ତୁ ତମେ ଏଇ ମୁହୂର୍ତ୍ତରେ ଶେଫାଳୀ ପାଖକୁ ଫେରିଯାଅ...ସେତିକିରେ ମୁଁ ସୁଖୀ ହେବି । ସେତିକି ମୋ ପାଇଁ ଢେର—ଆଉ କିଛି କହି ପାରିଲାନି ଦୀପାଳୀ । କଣ୍ଠ ତାର ରୁଦ୍ଧ ହୋଇ ଆସୁଥିଲା । ହଲ୍‌କାପର ସେ ଆଉ ଗୋଟିଏ କୋଠରୀକୁ ପଶି ଯାଇ ଭିତରୁ ଶିକୁଳି ଦେଇ ଦେଲା ।

ବିମୂଢ଼ ହୋଇ ଉଠିଥିଲି ମୁଁ । ପ୍ରାଣହୀନ ଦେହରେ ଦଣ୍ଡେ ଠିଆ ହୋଇ ରହିଲି ସିମିତି । ମୋତେ ଜଣାଗଲା ମୁଣ୍ଡ ଉପର ଛାତଟା ଧୀରେ ଧୀରେ ଖସି ଆସୁଛି ତଳକୁ । ମୋର କଲିଜା ଥରି ଦୀର୍ଘ ନିଶ୍ୱାସ ଭିତରେ ନୀଳ ବିଜୁଳି ଆଲୋକ ଗୋଳି ହୋଇ ଉଠିଛି । ଗୋଟାଏ ହୋସରେ ତଳକୁ ଖସିଲି । କ'ଣ ଯେ ଭାବୁଥିଲି ସେ କଥା ନିଜେ ବି ମୁଁ ବୁଝି ପାରୁ ନଥିଲି ।

ସାମନାରେ ମାଉସୀଙ୍କର ଧୋବଲା କୋଠା । ସଦର ଦରଜାରେ ତାଲାଟିଏ ଝୁଲୁଛି । ସତେ ଯିମିତି ସେଇ କୋଠା ଭିତରୁ କିଏ ଧାଇଁ ଆସୁଛି ମୋ'ରି ଆଡ଼େ । ହୃଦୟ ମୋର କାନ୍ଦି ଉଠିଲା···ଅକୁହା ବେଦନାରେ ଜର୍ଜରିତ ହୋଇ ।

ସ୍ୱପ୍ନିଳ ତମସାର ସୁପ୍ତତା ଉପରେ ମୃଦୁ ପରଶ ଅଜାଡ଼ି ଶାନ୍ତ ପବନ ବହୁଛି ଆକାଶର କେଉଁ ଏକ ସୀମାହୀନ କୋଣରୁ ! କଳା ସନ୍ଧିର ଝଡ଼ ଭିତରେ ତନ୍ଦ୍ରାଭିଭୂତ ଦୁନିଆଁ ନିଶୀଥିନୀର କୋଳ ତଳେ ସଜ୍ଞା ହରାଇଛି । ନୀରବତାର ଫାଙ୍କା ସଜଣ୍ଟ ସ୍ୱରଆଜେ ।

ଘାତ ବିଘାତ ମନରେ ବାରଣ୍ଡା ଉପରକୁ ଉଠିଆସିଲି । ଅବଶ ଡେଣା ଦୁଇଟି ଉଠିଗଲେ ଉପରକୁ । ମଥା ଉପରେ ପବନର ଗାର କାଟି ଗୋଟିଏ ନୀଡ଼ହରା ପକ୍ଷୀ ତାର ଛନ୍ଦଭରା କୂଜନରେ ଆକାଶକୁ ମୁଖର କରି ଉଡ଼ି ଯାଉଥିଲା ବିରହଦଗ୍ଧା ସାଥିନୀର ଅନ୍ୱେଷଣରେ । ପାଖ ଚର୍ଚ୍ଚର ଘଣ୍ଟା ବାରଥର ବାଜି ଉଠି ନୀରବ ହେଲା । ବିଚିତ୍ର ଏ ଜଗତ··· ବିଚିତ୍ର ତାର ସୃଷ୍ଟି । ସାଥୀ ଲୋଡ଼େ ନିଜ ସାଥିନୀ ଆଉ ସାଥିନୀ ଖୋଜେ ସାଥୀ । ଗୋଟିକର ଅଭାବରେ ଅନ୍ୟଟିର ପ୍ରାଣ ଏଇ ପକ୍ଷୀଟି ପରି ହାହାକାର କରି ଉଠେ କିନା !!! ଏଇତ ପ୍ରେମ···ଦୁଇଟି ହୃଦୟର ମିଳନହିଁ ପ୍ରଣୟ ।

ଆଖିର ଲୁହରେ ଦୃଷ୍ଟି ମୋର ଝାପ୍‌ସା ହୋଇ ଉଠିଥିଲା । ତାରି ଭିତରେ ମିଳନ ବ୍ୟାକୁଳ ଶେଫାଳୀର କାତର ଚାହାଣୀ ଥରେ ନାଚି ଉଠିଲା । ମନରେ ବାରମ୍ବାର ପ୍ରଶ୍ନ ଉଙ୍କିଲା—ଶେଫାଳୀ ମତେ କ୍ଷମା ଦେବତ ?

'ସ୍ନୃଟଗ୍', କଟକ

ଆରମ୍ଭ—ତା୧୦।୨।୫୭

ଶେଷ—ତା୨୦।୪।୫୭

Printed, Published & Edited by Banshidhar Bhuyan at Krushak Press for Jana-Sahitya.